

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



ବର୍ଷ- ୧୧ ସଂଖ୍ୟା-୨୨୩ ଭୁବନେଶ୍ୱର ରବିବାର, ମଇ ୦୪.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.223 Bhubaneswar, Sunday, May 04, 2025


## ପାରାଦୀପ ବନ୍ଦର ଭିତରେ ମର୍ମନ୍ତୁଦ ଦୁର୍ଘଟଣା ଦୁଇ ହାଇଓ୍ୱା ଡ୍ରାଇଭର ମୃତ, ୪ ଫାଟକ ଆଗରେ ଧାରଣା



ଜଗତସିଂହପୁର,୩/୫: ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଦୁର୍ଘଟଣା ଘଟିଛି। ଏଠାରେ ହାଇଓ୍ୱାକୁ ଧକ୍କା ଦେଲା ଲୁହାପଥର ବୋଝେଇ ଟ୍ରକ୍। ଦୁଇଜଣ ହାଇଓ୍ୱା ଡ୍ରାଇଭର ମୃତ। ଦୁଇ ମୃତକ ହେଲେ ଅସ୍ତରଙ୍ଗର ରତ୍ନାକର ସ୍ୱାଇଁ ଓ ଷଣ୍ଢକୁଦର ଚନ୍ଦନ ଜେନା। ଦୁଇ ଡ୍ରାଇଭର ରତ୍ନାକର ସ୍ୱାଇଁ ଓ ଚନ୍ଦନ ଜେନା ଏକ ବ୍ରେକ୍ ଡାଉନ୍ ହାଇଓ୍ୱାର ମରାମତି କାମ କରୁଥିଲେ । ଏହି ସମୟରେ ଏକ ଟ୍ରକ୍ ସେମାନଙ୍କ ଉପରକୁ ମାଡ଼ିଯାଇଥିଲା। ବନ୍ଦରର ଆଇ ୧୦ ପ୍ଲଟ ସମ୍ମୁଖରେ ଘଟିଥିଲା ଏହି ଅଭାବନୀୟ ଘଟଣା। ଧକ୍କା ଦେଇଥିବା ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ବନ୍ଦର ନିଷିଦ୍ଧାଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ରାତି ତିନିଟାରୁ ପ୍ଲଟକୁ ପଣ୍ୟ ପରିବହନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ହାଇଓ୍ୱା ଡ୍ରାଇଭରମାନେ ବନ୍ଦରର ୧,୨,୩ ଓ ୪ ନମ୍ବର ଗେଟ ସମ୍ମୁଖରେ ଧାରଣା ଦେଇଛନ୍ତି। ଦୁଇ ଡ୍ରାଇଭର ରତ୍ନାକର ସ୍ୱାଇଁ ଓ ଚନ୍ଦନ ଜେନା ଏକ ବ୍ରେକ୍ ଡାଉନ୍ ହାଇଓ୍ୱାର ମରାମତି କାମ କରୁଥିଲେ । ଏହି ସମୟରେ ଏକ ଟ୍ରକ୍ ସେମାନଙ୍କ ଉପରକୁ ମାଡ଼ିଯାଇଥିଲା। ବନ୍ଦରର ଆଇ ୧୦ ପ୍ଲଟ ସମ୍ମୁଖରେ ଘଟିଥିଲା ଏହି ଅଭାବନୀୟ ଘଟଣା। ଧକ୍କା ଦେଇଥିବା ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ବନ୍ଦର ନିଷିଦ୍ଧାଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ରାତି ତିନିଟାରୁ ପ୍ଲଟକୁ ପଣ୍ୟ ପରିବହନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ହାଇଓ୍ୱା ଡ୍ରାଇଭରମାନେ ବନ୍ଦରର ୧,୨,୩ ଓ ୪ ନମ୍ବର ଗେଟ ସମ୍ମୁଖରେ ଧାରଣା ଦେଇଛନ୍ତି।

## କଟକରେ ଅଘଟଣ

# ବ୍ରିଜରୁ ଖସିଲା ସ୍ଲାବ, ୩ ମୃତ

କଟକ,୩/୫: କାଠଯୋଡ଼ି ରିଂ ବନ୍ଧର ସଂପ୍ରସାରଣ ପାଇଁ ନଈ ଭିତରେ ସେତୁ ନିର୍ମାଣ କାମ ଚାଲିଥିବା ବେଳେ ଘଟିଛି ଅଘଟଣ। କ୍ରେନ୍ ଭାଙ୍ଗି ଦୁଇ ଜଣ ଇଂଜିନିୟର ଓ ଜଣେ ସୁପରଭାଇଜରଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆଜି ଅପରାହ୍ଣ ସାଢ଼େ ପାଞ୍ଚଟା ସମୟରେ ଅରୁଣୋଦୟନଗର ଗଡ଼ାର ଅପରପାର୍ଶ୍ୱରେ ନଈ ଭିତରେ ନିର୍ମାଣ କାର୍ଯ୍ୟ ଚାଲିଥିଲା। ଠିକାସଂସ୍ଥା ଆରକେଡି ସେତୁ ଉପରେ ପାଖାପାଖି ୯୦ ଫୁଟ ଲମ୍ବର ସ୍ଲାବ୍ ଖଞ୍ଜିବା ପାଇଁ ଦୁଇଟି କ୍ରେନ୍ ଲଗାଇଥିଲା। କ୍ରେନ୍ ଦୁଇଟି ସ୍ଲାବ ଉଠାଉଥିବା ବେଳେ ଗୋଟିକର ହାଇଡ୍ରୋଲିକ୍ ସଂଯୋଗ ଛିଣ୍ଡି ଯାଇଥିଲା। ଫଳରେ କ୍ରେନ୍‌ର ଲୁହା ଆଙ୍ଗେଲ୍ ମାଡ଼ରେ ସେଠାରେ ନିୟୋଜିତ ଥିବା ଇଂଜିନିୟର ଓ ଶ୍ରମିକ ଅଘଟଣର ଶିକାର ହୋଇଥିଲେ। କ୍ରେନ୍‌ର ଆର୍ମ କୁହାଯାଉଥିବା ଲମ୍ବା ଲୁହା ଅଂଶ କାଠଯୋଡ଼ି ଭିତରକୁ ଛିଟିକି ପଡ଼ିଛି। ଉପରକୁ ଉଠାଯାଉଥିବା ସ୍ଲାବ୍‌ଟି ମଧ୍ୟ ଦୁଇ ଖଣ୍ଡ ହୋଇଯାଇଛି। ସେହି ସମୟରେ ୭ ଜଣ ଶ୍ରମିକ ଓ ଇଂଜିନିୟର କାମ କରୁଥିବା କୁହାଯାଉଛି। ସେମାନଙ୍କ ମଧ୍ୟରୁ ଘଟଣାସ୍ଥଳରେ ଇଂଜିନିୟର

**କଟକ ବଡ଼ଡାକ୍ତରଖାନାରେ ଆଉ ୨ ଗୁରୁତର**
**ତଦନ୍ତ ପାଇଁ ୩ ଜଣିଆ କମିଟି ଗଠନ କଲେ ମନ୍ତ୍ରୀ**
**ଜିଲ୍ଲାପାଳ ବି ଗଠନ କଲେ ୩ ଜଣିଆ ଟିମ୍**
**ମୃତକଙ୍କ ପରିବାରକୁ ୫ ଲକ୍ଷ ଲେଖାଏଁ ସହାୟତା**



ସୌମ୍ୟରଞ୍ଜନ ମଲ୍ଲିକ, ଇଂଜିନିୟର ଶିବଶଙ୍କର ପଟ୍ଟନାୟକ ଓ ସୁପରଭାଇଜର ସୁବାସ ଚନ୍ଦ୍ର ଭକ୍ତଙ୍କର ମୃତ୍ୟୁ ଘଟିଥିଲା। ସୌମ୍ୟରଞ୍ଜନଙ୍କ ଘର ବାଲେଶ୍ୱର ହୋଇଥିବା ବେଳେ ସୁବାସଙ୍କ ଘର ପଶ୍ଚିମବଙ୍ଗ ଓ ଶିବଶଙ୍କର କଟକର ବାସିନ୍ଦା। ସମସ୍ତ ମୃତକଙ୍କ ବୟସ ୩୦ ପାଖାପାଖି ହେବ ବୋଲି କୁହାଯାଉଛି। ଏହି ଘଟଣାରେ ଆହତ ଅରୁଣ ବାରିକ ଓ ବିକଳ ଜେନାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅରୁଣଙ୍କ ଘର ପୁରୀ ଓ ବିକଳ ଜେନାଙ୍କର ଘର ଆଠଗଡ଼ରେ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମେୟର ସୁବାସ ସିଂହ, ବିଧାୟକ ସୌଭିକ ବିଶ୍ୱାଳ, ବିଧାୟକ ସୋଫିଆ ଫିରଦୋସ, ବିଧାୟକ ପ୍ରକାଶ ସେଠୀ ପ୍ରମୁଖ କଟକ ବଡ଼ ଡାକ୍ତରଖାନାରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ଅନ୍ୟପଟେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ଥିତି ଅନୁଧ୍ୟାନ କରିଛନ୍ତି।

ବିଧାୟକ ସୋଫିଆ ଫିରଦୋସ, ବିଧାୟକ ସୌଭିକ ବିଶ୍ୱାଳ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଘଟଣାର ତଦନ୍ତ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ନେତୃତ୍ୱରେ ୩ ଜଣିଆ କମିଟି ଗଠନ କରିଛନ୍ତି। ଏହି କମିଟିରେ ମୁଖ୍ୟଯନ୍ତ୍ରୀ ଓ ଏଡିଏମ୍ ସଦସ୍ୟ ରହିବେ। ଏହି କମିଟି ୧୫ ଦିନ ଭିତରେ ତଦନ୍ତ ରିପୋର୍ଟ ଦେବ। ଆହତମାନଙ୍କ ସବୁ ପ୍ରକାର ଚିକିତ୍ସା ଦାୟିତ୍ୱ ସରକାର ବହନ କରିବେ ବୋଲି ମନ୍ତ୍ରୀ କହିଛନ୍ତି। ସେପଟେ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଅନ୍ୟପଟେ କଟକ ସଦର ଉପଜିଲ୍ଲାପାଳ, ଆର ଆଣ୍ଡ ବି-୨ ଅଧୀକ୍ଷଣ ଯନ୍ତ୍ରୀ ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ନେଇ ଗଠିତ କମିଟି ଘଟଣାର ତଦନ୍ତ କରି ୭ ଦିନ ଭିତରେ ରିପୋର୍ଟ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଦୀଘା ଦିଅଁ ବିବାଦ: ଆକ୍ସନ୍ ମୋଡ୍‌ରେ ପ୍ରଶାସନ

# ସବୁ ନିଯୋଗକୁ ନୋଟିସ୍ ଜାରି

ପୁରୀ,୩/୫: ଦୀଘା ଜଗନ୍ନାଥ ମନ୍ଦିର ପ୍ରସଙ୍ଗକୁ ନେଇ ତନାଘନା କରିଛି ଶ୍ରୀମନ୍ଦିର ପ୍ରଶାସନ। ଗତକାଲି ଆଇନ ମନ୍ତ୍ରୀ ଲୋଡ଼ିଥିବା ରିପୋର୍ଟ ଆଧାରରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଆଜି ବାଡ଼ଗ୍ରାହୀ, ବିଶ୍ୱକର୍ମା ମହାରଣାଙ୍କ ସମେତ ବରିଷ୍ଠ ସେବକ ଓ ସେବାୟତଙ୍କ ସହ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଆଲୋଚନା କରିଛନ୍ତି। ବିଶେଷ କରି ନବକଳେବର ସମୟରେ ବଳକା ଥିବା ଦାରୁରେ ସେଠାରେ ବିଗ୍ରହ ନିର୍ମାଣ ହେବା ଓ ସେହି ସ୍ଥାନକୁ 'ଜଗନ୍ନାଥ ଧାମ' ନାମିତ କରିବା ଉପରେ ତନାଘନା ହୋଇଛି। ମିଳିଥିବା ସୂଚନା ଅନୁସାରେ, ଆସନ୍ତାକାଲି ଦଇତାପତି ନିଯୋଗ ସଭାପତି, ସମ୍ପାଦକଙ୍କ ସହ ଆଲୋଚନା ହେବ। ନିଜେ ରାମକୃଷ୍ଣ ମହାପାତ୍ର ଉପସ୍ଥିତ ରହି ଦୀଘା ଜଗନ୍ନାଥ ମନ୍ଦିର ବିବାଦ ପ୍ରସଙ୍ଗରେ ସ୍ପଷ୍ଟୀକରଣ ରଖିବେ। ବୈଠକରେ ଚାରି ବାଡ଼ଗ୍ରାହୀଙ୍କ ମଧ୍ୟରୁ ତିନି ବାଡ଼ଗ୍ରାହୀ ଉପସ୍ଥିତ ଥିଲେ। ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ପୁରୀ ଜଗନ୍ନାଥ ଧାମ ଛଡ଼ା ଆଉ କେଉଁଠି ଜଗନ୍ନାଥ ଧାମ ହେବା ଅସମ୍ଭବ। ଏହାକୁ ଆମେ ଘୋର ବିରୋଧ କରିଛୁ। କୋଇଲି ବୈକୁଣ୍ଠରେ



ଦାରୁ ଘର ରହିଛି। ଏହା ସମ୍ପୂର୍ଣ୍ଣ ନିଷିଦ୍ଧାଞ୍ଚଳ। ଏଠାରୁ ବଳକା ଦାରୁ କିଏ ଏବଂ କିଭଳି ନେଲା ଆମେ କିଛି କହିପାରିବୁ ନାହିଁ। ସିଧାସଳଖ ସମ୍ପାଦକଙ୍କ ସହ ଶ୍ରୀମନ୍ଦିର ପ୍ରଶାସନ ଆଲୋଚନା କରୁ। ଦୀଘାରେ ଥିବା ପଥରମୂର୍ତ୍ତିକୁ ଆମେ ନିନ୍ଦା କରିଥିଲୁ। ଶ୍ରୀଜଗନ୍ନାଥଙ୍କ ସ୍ୱତନ୍ତ୍ର ପରମ୍ପରା, ସଂସ୍କୃତିକୁ ଏମିତି ବିକୃତ କରା ନଯାଉ। ତିନି ବିଶ୍ୱକର୍ମା ମହାରଣାଙ୍କ ସହ ଆଲୋଚନା ବେଳେ ବଳକା ଦାରୁକୁ ନେଇ ବୈଠକ ସରଗରମ ହୋଇଥିଲା। ବଳକା ଥିବା ଦାରୁରେ ୩ ଫୁଟ ମୂର୍ତ୍ତି ନିର୍ମାଣ ସମ୍ଭବ ନୁହେଁ ବୋଲି ସେମାନେ ମତ ଦେଇଥିଲେ। ଯଦି ରାମକୃଷ୍ଣ ଦାସମହାପାତ୍ର ଏ କଥା କହୁଛନ୍ତି ତେବେ ମିଛ କହୁଛନ୍ତି ବୋଲି ସେମାନେ ମତ ରଖିଥିଲେ। ଏ ପରିପ୍ରେକ୍ଷୀରେ ଆସନ୍ତାକାଲି (ରବିବାର) ଅପରାହ୍ଣ ୫ଟା ସୁଦ୍ଧା ସବୁ ନିଯୋଗକୁ ଲିଖିତ ପରାମର୍ଶ ଦେବାକୁ କୁହାଯାଇଛି। ଏହା ପରେ ଶ୍ରୀମନ୍ଦିର ପ୍ରଶାସନ ଦୀଘା ଜଗନ୍ନାଥ ମନ୍ଦିର ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ନେବ ବୋଲି ସୂଚନା ମିଳିଛି। ଦୀଘାକୁ 'ଜଗନ୍ନାଥ ଧାମ' କହିବା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ ବୋଲି ଦର୍ଶାଇ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ପ୍ରସିଦ୍ଧ ବାଲୁକା ଶିଳ୍ପୀ ତଥା ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ସୁଦର୍ଶନ ପଟ୍ଟନାୟକ। ସଚେତନ ନାଗରିକ ମଞ୍ଚ ସଭାପତି ପ୍ରସନ୍ନ ଦାଶ ଏ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଏହା ପଛରେ ଭୟଙ୍କର ଷଡ୍‌ଯନ୍ତ୍ର ଥିବା ଅଭିଯୋଗ କରିଛନ୍ତି। ଯେଉଁ ସେବାୟତ ଆମ ଜଗନ୍ନାଥ ସଂସ୍କୃତିକୁ ନଷ୍ଟ କରିବାକୁ ଯୋଜନା କରିଛନ୍ତି ସେମାନଙ୍କୁ ଚିହ୍ନଟ କରି ମୁଖ୍ୟ ପ୍ରଶାସକ ଏତଲା ଦିଅନ୍ତୁ। ଅନ୍ୟପଟେ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ, ସଂସ୍କୃତି ଓ ଐତିହ୍ୟ ନଷ୍ଟ କରିବା ଓ ଗୁପ୍ତନୀତିକୁ ପଦାରେ ପକାଇବା ଅଭିଯୋଗରେ ଦଇତାପତି ନିଯୋଗର ସମ୍ପାଦକଙ୍କୁ ବହିଷ୍କାର କରିବା ତଥା ଗିରଫ କରିବାକୁ ଦାବି କରିଛନ୍ତି ସୂଚନା ଅଧିକାର କର୍ମୀ ଜୟନ୍ତ ଦାସ। ଏ ନେଇ ଶ୍ରୀ ଦାସମହାପାତ୍ରଙ୍କ ନାମରେ ସିଂହଦ୍ୱାର ଥାନାରେ ଏତଲା ଦେଇଛନ୍ତି। ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର କହିଛନ୍ତି, ଦୀଘାରେ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟକ୍ରମକୁ ଆମେ ଆଧ୍ୟାତ୍ମିକ ବା ଧାର୍ମିକ କାର୍ଯ୍ୟକ୍ରମ ମନେ କରୁନାହୁଁ। ଏହା ଏକ ରାଜନୈତିକ କାର୍ଯ୍ୟକ୍ରମ। ଏଠାକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ କିମ୍ବା ଶ୍ରୀମନ୍ଦିର ଛତିଶା ନିଯୋଗକୁ ନିମନ୍ତ୍ରଣ ମିଳି ନ ଥିଲା। 'ଜଗନ୍ନାଥ ଧାମ, ଶବ୍ଦ ପ୍ରତ୍ୟାହାର ପାଇଁ ରାଜ୍ୟ ସରକାର ତୁରନ୍ତ ପଶ୍ଚିମବଙ୍ଗ ସରକାରଙ୍କୁ ଚିଠି ଲେଖନ୍ତୁ। ଆଗାମୀ ଦିନ ପାଇଁ ମାର୍ଗଦର୍ଶିକା ଜାରି କରାଯାଉ।

## ପାକିସ୍ତାନୀ ପତ୍ନୀଙ୍କ ପାଇଁ ସିଆରପିଏଫ୍ ଯବାନଙ୍କ ଚାକିରି ଗଲା



ନୂଆଦିଲ୍ଲୀ,୩/୫: କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳ (ସିଆରପିଏଫ୍) ୪୧ ବାଟାଲିଅନ୍‌ର ଜଣେ ଯବାନ ମୁନୀର୍ ଅହମଦଙ୍କୁ ତତ୍କାଳ ପ୍ରଭାବରେ ଚାକିରିରୁ ବରଖାସ୍ତ କରିଛି। କନ୍‌ଷ୍ଟେବଲ ପଦରେ ନିଯୁକ୍ତ ମୁନୀର୍ ଜଣେ ପାକିସ୍ତାନୀ ମହିଳାଙ୍କୁ ବିବାହ କରିଥିଲେ ଏବଂ ଏହି ବିଷୟ ସମସ୍ତଙ୍କଠାରୁ ଲୁଚାଇ ରଖିଥିଲେ। ପତ୍ନୀ ପାକିସ୍ତାନୀ ନାଗରିକ ହୋଇଥିବା ଜାଣି ମଧ୍ୟ ଭିସା ଅବଧି ଶେଷ ପରେ ମଧ୍ୟ ମୁନୀର୍ ତାଙ୍କୁ ପାଖରେ ରଖିଥିଲେ। ସେ ଜାଣିଶୁଣି ପାକିସ୍ତାନୀ ନାଗରିକଙ୍କୁ ନିଜ ଘରେ ଶରଣ ଦେଇଥିଲେ। ଏହା ଜଣାପଡ଼ିବା ପରେ ମୁନୀରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅଧିକାରୀଙ୍କ ସୂତ୍ରରୁ ଶନିବାର କୁହାଯାଇଛି ମୁନୀରଙ୍କ ଏହି ପଦକ୍ଷେପ ଜାତୀୟ ସୁରକ୍ଷା ପାଇଁ ହାନିକାରକ। ସିଆରପିଏଫ୍ ମୁଖପାତ୍ର ଡିଆଇଜି ଏମ୍ ଦିନାକରନ୍ ମିଡିଆକୁ ଜଣାଇଛନ୍ତି, ଯେଉଁ ନିୟମ ଅଧୀନରେ ଯାଞ୍ଚର ଆବଶ୍ୟକତା ନଥାଏ ସେହି ନିୟମ ଅନୁସାରେ ମୁନୀରଙ୍କୁ ସେବାର ବରଖାସ୍ତ କରାଯାଇଛି। ସୂଚନାଯୋଗ୍ୟ, ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ପାକିସ୍ତାନୀ ନାଗରିକଙ୍କୁ ଦେଶ ଛାଡ଼ିବା ପାଇଁ କୁହାଯିବା ପରେ ମୁନୀର୍ ପାକିସ୍ତାନୀ ମହିଳା ମେନଲ୍ ଖାନ୍‌ଙ୍କୁ ବିବାହ କରିଥିବା ଜଣାପଡ଼ିଥିଲା। ଦୁହେଁ ଗତବର୍ଷ ମେ ୨୪ ତାରିଖରେ ଏକ ଭିଡିଓ କଲ୍ ଜରିଆରେ ବିବାହ କରିଥିଲେ। ସିଆରପିଏଫ୍‌ର ତଦନ୍ତରୁ ଜଣାପଡ଼ିଥିଲା ଯେ ମୁନୀର୍ ନିଜ ବିବାହ ଏବଂ ମେନଲ୍ ଭାରତରେ ରହୁଥିବା ସମ୍ପର୍କରେ ସମ୍ବନ୍ଧିତ ଅଧିକାରୀଙ୍କୁ ସୂଚନା ଦେଇନଥିଲେ।

## ଆକାଶରୁ ବର୍ଷିବ ନିଆଁ ପାକିସ୍ତାନୀ ଛାନିଆ



ଇସଲାମାବାଦ୍, ୩/୫: ଜମ୍ମୁ-କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାରଙ୍କ ପ୍ରତ୍ୟେକ ଗତିବିଧିକୁ ସତର୍କତାର ସହ ଅନୁଧ୍ୟାନ କରୁଛି ପାକିସ୍ତାନ। ତେବେ ଭାରତ ସରକାର ଏବେ ଯେତେବେଳେ ନିଜ ତିନି ସେନାବାହିନୀକୁ ଖୋଲା ଛାଡିଦେଇଛନ୍ତି ସେତେବେଳେ ପାକିସ୍ତାନ ଅତିମାତ୍ରାରେ ଭୟଭୀତ ହୋଇପଡିଛି। କୌଣସି ସମୟରେ ମଧ୍ୟ ଭାରତୀ ସେନା ଆକ୍ରମଣ କରିଦେଇପାରେ ବୋଲି ପାକିସ୍ତାନ ଆଶଙ୍କା କରୁଛି। ସବୁଠୁ ବଡ଼କଥା ହେଉଛି, ଭାରତ ଏଥର କେବଳ ଆକ୍ରମଣ କରିବ ନାହିଁ ବରଂ ପାକିସ୍ତାନର ଦଖଲରେ ଥିବା କାଶ୍ମୀର (ପିଓକେ)କୁ ମଧ୍ୟ ପାକିସ୍ତାନ ଠାରୁ ନେଇଯିବ ବୋଲି ପାକିସ୍ତାନ ସରକାର, ସେନା ଏପରିକି ପାକିସ୍ତାନର ସାଧାରଣ ନାଗରିକମାନେ ମଧ୍ୟ ଭୟ କରୁଛନ୍ତି। ଏପରି ଭୟ, ଆଶଙ୍କା ମଧ୍ୟରେ ପିଓକେ ପ୍ରଧାନମନ୍ତ୍ରୀ ଚୌଧୁରୀ ଅନଓ୍ୱରୁଲ ହକ୍ ଏବେ ପାକ୍ ଅଧିକୃତ କାଶ୍ମୀରବାସୀଙ୍କୁ ମାଟିତଳେ ବଙ୍କର କିମ୍ବା ଅନ୍ୟ କିଛି ବ୍ୟବସ୍ଥା କରି ସୁରକ୍ଷିତ ରହିବା ସହ ପର୍ଯ୍ୟାପ୍ତ ପରିମାଣରେ ଅନ୍ତତଃ ୨/୩ ମାସ ପାଇଁ ଖାଦ୍ୟ ସାମଗ୍ରୀ ନିଜ ପାଖରେ ଗଚ୍ଛିତ ରଖିବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ସମ୍ବାଦ ସରବରାହ ସଂସ୍ଥା ଏଏଫପି ପକ୍ଷରୁ ମଧ୍ୟ ଏପ୍ରକାର ରିପୋର୍ଟକୁ ସ୍ପଷ୍ଟ କରାଯାଇଛି। ରିପୋର୍ଟ ଅନୁଯାୟୀ, ପିଓକେ ପ୍ରଧାନମନ୍ତ୍ରୀ ଚୌଧୁରୀ ଅନଓ୍ୱରୁଲ ହକ୍ ନିଜ ବିଧାନସଭାରେ କହିଛନ୍ତି ଯେ, ୧୩ଟି ନିର୍ବାଚନମଣ୍ଡଳୀରେ ଦୁଇ ମାସ ପାଇଁ ଖାଦ୍ୟ ସାମଗ୍ରୀ ସହ ଔଷଧ ଏବଂ ଅନ୍ୟାନ୍ୟ ସମସ୍ତ ମୌଳିକ ଆବଶ୍ୟକତାସବୁ ସଂରକ୍ଷଣ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପିଓକେ ପ୍ରଶାସନ ଏହି ୧୩ଟି ର୍ନିବାଚନମଣ୍ଡଳୀରେ ଖାଦ୍ୟ, ଔଷଧ ଏବଂ ଅନ୍ୟାନ୍ୟ ସମସ୍ତ ମୌଳିକ ଆବଶ୍ୟକତା ଯୋଗାଇବା ପାଇଁ ୧ ବିଲିୟନ ଟଙ୍କାର ଏକ ଜରୁରୀକାଳୀନ ପାଣ୍ଠି ମଧ୍ୟ ସୃଷ୍ଟି କରିଛି।

# ସବୁଜ ଶକ୍ତି ଆପଣେଇବାକୁ ରାଜ୍ୟପାଳଙ୍କ ଆହ୍ୱାନ

ଭୁବନେଶ୍ୱର,୩/୫: ପରିବେଶ ସୁରକ୍ଷା ଏବଂ ସନ୍ତୁଳିତ ଜୀବନଯାପନ ଦିଗରେ ଏକ ଦୃଢ଼ ପ୍ରୟାସ ଭାବରେ ପ୍ରଦୂଷଣ ହ୍ରାସ କରିବା, ପୃଥିବୀକୁ ସୁରକ୍ଷିତ ରଖିବା ଏବଂ ଅଶୋଧିତ ତୈଳ ଆମଦାନୀ ହ୍ରାସ କରି ବୈଦେଶିକ ମୁଦ୍ରା ସଂଚୟ କରିବା ପାଇଁ ସବୁଜ ଶକ୍ତିକୁ ଆପଣେଇବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ଆହ୍ୱାନ ଜଣାଇଛନ୍ତି । ଆଜି ରାଜଭବନରେ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସହ ଆଲୋଚନା ବେଳେ ପାରମ୍ପରିକ ଶକ୍ତି ଉତ୍ସରୁ ନବୀକରଣୀୟ ବିକଳ୍ପକୁ ପରିବର୍ତ୍ତନ କରି ବ୍ୟବହାର ଉପରେ ରାଜ୍ୟପାଳ ଗୁରୁତ୍ୱ ଆରୋପ କରିଛନ୍ତି । ଓଡ଼ିଶାର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ରାଜଭବନ ଭୁବନେଶ୍ୱରରେ ଶକ୍ତି ଭିତ୍ତିଭୂମିରେ ଗ୍ରହଣ କରାଯାଇଥିବା ପରିବର୍ତ୍ତନକାରୀ ପଦକ୍ଷେପ ସଂପର୍କରେ ରାଜ୍ୟପାଳ ସୂଚନା ଦେଇଥିଲେ । ରାଜଭବନ ପରିସରରେ ୧୫୦ କିଲୋୱାଟ ସୌରଶକ୍ତି ପ୍ଲାଂଟ କାର୍ଯ୍ୟକ୍ଷମ ହୋଇଛି ଏବଂ ଖୁବ ଶୀଘ୍ର ଅତିରିକ୍ତ ୪୦୦ କିଲୋୱାଟ ପ୍ଲାଂଟ୍ ସ୍ଥାପିତ ହେବାକୁ ଯାଉଛି । ଏହା ରାଜ୍ୟପାଳଙ୍କ ବାସଭବନକୁ ଏକ ନେଟ୍-ଜିରୋ ଶକ୍ତି କ୍ୟାମ୍ପସ୍ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସବୁଜ ମିଶନକୁ ଆଗକୁ ବଢ଼ାଇବା ଉଦ୍ଦେଶ୍ୟରେ ଭାରତରେ ନିର୍ମିତ ଦୁଇ ଚକିଆ ଯାନ ଏବଂ ଅଫିସିଆଲ କାର୍ ପ୍ରଚଳନ କରାଯାଇଛି । ଯାହା, ସ୍ଥାୟୀ ଗତିଶୀଳତା ପ୍ରତି ନିର୍ଣ୍ଣାୟକ ପଦକ୍ଷେପର ସଙ୍କେତ ଦେଉଛି । ପ୍ରତ୍ୟେକ ଯାତ୍ରା ଏବେ ଏକ ଶାନ୍ତ, ସ୍ୱଚ୍ଛ ଏବଂ ଅଧିକ ଦାୟିତ୍ୱପୂର୍ଣ୍ଣର୍ ଭବିଷ୍ୟତ ପାଇଁ ଯୋଗଦାନ ଦେଉଛି । ଏପରି ପଦକ୍ଷେପ ଆମର ପସନ୍ଦ ଅପେକ୍ଷା ପରିବେଶ ଅନୁକୂଳ ବ୍ୟବସ୍ଥା ଗ୍ରହଣ କରିବାର ଜରୁରୀ ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ କହିଛନ୍ତି । ଏପରି ଅଗ୍ରଣୀ ପ୍ରୟାସ ସହିତ ରାଜଭବନ କେବଳ ସମଗ୍ର ଦେଶର ସରକାରୀ ପ୍ରତିଷ୍ଠାନ ପାଇଁ ଏକ ଉଦାହରଣ ସୃଷ୍ଟି କରୁନାହିଁ, ବରଂ ଶୀର୍ଷସ୍ତରରୁ ପରିବର୍ତ୍ତନ ଆରମ୍ଭ ହୁଏ ବୋଲି ସ୍ପଷ୍ଟ ବାର୍ତ୍ତା ଦେଉଛି । ଗଣମାଧ୍ୟମ ସହିତ ବାର୍ତ୍ତାଳାପ ବେଳେ ରାଜ୍ୟପାଳ ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଅନେକ ପ୍ରମୁଖ ଯୋଜନା ଉପରେ ମଧ୍ୟ ଆଲୋକପାତ କରିଥିଲେ । କେନ୍ଦ୍ର ସରକାର ପ୍ରତି ପରିବାର ପାଇଁ ପ୍ରଥମ ଏବଂ ଦ୍ୱିତୀୟ କିଲୋୱାଟ ପାଇଁ ୩୦ ହଜାର ଟଙ୍କା ଲେଖାଏଁ ଏବଂ ତୃତୀୟ କିଲୋୱାଟ ପାଇଁ ୧୮ ହଜାର ଟଙ୍କା ଅତିରିକ୍ତ ସବ୍‌ସିଡ ପ୍ରଦାନ କରୁଚନ୍ତି । ଏହି ଆର୍ଥିକ ସହାୟତା ସର୍ବାଧିକ ୩ କିଲୋୱାଟ କ୍ଷମତା ପର୍ଯ୍ୟନ୍ତ ସ୍ଥାପନ ପାଇଁ ଉପଲବ୍ଧ ରହିଛି । ଓଡ଼ିଶାରେ ଏହି ଯୋଜନାକୁ ଅଧିକ ପ୍ରସାରିତ କରିବା ପାଇଁ ରାଜ୍ୟ ସରକାର ପ୍ରତି ପରିବାର ପାଇଁ ପ୍ରଥମ ଓ ଦ୍ୱିତୀୟ କିଲୋୱାଟ ପାଇଁ ୨୫ ହଜାର ଟଙ୍କା ଲେଖାଏଁ ଏବଂ ତୃତୀୟ କିଲୋୱାଟ ପାଇଁ ୧୦ ହଜାର ଟଙ୍କା ଅତିରିକ୍ତ ସବ୍‌ସିଡ ପ୍ରଦାନ କରି ସକ୍ରିୟ ପଦକ୍ଷେପ ନେଇଛନ୍ତି । ତେଣୁ ୩ କିଲୋୱାଟ ସୌର ଶକ୍ତି ବ୍ୟବସ୍ଥା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସର୍ବାଧିକ ସବ୍‌ସିଡ ବ୍ୟବସ୍ଥା ୧ଲକ୍ଷ ୩୮ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି । ରାଜ୍ୟରେ ଅଧିକ ଲୋକ ସୌର ଶକ୍ତି ବ୍ୟବସ୍ଥା ଆପଣେଇବା ନିମନ୍ତେ ଉତ୍ସାହିତ କରିବା ପାଇଁ ଅତିରିକ୍ତ ସବ୍‌ସିଡ ପ୍ରଦାନ କରିବା ଦିଗରେ ଓଡ଼ିଶା ସରକାର ନେଇଥିବା ପଦକ୍ଷେପକୁ ରାଜ୍ୟପାଳ ଡ. କମ୍ଭମ୍‌ପାଟି ପ୍ରଶଂସା କରିଛନ୍ତି । ନିଜର ବ୍ୟକ୍ତିଗତ ଲାଭ ସହିତ ପରିବେଶର ବୃହତ୍ତର ହିତ ଦୃଷ୍ଟିରୁ ଏପରି ଯୋଜନାର



ସଂପୂର୍ଣ୍ଣ ଲାଭ ନେବାକୁ ଏବଂ ସକ୍ରିୟ ଭାବେ ନବୀକରଣୀୟ ଶକ୍ତି ଉତ୍ସକୁ ବ୍ୟବହାର କରିବା ପାଇଁ ଲୋକମାନଙ୍କୁ ରାଜ୍ୟପାଳ ଅନୁରୋଧ କରିଛନ୍ତି । ଏତଦ୍‌ବ୍ୟତୀତ ଧିରେଧିରେ ପେଟ୍ରୋଲ ଏବଂ ଡିଜେଲ ଚାଳିତ ଯାନବାହନ ବ୍ୟବହାର ପରିତ୍ୟାଗ କରି ବିଦ୍ୟୁତ ଚାଳିତ ଯାନବହାନ ବ୍ୟବହାର କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି । ଏପରି ପରିବର୍ତ୍ତନ ପ୍ରଦୂଷଣ ହ୍ରାସ କରିବା, ଜୀବାସ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ ଏବଂ ସ୍ୱଚ୍ଛ, ସ୍ଥାୟୀ ଭବିଷ୍ୟତ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏତଦ୍‌ବ୍ୟତୀତ ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ କରି ସେଥିରେ ବୈଦ୍ୟୁତିକ ଯାନବାହନ ଚାର୍ଜ କରିବା ଦ୍ୱାରା ଜୀବାସ୍ମ ଇନ୍ଧନର ଆବଶ୍ୟକତା ଦୂର ହୋଇପାରିବ ଏବଂ ପ୍ରକୃତରେ ସବୁଜ ଗତିଶୀଳତା ସକ୍ଷମ ହୋଇପାରିବ । ଏହା ମଧ୍ୟ ଦୈନନ୍ଦିନ ଯାତ୍ରାକୁ ଅଧିକ ସୁଲଭ କରିବ ବୋଲି ରାଜ୍ୟପାଳ ଉଲ୍ଲେଖ କରିଛନ୍ତି । ବର୍ତ୍ତମାନ ପଦକ୍ଷେପ ନେବାର ସମୟ । ଏହି ପଦକ୍ଷେପଗୁଡ଼ିକ ଦ୍ୱାରା ଲୋକଙ୍କୁ ସଶକ୍ତ କରିବା ଏବଂ ପରବର୍ତ୍ତୀ ପୀଢ଼ି ପାଇଁ ଏକ ଉତ୍ତମ, ସ୍ଥାୟୀ ଭବିଷ୍ୟତ ନିର୍ମାଣ କରିବା ହେଉଛି ଏହାର ଲକ୍ଷ୍ୟ ବୋଲି ରାଜ୍ୟପାଳ କହିଛନ୍ତି । ଗଣମାଧ୍ୟମ ସହିତ ଆଲୋଚନାର ଉଦ୍ଦେଶ୍ୟ ହେଉଛି ନବୀକରଣୀୟ ଶକ୍ତିର ଉପଯୋଗ / ବ୍ୟବହାର ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା । ଏଣୁ ଏହି ବାର୍ତ୍ତାକୁ ରାଜ୍ୟର ପ୍ରତି ପରିବାରରେ ପହଚାଂଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ରାଜ୍ୟପାଳ ଗଣମାଧ୍ୟର ପ୍ରତିନିଧିମାନଙ୍କୁ ଆହ୍ୱାନ ଜଣାଇଛନ୍ତି । ଉଲ୍ଲେଖନୀୟଯେ ରାଜ୍ୟପାଳ ଡ. କମ୍ଭମ୍‌ପାଟି କେବଳ ପ୍ରଥମ ଥର ପାଇଁ ନବୀକରଣୀୟ ଶକ୍ତିର ସମର୍ଥନ କରିନାହାନ୍ତି ।୨୦୧୪ ମସିହାରେ ସାଂସଦ ଥିବା ବେଳେ ସଂସଦରେ ତାଙ୍କର ପ୍ରଥମ ଅଭିଭାଷଣ ସମୟରେ ସ୍ଥାୟୀ ଶକ୍ତି ସମାଧାନ ପାଇଁ ନବୀକରଣୀୟ ଶକ୍ତିର ଉପଯୋଗକୁ ଦୃଢ଼ ସମର୍ଥନ କରିଥିଲେ । ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ଦ୍ୱାରା ଉପସ୍ଥାପିତ କେନ୍ଦ୍ର ବଜେଟକୁ ସମର୍ଥନ କରିବା ସମୟରେ ଡ. କମ୍ଭମ୍‌ପାଟି ଆମଦାନୀ ହେଉଥିବା ଅଶୋଧିତ ତୈଳ ଉପରେ ନିର୍ଭରଶୀଳତା ହ୍ରାସ କରି ଏବଂ ଇଥାନଲ ମିଶ୍ରିତ ଇନ୍ଧନ ଏବଂ ବୈଦ୍ୟୁତିକ ଯାନ ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ଭାରତର ବାଣିଜ୍ୟ ନିଅଂଟକୁ ମୁକାବିଲା କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ସରକାରଙ୍କୁ ବିଦ୍ୟୁତ ଯାନ ପାଇଁ ଟିକସ୍ ପ୍ରୋତ୍ସାହନ ପ୍ରଦାନ କରିବାକୁ ଏବଂ ଡିଜେଲ ଜେନେରେଟର ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ସୌର ଜେନେରେଟର ଭଳି ନବୀକରଣୀୟ ଶକ୍ତି ମାଧ୍ୟମରେ ଘରୋଇ ବିଦ୍ୟୁତ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଅନୁରୋଧ କରିଥିଲେ, ଯାହା ଫଳରେ ବିତ୍ତୀୟ ନିଅଂଟ ହ୍ରାସ ପାଇବ ଏବଂ ବୈଦୁତିକ ମୁଦ୍ରା ସଂରକ୍ଷଣ କରିବାରେ ସାହାର୍ଯ୍ୟ କରିବ ବୋଲି କହିଥିଲେ । ଦଶନ୍ଧି ପୂର୍ବେ ସଂସଦରେ ତାଙ୍କର ଦୂରଦୃଷ୍ଟିପୂର୍ଣ୍ଣ ମନ୍ତବ୍ୟ ଶକ୍ତିନୀତି, ଆର୍ଥିକ ସ୍ଥିରତା ଏବଂ ପରିବେଶଗତ ଦାୟିତ୍ୱବୋଧ ମଧ୍ୟରେ ପାରସ୍ପରିକ ସଂପର୍କ ବିଷୟରେ ଗଭୀର ବୁଝାମଣାକୁ ପ୍ରତିଫଳିତ କରିଥିଲା, ଯେଉଁ ନୀତିକୁ ସେ ଓଡ଼ିଶାର ରାଜ୍ୟପାଳ ଭାବରେ ବଜାୟ ରଖିଛନ୍ତି । କଥା ଏବଂ କାର୍ଯ୍ୟ ଉଭୟ ମାଧ୍ୟମରେ ଡ. କମ୍ଭମ୍‌ପାଟି ଉଦାହରଣ ରଖି ନେତୃତ୍ୱ ଦେଇ ଚାଲିଛନ୍ତି ଯାହା ଏକ ସ୍ୱଚ୍ଛ, ସବୁଜ ଏବଂ ଅଧିକ ଶକ୍ତି ଓ ସୁରକ୍ଷିତ ଭବିଷ୍ୟତ ଆଡକୁ ପରିବର୍ତ୍ତନକୁ ପ୍ରେରଣା ଦେଇଛନ୍ତି ।

# ଅନୁପ୍ରବେଶକାରୀ ଏବେ କେନ୍ଦ୍ରାପଡ଼ା ଜିଲ୍ଲାରେ ଭର୍ତ୍ତି ହୋଇଛନ୍ତି

ରାଜନଗର, : ଲାଇସେନ୍ସପ୍ରାପ୍ତ ଠିକାଦାରଙ୍କ ମାଧ୍ୟମରେ ପ୍ରାୟ ୩୦ ହଜାର ଶ୍ରମିକ ଅନ୍ୟ ରାଜ୍ୟରୁ ଆସି ଓଡ଼ିଶାରେ କାର୍ଯ୍ୟ କରୁଛନ୍ତି। ଏମାନଙ୍କ ମଧ୍ୟରୁ ମାତ୍ର ୨୩ ଜଣ ଓଡ଼ିଶାର ଅଛନ୍ତି। ଶ୍ରମ ବିଭାଗର ଏହି ତଥ୍ୟ କେନ୍ଦ୍ରାପଡ଼ା ଜିଲା ବାହାର ଲୋକଙ୍କ ସ୍ଥିତିକୁ ନେଇ ସନ୍ଦେହ ସୃଷ୍ଟି କରିଛି। ବାସ୍ତବ କ୍ଷେତ୍ରରେ ବାହାର ରାଜ୍ୟ ତଥା ବାଂଲାଦେଶର ଅଣ ପଞ୍ଜୀକୃତ ଶ୍ରମିକ ଓ ଅନୁପ୍ରବେଶକାରୀ କେନ୍ଦ୍ରାପଡ଼ା ଜିଲାରେ ଭର୍ତ୍ତି ହୋଇଯାଇଛନ୍ତି। ଉପାନ୍ତ ଅଞ୍ଚଳ ଏବେ ବଙ୍ଗଭାଷୀଙ୍କ କବଳକୁ ଚାଲି ଯାଇଥିବା ବେଳେ ଜିଲ୍ଲା ସାରା ଏମାନଙ୍କ ଅସ୍ତିତ୍ୱ ଦୃଢ଼ୀଭୂତ ହେଉଛି। କର୍ମଚାରୀ ଓ ଭିତ୍ତିଭୂମି ଅଭାବରୁ ଜିଲାରେ ୩ ସାମୁଦ୍ରିକ ଥାନା, ବନ ବିଭାଗ ଓ ତଟରକ୍ଷା ବାହିନୀ ଅନୁପ୍ରବେଶକୁ ରୋକି ପାରୁନାହିଁ। ସେହିପରି ବାହାର ରାଜ୍ୟରୁ ଆସି ଏଠାରେ ୨୦ ହଜାରରୁ ଅଧିକ ଲୋକ ରହିଥିଲେ ମଧ୍ୟ କୌଣସି ଥାନାରେ ଏ ନେଇ ସୂଚନା ନାହିଁ। ବାହାରୁ ଆସି ଏଠାରେ ରହୁଥିବା ଲୋକଙ୍କ ପରିଚୟ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଜିଲ୍ଲାରେ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ରାଜନଗର ସମାଜସେବୀ ଅମରେଶ କୁମାର ପଣ୍ଡା, ପ୍ରଫୁଲ୍ଲ କୁମାର ଦାସ କହିଛନ୍ତି, ୪୮ କିଲୋମିଟର ତଟାଞ୍ଚଳରେ କେନ୍ଦ୍ରାପଡ଼ା ଜିଲାର ଜମ୍ବୁ, ତାଳଚୁଆ ଓ ତନ୍ତିଆପାଳଠାରେ ସାମୁଦ୍ରିକ ଥାନା ପ୍ରତିଷ୍ଠା ହୋଇଛି। ଅନୁପ୍ରବେଶ ରୋକିବା ସହ ସ୍ଥାନୀୟ ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା ସହ କାର୍ଯ୍ୟାନୁଷ୍ଠାନ କରିବା ଏହାର ଲକ୍ଷ୍ୟ ଥିଲା। ତେବେ ଥାନା ପ୍ରତିଷ୍ଠାର ଦୀର୍ଘଦିନ ବିତିବା ସତ୍ତ୍ୱେ ବିଭିନ୍ନ କାରଣରୁ ଏହାର ପରିଚାଳନାରେ ତ୍ରୁଟି ହେଉଛି। ଏହି ଥାନାଗୁଡ଼ିକ ଅଞ୍ଚଳ ବଙ୍ଗଭାଷୀ ଅଧ୍ୟୁଷିତ ହୋଇଥିବା ବେଳେ ବାଂଲାଦେଶ ଅନୁପ୍ରବେଶକାରୀଙ୍କ ଅବାଧ ପ୍ରବେଶ ଜାରି ରହିଛି। କର୍ମଚାରୀ ସମେତ ଭିତ୍ତିଭୂମି ଅଭାବ ମଧ୍ୟରେ ଏହି ୩ ସାମୁଦ୍ରିକ ଥାନା କାର୍ଯ୍ୟରେ ବାଧା ଉପୁଜୁଛି। ୩ ସାମୁଦ୍ରିକ ଥାନା ମଧ୍ୟରୁ ଜମ୍ବୁ ଥାନାଟି ସାମୁଦ୍ରିକ ବୋଟ ଜେଟିଠାରୁ ଅନ୍ୟୂନ ୫ କିଲୋମିଟର ଦୂରରେ ଅଛି। ସେହିପରି ସମୁଦ୍ର ପଥ ନଜର ପାଇଁ ଆବଶ୍ୟକ ସ୍ପିଡ ବୋଟ ଓ କର୍ମଚାରୀ ଅଭାବ ରହିଛି। ପ୍ରତ୍ୟେକ ଥାନାରେ ୮୧ ଜଣ କର୍ମଚାରୀ ରହିବାକୁ ନିୟମ ଅଛି। ତେବେ ୩ ଥାନାରେ ନାମକୁମାତ୍ର ପୋଲିସ କର୍ମଚାରୀ ଅଛନ୍ତି। ନାଭାଲ ଅଫିସର, ବୋଟ ଚାଳକ ସହ ସ୍ପିଡ ବୋଟର ଅଭାବ ରହିଛି। ଅପରପକ୍ଷରେ ଖୋଲାମେଲା ସମୁଦ୍ର ତଟ ଅନୁପ୍ରବେଶକାରୀଙ୍କ ପାଇଁ ସୁଯୋଗ ଦେଇଛି। ରାତି ଅନ୍ଧାରରେ ସମୁଦ୍ର ମଧ୍ୟ ଦେଇ ଅନୁପ୍ରବେଶକାରୀ ଏଠାକୁ ଆସୁଥିବା ବେଳେ ଦେଶର ସୁରକ୍ଷା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ରାଜ୍ୟ ରାଜପଥ ଦେଇ ବାହାର ରାଜ୍ୟରୁ ବିଭିନ୍ନ ଫେରି ବ୍ୟବସାୟୀ ଆସୁଛନ୍ତି। ଏଠାରେ ଘରଭଡ଼ା ନେଇ ରହୁଛନ୍ତି। ରହିବାର କିଛିଦିନ ମଧ୍ୟରେ ଏଠାକାର ଆବଭାବ ପରୀକ୍ଷା କରି ମହିଳା ଚାଲାଣ, ଅପରାଧ ଭିତ୍ତିକ କାର୍ଯ୍ୟ ଆଦି କରୁଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ଫେରି ବ୍ୟବସାୟୀଙ୍କ ଆପରାଧିକ କାର୍ଯ୍ୟକଳାପ ବଢ଼ି ଚାଲିଛି। ଲୁଟ ତରାଜଠାରୁ ହତ୍ୟା ଘଟଣାରେ ସାମିଲ ହେବା ଥାନା ରେକର୍ଡରୁ ସୂଚନା ମିଳୁଛି। ସରକାରୀ ଜମିରେ ଘର କରି ରହୁଛନ୍ତି ତ ଆଉ କିଏ ଘର ମାଲିକ ଟଙ୍କା ଲୋଭରେ ଘର ଭଡା ଦେଉଥିବା ବେଳେ ପରିଚୟ ସମ୍ପର୍କରେ ନିକଟସ୍ଥ ଥାନାକୁ ଜଣାଉନାହାନ୍ତି। ବାହାର ଲୋକଙ୍କ ପରିଚୟ ଯାଞ୍ଚ କଡ଼ାକଡ଼ି କରିବାକୁ ମତଦାତାମାନେ ଦାବି କରିଛନ୍ତି। ସେପଟେ ଜାମ୍ମୁ କାଶ୍ମୀର ପହଲଗାମ ଠାରେ ଆତଙ୍କବାଦୀ ମାନେ ହିନ୍ଦୁଙ୍କ ଉପରେ ଗୁଳି କରି ହତ୍ୟା କରିଥିବା ନେଇ ଭାରତର ପ୍ରଧାନମନ୍ତ୍ରୀ ଯଶସ୍ୱୀ ନରେନ୍ଦ୍ର ମୋଦି ଭାରତରେ ରହୁଥିବା ପାକିସ୍ତାନୀମାନଙ୍କୁ ଭାରତରୁ ବାହାର କରି ତାଙ୍କ ଦେଶକୁ ପଠାଇବା ପାଇଁ




ପ୍ରୟାସ ଜାରି କରିଥିବାବେଳେ ଗୁଜୁରାଟରେ ବାଂଲାଦେଶୀମାନେ ଧରା ପଡ଼ିଥିଲେ ! ସେମାନଙ୍କୁ ମଧ୍ୟ ବାଂଲାଦେଶକୁ ପଠେଇବା ପାଇଁ ଜାରି କରିଥିଲେ ! ଅପରପକ୍ଷରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସାମୁଦ୍ରିକ ଥାନା ଦେଇ ବାଂଲାଦେଶୀମାନେ ଜଳପଥ ଆସିଥାନ୍ତି ! ଏଠାରେ ରହି ନିଜର କାୟା ବିସ୍ତାର କରି ଚୋରି, ତସ୍କର, ବନ୍ଧୁକ କାରବାର ଭଳି ଅନେକ ଅପରାଧିକ କାର୍ଯ୍ୟରେ ଲିପ୍ତ ରୁହନ୍ତି ! ଏନେଇ ବର୍ତ୍ତମାନ ସରକାର ପଦକ୍ଷେପ ନେବାର ସମୟ ଆସିଛି !

## କନ୍ୟାଆଶ୍ରମ ନିକଟରେ ବୃଦ୍ଧା ମହିଳାର ବେକରୁ ସୁନା ଚେନ୍ ଟାଣି ନେଇଗଲେ ଦୁର୍ବୃତ୍ତ, ପୋଲିସର ତଦନ୍ତ ଜାରି




ନବରଙ୍ଗପୁର : :କନ୍ୟାଆଶ୍ରମ ନିକଟରେ ଅପରାହ୍ନ ୨..୩୦: ଘଣ୍ଟା ସମୟରେ ଜଣେ ବୃଦ୍ଧା ମହିଳାର ବେକରୁ ସୁନା ଚେଇନ ଟାଣି ନେଇଗଲେ ବାଇକରେ ଆସି ଦୁଇଜଣ ଦୁର୍ବୃତ୍ତ। ବାଇକଟି ୟମା ଆର ୧୫ ବଳି ଜଣା ପଡିଛି।ବୃଦ୍ଧା ମହିଳା କହିବା ପ୍ରକାରେ ସେମାନେ ମହୁଁରେ ମାସ୍କ ପିନ୍ଧିଥିଲେ ଏବଂ ଝରୀଗାଁ ଯିବା ରାସ୍ତା ବିଷୟରେ ତାଙ୍କୁ ପଚାରିଲେ ଏବଂ ବେକରୁ ସୁନା ଚେଇନ ଟାଣି ନେଇଗଲେ।ବୃଦ୍ଧା ମହିଳା ଜଣକ ଉମରାହାଣ୍ଡି ଗ୍ରାମର ଚଞ୍ଚଳା ମାଝୀ ବଲି ଜଣାପଡିଛି। ସେ କଣସି କାମରେ ପାପଡାହାଣ୍ଡି ଯାଇ ଫେଇବା ସମୟରେ କନ୍ୟା ଆଶ୍ରମ ନିକଟରେ ଏହି ଅଭାବ ନିୟ ଘଟଣା ଘଟିଛି। ବର୍ତ୍ତମାନ ପୋଲିସ ଘଟଣା ସ୍ଥଳରେ ପହଂଚି ଏହାର ତଦନ୍ତ ଆରମ୍ଭ କରିଛି। ଏଭଳି ଅଭାବନୀୟ ଘଟଣା କିଛିଦିନ ମଧ୍ୟରେ ଡାବୁଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଘଟିଥିବା ସୂଚନା ମିଳୁଛି।ଡାବୁଗାଁ ସଦର ମହକୁମା ଠାରୁ ୫କିଲ ମିଟର ଭିତରେ ଚାଲିଥିବା କୁକୁଡ଼ା ଲଢେଇ ଓ ଖୁଡ଼ଖୁଡି ଖେଳ ବନ୍ଦ ନହେବା ପର୍ଯ୍ୟନ୍ତ ଏଭଳି ଚରିକୁ ରଖିବା ସମ୍ଭବ ନୁହଁ ତେଣୁ ପୋଲିସ ପ୍ରଶାସନ ସ୍ଥାନୀୟ ଅଂଚଳରେ ଚାଲିଥିବା କୁକୁଡ଼ା ଲଢେଇ ଓ ଖୁଡ଼ ଖୁଡି ଖେଳ ଉପରେ ଛଡାଉ କରି ବନ୍ଦ କଲେ ଭଲ ହୋଇଥାନ୍ତା ବଳି ସ୍ଥାନୀୟ ଅଂଚଳରେ ଆଲଚନା ହେଉଛି।ତତ ସାଙ୍ଗେ ସାଙ୍ଗେ ବାହାର ରାଜ୍ୟରୁ ଆସି ଆଞ୍ଚଳରେ ବେପାର କରୁଥିବା ଫେରିବାଲାମାନଙ୍କ ଉପରେ ମଧ୍ୟ ସନ୍ଦେହ କରୁଛନ୍ତି ସ୍ଥାନୀୟ ବାସିନ୍ଦା ମାନେ।

## ମଝି ସମୁଦ୍ରରେ ଅଳ୍ପକେ ବର୍ତ୍ତିଲେ ଯାତ୍ରୀ ! ଭାଇରାଲ ହେଉଛି ଭିଡିଓ




ରାଜନଗର, : ଏହି ଭିଡିଓ ବୟାନ କରୁଛି ଛୋଟ ଛୋଟ ପିଲାଙ୍କ ସହିତ ଅନେକ ଯାତ୍ରୀ ବୋଟରେ କେଉଁଆଡେ ଯାଉଛନ୍ତି ! ଭୟରେ କାନ୍ଦିପକାଉଛି ଜଣେ ମା ! ବୋଟ ଭିତରୁ ଓପରକୁ ପଳେଇଯାଉଛନ୍ତି ଯାତ୍ରୀ ! ପାଣି ସତେ ଯେମିତି ବୋଟ ଭିତରକୁ ପଶିଯିବ ! କେତେ ବିକଳ ରଡି ଆଉ ସମସ୍ତେ ଭୟଭୀତ ଅବସ୍ଥାରେ କେବଳ ଈଶ୍ୱରଙ୍କୁ ପ୍ରାଥନା କରୁଥିଲେ ! କେତେ ଲୋମଟାଙ୍କୁଡ଼ା ଦୃଶ୍ୟ ! ଏହି ଭିଡିଓ ଦେଖିସାରିବା ପରେ ଆମ ମନରେ ବି ଅନେକ କଥା ଉଙ୍କି ମାରୁଛି ! ଗତ ସୋମବାର ଅପରାହ୍ନ ସମୟ ପାଖାପାଖି ୪ଟା ବେଳେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ତାଳଚୁଆ ଜେଠି ନିକଟରୁ ସରକାରୀ ବୋଟ ସାହାର୍ଯ୍ୟରେ ଯାତ୍ରୀମାନେ ଧାମରା ଅଭିମୁଖେ ଜଳପଥ ଦେଇ ଯାଇଥିଲେ ! ମଝି ନଦୀରେ ହଟାତ ବର୍ଷା ସାଙ୍ଗକୁ ନଦୀର ଢେଉ ବଢ଼ିବାରେ ଲାଗିଲା ଓ ବୋଟ ଭିତରକୁ ଧିରେ ପଶିବାରେ ଲାଗିଲା ! ସେଥିରେ ଥିବା ସମସ୍ତ ଯାତ୍ରୀ ଭୟିତ ହୋଇ ଚିତ୍କାର କରିଥିଲେ ! ସତେଯେମିତି ଭଗବାନ ଏ ଚିତ୍କାର ସହିନପାରି ସମୁଦ୍ର ଝଡ଼ ରହିଯାଇଥିଲା ! ଯାହାଫଳରେ ଅଳ୍ପକେ ବର୍ତ୍ତିଲେ ଯାତ୍ରୀ ! ଏଠାରେ ପ୍ରଶ୍ନ ଉଠୁଛି ଯାତ୍ରୀମାନଙ୍କୁ ସେଫଟି ଜ୍ୟାକେଟ କାହିଁକି ପିନ୍ଧିବାକୁ ଦିଆଯାଇନଥିଲା ? ଅଧିକ ଲୋଡ଼ ନେଇ କାହିଁକି ଯାଉଥିଲେ ? ଯଦି କିଛି ଅଘଟଣ ଘଟିଥାନ୍ତା ତେବେ ଦାୟି କିଏ ରହିଥାନ୍ତା ? ଏନେଇ ବୁଦ୍ଧିଜୀବି ମହଲରେ ନିନ୍ଦା କରାଯାଇଛି !

## ଜୁଲାଇ ୩୧ ଯାଏଁ ବନ୍ଦ ରହିବ ଭିତରକନିକା ଜାତୀୟ ଉଦ୍ୟାନ



ରାଜନଗର, : ବନ୍ଦ ରହିବ ଭିତରକନିକା ଜାତୀୟ ଉଦ୍ୟାନ । କୁମ୍ଭୀର ପ୍ରଜନନ ପାଇଁ ମେ ୧ ତାରିଖରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୩ ମାସ ଧରି ପର୍ଯ୍ୟଟକ ମାନଙ୍କ ପାଇଁ ବନ୍ଦ ରହିବ ଭିତରକନିକା ଜାତୀୟ ଉଦ୍ୟାନ । ଏହି ସମୟରେ ବଉଳା କୁମ୍ଭୀରମାନେ ହିଂସ୍ର ହେଉଥିବାରୁ ପର୍ଯ୍ୟଟକ ମାନଙ୍କୁ ଆକ୍ରମଣ କରିବାର ସମ୍ଭାବନା ରହିଥାଏ । ଭିତରକନିକାକୁ ପର୍ଯ୍ୟଟକ ମାନଙ୍କୁ ବାରଣ କରାଯାଇଥାଏ । କୁମ୍ଭୀର ମାନଙ୍କ ମିଳନ ପ୍ରକିୟା ପରେ ମା' କୁମ୍ଭୀର ନଦୀ ଜୁଆର ମାଡୁ ନ ଥିବା ଉଚ୍ଚ ସ୍ଥାନ ଦେଖି ହେନ୍ତାଳ ଓ ଖରଖରି ପତ୍ରରେ ବସା ବାନ୍ଧି ଅଣ୍ଡାଦାନ କରିଥାଏ । ଅଣ୍ଡାରୁ ଛୁଆ ଫୁଟିବା ପରେ ମା' କୁମ୍ଭୀର ଛୁଆକୁ ନେଇ ନଦୀରେ ଛାଡିଥାଏ । ଏହି ସମୟରେ କୁମ୍ଭୀର ଆକ୍ରମଣର ସମ୍ଭାବନା ଥିବାରୁ ନଦୀକୂଳିଆ ଗ୍ରାମବାସୀମାନଙ୍କୁ ନଦୀକୁ ଯିବାକୁ ବାରଣ କରିଛି ରାଜନଗର ବନବିଭାଗ।

## ପୁରୀଜିଲ୍ଲା ଓକିଲ ସଂଘ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ



ପୁରୀ, ସୋମବାର ସକାଳ ୯ ଘଟିକାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ ତମ ଜୟନ୍ତୀ ତଥା ଆଇନଜୀବୀ ଦିବସ ଉପଲକ୍ଷେ ପୁରୀଜିଲ୍ଲା ଓକିଲ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଅତିରିକ୍ତ ଜିଲ୍ଲା ଜଜ୍ ସୈକତ ପାତ୍ର ଉଦଘାଟନ କରିଥିଲେ । ଏଥିରେ ମଧ୍ୟ ଜୁଡିସିଆଲ ଅଫିସର ମାନେ ଯୋଗ ଦେଇଥିଲେ । ଏହି ଶିବିରରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ପୁରୀ ବ୍ଲଡ୍ ବ୍ୟାଙ୍କ କର୍ମଚାରୀ ରକ୍ତଦାତାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ । ପୁରୀଜିଲ୍ଲା ଓକିଲ ସଂଘର ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସଂପାଦକ ଶରତ କୁମାର ରାୟଗୁରୁ, ଉପସଭାପତି ବିଭୁଦତ୍ତ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଅନିଲ ସାହୁ, ସମିର ଘୋଷ, ଭାଗବତ ପଟ୍ଟନାୟକ ,କାର୍ଯ୍ୟକାରୀ ସଦସ୍ୟ କର୍ଣ୍ଣବୀର ମହାପାତ୍ର, ତାପସ ବଳିୟାର ସିଂହ, ଜ୍ୟୋତି ପାଇକରାୟ ମନୋରଞ୍ଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ସଂଘର ସଦସ୍ୟ ମାନେ ସହଯୋଗ କରିଥିଲେ ।

## ଆଜିଠୁ ଛଣଘର-କୁଶୁମାଟି ଐତିହାସିକ ମା କାଳୀକା ଦେବୀ ବାସୁଦେବ ମେଳଣ



ଜଟଣୀ, : ଖୋର୍ଦ୍ଧା ଜିଲ୍ଲା ଜଟଣୀ ପଞ୍ଚାୟତ ସମିତି ଅଧିନ ଛଣଘର-କୁଶୁମାଟିର ଐତିହାସିକ ମା କାଳୀକା ଦେବୀ ବାସୁଦେବ ମେଳଣ ଆଜି ବୁଧବାର ମଧ୍ୟରାତ୍ରରୁ ଜମାଣ ହୋଇ ଆସନ୍ତା ମାସ ତା ୦୩/୦୫ ରିଖ ଶନିବାର ଗୋଧୂଳି ସନ୍ଧ୍ୟାରେ ହରିହର ଭେଟରେ ସମାପନ ହେବ। ମାଁ କାଳୀକା ଦେବୀ ବାସୁଦେବ ମେଳଣ ସମିତିର କାର୍ଯ୍ୟକର୍ତ୍ତାମାନେ ସ୍ଥାନୀୟ ବାବା କପାଳଲୋଚନ ମନ୍ଦିର ପରିସରରେ ଏକ ଗଣମାଧ୍ୟମ ସମ୍ମିଳନୀରେ ମେଳଣ ସଂପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ଜଣାଇଛନ୍ତି ଏହି କାଳୀକା ଦେବୀ ବାସୁଦେବ ମେଳଣ ହେଉଛି ଐତିହାସିକ ମେଳଣ ତଥା ସର୍ବ ପୁରାତନ। ଓଡ଼ିଶାରେ ପ୍ରସିଦ୍ଧ ଲାଭ କରିଥିବା ବାବା ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପଞ୍ଚୁଦୋଳ କିମ୍ବଦନ୍ତୀ ମେଳଣ ୧୬୩୭ ମସିହାର ଠାରୁ ଆରମ୍ଭ ହୋଇଥିବା ବେଳେ ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣର ୫ବର୍ଷ ପରେ ଅର୍ଥାତ ୧୬୪୨ ମସିହାଠାରୁ ମା କାଳୀକା ଦେବୀ କଣ୍ଢେଇ ମେଳଣ ଅନୁଷ୍ଠିତ ହୋଇଥିବା ଲୋକକଥାରୁ ସମିତିର କାର୍ଯ୍ୟକର୍ତ୍ତା ମତ ରଖିଛନ୍ତି। ଏହି ମେଳଣଟି ଆରମ୍ଭ ହେବାଠାରୁ ଦୀର୍ଘବର୍ଷ ଧରି ନୀରବଚ୍ଛିନ୍ନ ଭାବେ ଚାଲୁଥିବା କେତେକ କାରଣ ବଶତଃ ଗତ ୪୫ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ବିଧି ବିଧାନ ଅନୁଯାୟୀ ଥାନପତି ଗୋଟିଏ ଦୋଳରେ ମେଳଣ ପଡିଆକୁ ଆସିଥାନ୍ତି। ବିରାଟ ଅୟୋଜନ ନହୋଇ ଥାନପତି ଦୋଳରେ ବିରାଜମାନ ଥିବା ଶ୍ରୀରାଧାକୃଷ୍ଣ ପୂଜାର୍ଚ୍ଚନା ସହ ଓଡ଼ିଶୀ ବିଶିଷ୍ଟ ଓ ବରିଷ୍ଠ ଗାୟକ ମାନଙ୍କ ଦ୍ୱାରା ପାଲା ପରିବେଷଣ ହୁଏ ବିନା ଜାକଜମକରେ। ସୂଚନାଯୋଗ୍ୟ ଗତ ୨୦୨୪ ମସିହା ଏକ ସୁବର୍ଣ୍ଣ ସଂଯୋଗରେ ପୁଣି ପୁନଃ ଜୀବିତ ହେଲା ଆଜି ବୁଧବାର ମଧ୍ୟରାତ୍ର ଜମାଣରେ ପାରମ୍ପରିକ ବାଦ୍ୟ ନୃତ୍ୟରେ ଥାଟ ପଟୁଆରରେ ସୁସଜ୍ଜିତ ଦୋଳ ବିମାନକୁ ମେଳଣ ପଡିଆକୁ ପିଣ୍ଡିଲାଗି ପାଇଁ ଆସିବେ। ଗ୍ରାମର ବିଭିନ୍ନ ସାହିର ଉଦୟମାନ ଯୁବଗୋଷ୍ଠୀ ମାନେ ବି ବିଭିନ୍ନ କିସମର ରଙ୍ଗ ବେରଙ୍ଗ ଆଲୋକ ଓ ବାଦ୍ୟ ସହ ଶୋଭାଯାତ୍ରାରେ ଆସିବେ ମେଳଣ ପଡିଆକୁ। ୪ର୍ଥ ଦିନ ବା ଶେଷ ଦିବସ ଗୋଧୂଳି ସନ୍ଧ୍ୟାରେ ହରିହର ଭେଟରେ ସମାପନ ହେବ। ସୂଚନା ଥାଉ କି ଏହି ମେଳଣ ଗ୍ରାମର ଆରାଧ୍ୟ ଦେବୀ ମା କାଳୀକାଙ୍କ ନାମରେ ନାମିତ କିନ୍ତୁ ମେଳଣ ପଡ଼ିଆରେ ଥାନପତି ହୁଅନ୍ତି ଗ୍ରାମର ଆରାଧ୍ୟ ଦେବ ବାସୁଦେବ। ତେଣୁ ପରିଚାଳନା ସମିତି ଗତବର୍ଷଠାରୁ ମା କାଳୀକା କଣ୍ଢେଇ ମେଳଣ ନାମ ପରିବର୍ତ୍ତନ କରି ଶ୍ରୀ ମା କାଳୀକା ଦେବୀ ବାସୁଦେବ ମେଳଣ ନାମରେ ନାମିତ କରି ନୂଆ ଦିଗ୍ ଦର୍ଶନ ଚିନ୍ତନରେ। ଏହି ସମ୍ମିଳନୀରେ ସଭାପତି ଥିଲେ ପରିଚାଳନା ସମିତିର ସଭାପତି ତଥା ପୌରାଞ୍ଚଳର ଦୁଇ ଦୁଇଥରର ପୌରାଧକ୍ଷ ସଂଗ୍ରାମ କେଶରୀ ରାଉତରାୟ, ସଂପାଦକ ବେଣୁଧର ବେହେରା, ସରପଞ୍ଚ ସୁବାସିନୀ ବିଶ୍ୱାଳ, ସମିତି ସଭ୍ୟା ସତ୍ୟଭାମା ରାଉତରାୟ, କାର୍ଯ୍ୟକାରୀ-ସଂପାଦକ ଶ୍ରୀବସ୍ତ ଜେନା (ବାବୁଲି), ସହ-ସଂପାଦକ ସୁନୀଲ ରାଉତରାୟ (ପିଣ୍ଟୁ), ଶ୍ରୀବସ୍ତ ସ୍ୱାଇଁ, ଗଗନ ଜେନା, ମାନସ ରଞ୍ଜନ ବେହେରା, ମାନସ ଜେନା, ଯୁବରାଜ ସୁବୁଦ୍ଧି, ବିଭୂପ୍ରସାଦ ବଛି, ଜାପାନୀ ବେହେରା, ଭରତଚନ୍ଦ୍ର ଭଙ୍ଗ, ଜିତେନ୍ଦ୍ର ଦାସ, ପ୍ରଭାତ ସାହୁ, ଶ୍ରୀନିବାସ ସାହୁ ଓ ଦୁର୍ଗାଚରଣ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

## ବଜ୍ରପାତରେ ନାବାଳକ ମୃତ



ରାଜନଗର, : ସୋମବାର ବଜ୍ରପାତରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରର ମୃତ୍ୟୁ ଘଟିଛି । ଗତକାଲି ଅପରାହ୍ନ ପ୍ରାୟ ୭ଟା ସମୟରେ ରାଜନଗର ବ୍ଲକ ଶିକାରପାହି ଗାଁର ୧୨ବର୍ଷ ର ବାଳକ ସୁକୁମାର ମାନ୍ନା ଘର ପାଖ ପଡିଆରେ ଖେଳୁଥିବା ବେଳେ ହଠାତ ବଜ୍ରପାତ ହୋଇଥିଲା । ଘରକୁ ଦୌଡି ଆସିବା ବେଳେ ସୁକୁମାରଙ୍କ ଉପରେ ବଜ୍ରପାତ ପଡିଥିଲା । ଘଟଣା ସ୍ଥଳରେ ସୁକୁମାର ଟଳି ପଡିଥିଲେ । ସୁକୁମାରଙ୍କ ଛାତି ଉପରେ ବଜ୍ରପାତ ପଡିଥିଲା । ଗୁରୁତର ଅବସ୍ଥାରେ ପ୍ରଥମେ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରଯାଇଥିଲା । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଆଜି ଅପରାହ୍ନ ରେ ରାଜନଗର ତାଳଚୁଆ ଅଞ୍ଚଳ ରେ କାଳ ବୈଶାଖ ପ୍ରଭାବ ରେ ପ୍ରବଳ ବର୍ଷା ହୋଇଛି।

## ଫଟୋଗ୍ରାଫର ମହାସଂଘର ନୀରବ ଶୋଭାଯାତ୍ରା ଓ ଦୀପଦାନ



ପୁର : କାଶ୍ମୀରର ପହଲଗାମ ଠାରେ ଆତଙ୍କବାଦୀ ଆକ୍ରମଣରେ ମୃତାହତ ହୋଇଥିବା ପର୍ଯ୍ୟଟକ ମାନଙ୍କ ଅମର ଆତ୍ମାର ସଦଗତି ପାଇଁ ପୁରୀ ସମୁଦ୍ରକୂଳ ଫଟୋଗ୍ରାଫର ମହାସଂଘର ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା ଦିଗବାରେଣୀ ଛକ ଠାରୁ ବାହାରି ସିଂହଦ୍ୱାର ଠାରେ ପହଞ୍ଚିଥିଲା । ନରସଂହାର ବନ୍ଦ କର, ଆତଙ୍କବାଦ ବନ୍ଦ କର, ଭାରତବର୍ଷର ବିଭାଜନ ବନ୍ଦ କର ଫ୍ଲାଗ କାର୍ଡ ଧରି ନୀରବ ଶୋଭାଯାତ୍ରା କରିଥିଲେ । ପୁରୀ ମଧ୍ୟ ଏକ ପର୍ଯ୍ୟଟନ କ୍ଷେତ୍ର ହୋଇଥିବାରୁ ପର୍ଯ୍ୟଟନ ମହଲରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଆତଙ୍କବାଦୀଙ୍କ କାର୍ଯ୍ୟକଳାପକୁ ନିନ୍ଦା କରିବା ସହ ଆତଙ୍କବାଦୀଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାରଙ୍କ ପାଖରେ ଦାବି କରିଥିଲେ । ଏହି ଶୋଭାଯାତ୍ରାରେ ପ୍ରାୟ ୭ଶହରୁ ଉର୍ଦ୍ଧ୍ୱ ଫୋଟୋଗ୍ରାଫର ମାନେ ସିଂହଦ୍ୱାର ଠାରେ ଅମର ଆତ୍ମାର ସଦଗତି କାମନା ପାଇଁ ଦୀପଦାନ କରିଥିଲେ । ମହାସଂଘର ମୁଖ୍ୟ ଉପଦେଷ୍ଟା ତଥା ଆଇନଜୀବୀ ଶ୍ରୀକାନ୍ତ ପରିଜାଙ୍କ ନେତୃତ୍ୱରେ ଫୋଟୋଗ୍ରାଫର ମାନେ ଏକତ୍ରିତ ହୋଇ ମହାସଂଘର ସଭାପତି ପି. ମୋହନ ରାଓ, ସମ୍ପାଦକ ଗୋବିନ୍ଦ ଦତ୍ତ, କାର୍ଯ୍ୟ ନିରୀକ୍ଷକ ରାମଚନ୍ଦ୍ର ସାହୁ, ଉପ ସଭାପତି ଜି.ଶିବ, ସହ ସମ୍ପାଦକ ଏମ. ରାଜା, ଏସ୍ ଶିବ ରାଓ, କୋଷାଧ୍ୟକ୍ଷ ପ୍ରଭାତ ସେଠୀଙ୍କ ସମେତ ଚକ୍ରତୀର୍ଥ ବିଚ୍ ଠାରୁ ଷ୍ଟର୍ଲିନ ବିଚ୍ ପର୍ଯ୍ୟନ୍ତ ୧୦ଟି ଫଟୋଗ୍ରାଫର ମହାସଂଘର ସମସ୍ତ ସଦସ୍ୟ ମାନେ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜୟପୁର ଆନୁକୂଲ୍ୟରେ ଗୋପାଳ କୃଷ୍ଣ ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜି ମହାବିଦ୍ୟାଳୟ ସଚେତନତା ଶିବିର,

ଜୟପୁର, : ଶ୍ରୀ ପ୍ରଦୀପ କୁମାର ମହନ୍ତ ଜିଲ୍ଲା ଜଜ୍ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜୟପୁର ଙ୍କ ତତ୍ତ୍ୱାବଧାନ ରେ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ସୁରକ୍ଷା ଆଇନ ଏବଂ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଉଅଜାତି ଅତ୍ୟାଚାରୀତ ଅଧୀନିୟମ, ୧୯୮୯ ବିଷୟରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିର ର ମୁଖ୍ୟ ବିଷୟ ଥିଲା କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ସୁରକ୍ଷା ଆଇନ ନିବାରଣ, ନିଷେଧ ଏବଂ ପ୍ରତିକାର ଆଇନ । ଏହି ଶିବିର ମୁଖ୍ୟ ଅତିଥି ଭାବରେ ସଚିବ ତଥା ଲୋକ ଅଦାଲତ ବିଚାରପତି ଶ୍ରୀ ସୁମନ ଜେନା ଯୋଗଦେଇ ସଚେତନତା ର ବାର୍ତ୍ତା ମାଧ୍ୟମରେ କହିଥିଲେ ଯେ ପ୍ରତ୍ୟେକ କର୍ମକ୍ଷେତ୍ରର ନିଯୁକ୍ତିଦାତା, ଲିଖିତ ଆଦେଶ ଦ୍ୱାରା, 'ଆଭ୍ୟନ୍ତରୀଣ ଅଭିଯୋଗ କମିଟି' ନାମରେ ଏକ କମିଟି ଗଠନ କରିବେ ଯଦି କାର୍ଯ୍ୟକ୍ଷେତ୍ରର କାର୍ଯ୍ୟାଳୟ କିମ୍ବା ପ୍ରଶାସନିକ ୟୁନିଟ୍ ବିଭିନ୍ନ ସ୍ଥାନରେ କିମ୍ବା ବିଭାଗୀୟ କିମ୍ବା ଉପ-ବିଭାଗ ସ୍ତରରେ ଅବସ୍ଥିତ, ତେବେ ସମସ୍ତ ପ୍ରଶାସନିକ ୟୁନିଟ୍ କିମ୍ବା କାର୍ଯ୍ୟାଳୟରେ ଆଭ୍ୟନ୍ତରୀଣ କମିଟି ଗଠନ କରାଯିବ। ଏବଂ ଜଣେ ଅଧ୍ୟକ୍ଷ ଅଧିକାରୀ ଯିଏ କର୍ମକ୍ଷେତ୍ରରେ ବରିଷ୍ଠ ସ୍ତରରେ ନିୟୋଜିତ କର୍ମଚାରୀମାନଙ୍କ ମଧ୍ୟରୁ ଜଣେ ମହିଳା ହେବେ । ଯଦି ଜଣେ ବରିଷ୍ଠ ସ୍ତରୀୟ ମହିଳା କର୍ମଚାରୀ ଉପଲବ୍ଧ ନହୁଅନ୍ତି, ତେବେ ଉପଧାରା (୧) ରେ ଉଲ୍ଲେଖିତ କର୍ମକ୍ଷେତ୍ରର ଅନ୍ୟ କାର୍ଯ୍ୟାଳୟ କିମ୍ବା ପ୍ରଶାସନିକ ୟୁନିଟ୍ ରୁ ଅଧ୍ୟକ୍ଷ ଅଧିକାରୀଙ୍କୁ ମନୋନୀତ କରାଯିବ ।

## ସେମିଳିଗୁଡା ନାଗରିକ ସଂଘରେ ଶୋକସଭା




ଦାମନଯୋଡି/ସେମିଳିଗୁଡା, :ସେମିଳିଗୁଡାସ୍ଥିତ ବରିଷ୍ଠ ନାଗରିକ ସଂଘ ପହେଲଗାମ ଆତଙ୍କବାଦୀ ଆକ୍ରମଣ ଓ ନରସଂହାର ଘଟଣାରେ ମର୍ମାହତ ହୋଇ ଏକ ଶୋକସଭାର ଆୟୋଜନ କରିଥିଲେ।ସଂଘର ସଭାପତି ଶ୍ରୀ ବିନୟ ଚନ୍ଦ୍ର ପଟ୍ଟନାୟକ ସଭାରେ ସଭାପତିତ୍ୱ କରି ଏହି ବର୍ବୋରଚିତ ଘଟଣାକୁ ନିନ୍ଦା କରିଥିଲେ।ବୈଠକରେ ଦିବଂଗତ ଆତ୍ମାଙ୍କ ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ଥିଲା।ଏହାପରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ବରିଷ୍ଠ ଶିକ୍ଷାବିତ ଡକ୍ଟର ଚିତ୍ତରଞ୍ଜନ ମିଶ୍ର ଏହି ଘଟଣାର ତୀବ୍ର ନିନ୍ଦା କରିବାସହ ସମସ୍ତ ଭାରତୀୟ ଏକ ହେବାର ସମୟ ଆସିଯାଇଛି ବୋଲି କହିଥିଲେ।ପ୍ରେସକ୍ଲବର ସଭାପତି ଶ୍ରୀ ଅଜୟ କୁମାର ସାହୁ,ବରିଷ୍ଠ ନାଗରିକ ସଂଘର ସଂପାଦକ ଅଜିତ ପାଣିଗ୍ରାହୀ,ନିଜ ନିଜର ବକ୍ତବ୍ୟ ରଖିଥିଲେ।ବରିଷ୍ଠ ସମାଜସେବୀ ସ୍ନିଗ୍ଧାରାଣୀ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।କାର୍ଯ୍ୟକାରୀ ସଭାପତି ପ୍ରତାପ ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ଦିନରେ ଏକ ମହମବତୀ ଶୋଭାଯାତ୍ରା କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

## ଜମନକିରା ବିଦ୍ୟା ସାଗର ଜ୍ଞାନ ମନ୍ଦିର ବିଦ୍ୟାଳୟର ବାର୍ଷିକ ଉତ୍ସବ



ଜମନକିରା, : ଜମନକିରା ବିଦ୍ୟା ସାଗର ଜ୍ଞାନ ମନ୍ଦିର ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ସନ୍ଧ୍ୟାରେ ବିଦ୍ୟାଳୟ ସମ୍ପାଦକ ଲୁଲେନ୍ଦୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବ ସମାରୋହରେ ଜମନକିରା ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ ରବୀନ୍ଦ୍ର ସେଠୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ସୁଜାତା ଖୁଣ୍ଟିଆ ଜମନକିରା ଜୋନ ୧ ଜିଲ୍ଲା ପରିଷଦ ସଭ୍ୟା ଯୋଗ ଦେଇଥିଲେ, ସମ୍ମାନୀୟ ଅତିଥିଭାବେ ଶ୍ରୀଯୁକ୍ତ ପୁରୁଷୋତ୍ତମ ପାତ୍ର ବରିଷ୍ଠ ଶିକ୍ଷକ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପୁଡ଼ାପରା ଏବଂ ବିଶିଷ୍ଟ ବକ୍ତା ଭାବେ ଶ୍ରୀଯୁକ୍ତ ଯତିନ୍ଦ୍ର କୁମାର ପ୍ରଧାନ ଇଂରାଜୀ ଅଧ୍ୟାପକ ଦ୍ୱାରିକା ପ୍ରସାଦ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମୁରା ଯୋଗ ଦେଇଥିଲେ। ବର୍ତ୍ତମାନ ସମୟରେ ଶିଶୁମାନଙ୍କୁ ମୋବାଇଲ ଦୁନିଆରୁ ଦୁରେଇ ରଖିବା ଓ ସମାଜରେ ଏକ ଭଲ ମଣିଷ ହେବା ପାଇଁ ବିଦ୍ୟାଳୟ ର ଗୁରୁତ୍ୱପୂର୍ଣ୍ଣ ଭୂମିକା ସହିତ ପିତା ମାତାଙ୍କ ଭୂମିକା ମଧ୍ୟ ରହିଛି ବୋଲି ଅତିଥି ଗଣ ନିଜ ଅଭିଭାଷଣ ରେ କହିଥିଲେ। ଅନ୍ୟର ଭଲ ଚିନ୍ତା କଲେ ନିଜର କିଭଳି ଭଲ ହୁଏ ସେ ସମ୍ପର୍କ ରେ ବିଡ଼ିଓ ନଜ ଅଭିଭାଷଣ ରେ ଅଭିଭାବକ ମାନଙ୍କୁ ବକ୍ତବ୍ୟ ମାଧ୍ୟମରେ କହିଥିଲେ। ସେହିପରି ବିଦ୍ୟା ସାଗର ଜ୍ଞାନ ମନ୍ଦିରର ପଞ୍ଚମ ଶ୍ରେଣୀରେ ପାଠ ପଢୁଥିବା ସୋନାକ୍ଷୀ ସାହୁଙ୍କୁ ମାନେଶ୍ୱର ବ୍ଲକ ରେ ବୃତ୍ତି ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିଗ୍ରହଣ କରିଥିବା, ସିଦ୍ରା ଫାତିମାଙ୍କୁ ଜମନକିରା ଓଡିଶା ଆଦର୍ଶ ବିଦ୍ୟାଳୟର ଏଣ୍ଟ୍ରାନ୍ସ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ଅର୍ଜନ କରିଥିବା ଓ ପ୍ରୀୟାନସି ଚୌଧୁରୀଙ୍କୁ ସମ୍ବଲପୁର ଏକଲବ୍ୟ ଏଣ୍ଟ୍ରାନ୍ସ ପରୀକ୍ଷାରେ ପ୍ରଥମ ସ୍ଥାନ, ରେଙ୍ଗାଲି ଓଡିଶା ଆଦର୍ଶ ବିଦ୍ୟାଳୟ ରେ ପ୍ରଥମ ସ୍ଥାନ ଓ ସମ୍ବଲପୁର ଜବାହର ନବୋଦୟ ବିଦ୍ୟାଳୟ ଏଣ୍ଟ୍ରାନ୍ସ ପରୀକ୍ଷାରେ ଚତୁର୍ଥ ସ୍ଥାନ ଅର୍ଜନ କରିଥିବା ଯୋଗୁଁ ଏହି ବିଦ୍ୟାର୍ଥୀଙ୍କୁ ବିଦ୍ୟାଳୟ ପକ୍ଷରୁ ଅତିଥି ଗଣଙ୍କ ଦ୍ୱାରା ପ୍ରଫୁଲ୍ଲ ପ୍ରଜ୍ଞା ପୁରସ୍କାରରେ ମାନ ପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସେହିପରି ବିଦ୍ୟାଳୟ ରେ ପାଠ ପଢୁଥିବା ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ବିଭିନ୍ନ ଖେଳ ପ୍ରତିଯୋଗିତା ରେ ଉତ୍ତିନ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ମାନପତ୍ର, ଟ୍ରଫି, ମେଡାଲ ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ପରି ଶେଷରେ ବିଦ୍ୟା ସାଗର ଜ୍ଞାନ ମନ୍ଦିର ମୁରା ଓ ଜମନକିରାର ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ନାଚ ଗୀତ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ଶିକ୍ଷୟତ୍ରୀ ମଧୁସ୍ମିତା ପ୍ରଧାନ ଅତିଥି ପରିଚୟ କରିଥିଲେ। ବିଦ୍ୟାଳୟ ଛାତ୍ରୀ ସିଦ୍ରା ଫାତିମା ବିଦ୍ୟାଳୟ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟ ଶିକ୍ଷୟତ୍ରୀ ଅନୁପମା ନାଏକ ଅତିଥି ବୃନ୍ଦଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱାଗତିକା ପଟେଲ, ଗୋକୁଲ ପଧାନ, ଖୁସି ମିତ୍ତଲ, ଜଳିତା ପଧାନ ସହିତ ଅନ୍ୟ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ନଗର ସ୍ତରୀୟ ପଥ ସଞ୍ଚଳନ

ଦାମନଯୋଡି, (ନିପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡ଼ିଶା ପଶ୍ଚିମ ଅଧୀନସ୍ଥ କୋରାପୁଟ ଖଣ୍ଡ ଅନ୍ତର୍ଗତ ଦାମନଯୋଡି ନଗର ପକ୍ଷରୁ ସୋମବାର ଅପରାହ୍ନରେ ଏକ ପଥ ସଞ୍ଚଳନ କରାଯାଇଥିଲା । ବିଭିନ୍ନ ଶାଖାର ପ୍ରାୟ ୩୦୦ ରୁ ଉର୍ଦ୍ଧ୍ୱ ସ୍ୱୟଂସେବକ ପୂର୍ଣ୍ଣ ଗଣବେଶ ପରିଧାନ କରି ସଂଚଳନରେ ଭାଗ ନେଇଥିଲେ । ଶ୍ରୀ ଅଭୟ ଅଞ୍ଜନେୟ ଙ୍କ ମନ୍ଦିର ପରିସରରୁ ବାହାରି ନାଲକୋ ଟାଉନସିପ, ଭେଜାପୁଟ ଆଦି ପରିକ୍ରମା କରି ମାଥାଲପୁଟ ସ୍ଥିତ ମାଲୁସାଉନ୍ତା ସ୍କୁଲ ପଡ଼ିଆରେ ପହଞ୍ଚିଥିଲେ । ସେଠାରେ ଏକ ଉଦବୋଧନ ସଭା କରାଯାଇଥିଲା ।ଆଗାମୀ ବିଜୟା ଦଶମୀ ରେ ସଂଘର ୧୦୦ ବର୍ଷ ପୂର୍ତ୍ତି ପାଳନ ପାଇଁ ଏହା ପୂର୍ବ ପ୍ରସ୍ତୁତି ବୋଲି ସ୍ୱୟଂସେବକ ମାନଙ୍କୁ ଉଦବୋଧନ ଦେଇ କହିଛନ୍ତି ଓଡ଼ିଶା ପଶ୍ଚିମ ପ୍ରାନ୍ତ ସହ ପ୍ରଚାରକ ତଥା କାର୍ଯ୍ୟକ୍ରମର ମୁଖ୍ୟ ବକ୍ତା ସୁରେନ୍ଦ୍ର କୁମାର ପଣ୍ଡା ।

# କୋଣାର୍କ-ବାଲୁଖଣ୍ଡ ଅଭୟାରଣ୍ୟକୁ ଦୁଇ ଭାଗ କରିଦେଇଛି ଜାତୀୟ ରାଜପଥ, ଭିନ୍ନେ ହୋଇଗଲେ ବନ୍ୟଜନ୍ତୁ:ଚିର ନିଦ୍ରାରେ ପ୍ରଶାସନ

## ଜାତୀୟ ଗ୍ରୀନ ଟ୍ରିବୁନାଲରେ ହେଲା ଅଭିଯୋଗ

କୋଣାର୍କ, : ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ଓ ଚନ୍ଦ୍ରଭାଗା ସମୁଦ୍ର କୂଳକୁ ସଂଯୁକ୍ତ କରୁଥିବା ପୁରୁଣା ରାସ୍ତାଟିକୁ ଏବେ ଭାରତ ଜାତୀୟ ରାଜପଥ ପ୍ରାଧିକରଣ ତରଫରୁ ନୂଆ ରୂପ ଦିଆଯାଇଛି । ଏହି ରାସ୍ତା ବର୍ତ୍ତମାନ ୬ ଲେନରେ ରୂପାନ୍ତରିତ ହୋଇଯାଇଛି । ଏହି ରାସ୍ତାର ମଝିରେ ସିମେଣ୍ଟ ମୂଳଦୂଆ ଓ ତାରଜାଲିର ବିଭାଜକ ବା ଡିଭାଇଡର ତିଆରି କରାଯାଇଛି । ତା ମଝିରେ ଲାଗିଛି ସୌନ୍ଦର୍ଯ୍ୟକାରୀ ଫୁଲ ଓ ପତ୍ରପୂର୍ଣ ଗଛ । ରାତିସାରା ଜଳୁଛି ନୀଳନାଲି ରଙ୍ଗୀନ ଆଲୋକ । ଏହା ବାହାରୁ ଦେଖିବାକୁ ସୁନ୍ଦର ଲାଗୁଥିଲେ ମଧ୍ୟ ବନ୍ୟଜନ୍ତୁ ଓ ପ୍ରାକୃତିକ ପରିବେଶ ପାଇଁ ଗଭୀର ଅଭିଶାପ ହୋଇ ଠିଆ ହୋଇଛି । ମଣିଷ ଆଖିକୁ ସୁନ୍ଦର ଦେଖାଯିବା ପାଇଁ ବେଆଇନ ଭାବେ କରାଯାଇଥିବା ଏହି ଡିଭାଇଡର କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟର ବନ୍ୟଜନ୍ତୁଙ୍କ ମଧ୍ୟରେ ଏକ ସ୍ଥାୟୀ ପାଚେରୀ ହୋଇ ଠିଆ ହୋଇଛି । ଏହି ପାଚେରୀ ହଟାଇବାକୁ ଜାତୀୟ ଗ୍ରୀନ ଟ୍ରିବୁନାଲରେ ହୋଇଛି ଅଭିଯୋଗ । କୋଣାର୍କ-ବାଲୁଖଣ୍ଡ ଅଭୟାରଣ୍ୟ ବିଭିନ୍ନ ପ୍ରକାର ବନ୍ୟଜନ୍ତୁଙ୍କ ପାଇଁ ଖୁବ ପ୍ରସିଦ୍ଧ । ଏହି ଅଞ୍ଚଳରେ ବହୁ ସଂଖ୍ୟକ ହରିଣ, ବିଲୁଆ, ହେଟା , କୋକିଶିଆଳି, ବିଭିନ୍ନ ପ୍ରକାର ପକ୍ଷୀ, ସାପ ଓ ଅନ୍ୟାନ୍ୟ ପ୍ରାଣୀ ବାସ କରନ୍ତି । ଏମିତି ଏକ ପରିବେଶ ଭିତ୍ତିକ ସଂବେଦନଶୀଳ ଅଞ୍ଚଳ ମଧ୍ୟରେ ଯେତେବେଳେ ରାସ୍ତା ବା ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ହୁଏ, ସେଥିରେ ବନ୍ୟଜନ୍ତୁଙ୍କ ଚଳାଚଳ ପାଇଁ ବିଶେଷ ବ୍ୟବସ୍ଥା ରଖିବା ଆଇନତଃ ଜରୁରୀ । କିନ୍ତୁ ଦୁଃଖର କଥା କୋଣାର୍କରୁ ଚନ୍ଦ୍ରଭାଗା ମଧ୍ୟରେ ୩ କିଲୋମିଟର ବ୍ୟାପୀ ଏହି ନୂଆ ୬ ଲେନ ରାସ୍ତା ମଧ୍ୟରେ ଏକ ଲମ୍ବା ଓ ଦୃଢ଼ କଙ୍କ୍ରିଟ ଡିଭାଇଡର୍ ତିଆରି ହୋଇଛି, ତାର ଦୁଇ ପାର୍ଶ୍ୱରେ ଲାଗିଛି ଲୁହା ଜାଲି । ସେହି ଲୁହା ଜାଲି ମଧ୍ୟରେ ଲାଗିଛି ସୌନ୍ଦର୍ଯ୍ୟକାରୀ ଫୁଲ ଓ ପତ୍ରପୂର୍ଣ ଗଛ । ଏହି ଡିଭାଇଡର ଅଭୟାରଣ୍ୟ ମଝିରେ ପାଚେରି ହୋଇ ଠିଆ ହୋଇଛି । ଯଦ୍ଦ୍ୱାରା ବନ୍ୟଜନ୍ତୁ ଅଭୟାରଣ୍ୟ ମଧ୍ୟରେ ଭିନ୍ନେ ହୋଇଯାଇଛନ୍ତି । ଏପଟୁ ଆରପଟକୁ ଯାଇପାରୁନାହାନ୍ତି । ରାତିସାରା ନୀଳନାଲି ଆଲୋକ ଜଳିରହୁଥିବାରୁ ଏହା ମଧ୍ୟ ବନ୍ୟଜନ୍ତୁଙ୍କ ସ୍ୱାଧୀନ ବିଚରଣରେ ବ୍ୟାଘାତ ସୃଷ୍ଟି କରୁଛି । ଏହା ବନ୍ୟଜନ୍ତୁଙ୍କ ଜୀବନ ଚକ୍ର ଓ ନିଜସ୍ୱ ପ୍ରାକୃତିକ ଅଧିକାର ଉପରେ ଏକ ଅମାନବୀୟ ଆକ୍ରମଣ ।ଭାରତର ବନ୍ୟଜନ୍ତୁ ସୁରକ୍ଷା ଆଇନ ୧୯୭୨ ଓ ପରିବେଶ ମନ୍ତ୍ରଣାଳୟର ନିର୍ଦ୍ଦେଶନାମା-୨୦୧୧ ଅନୁଯାୟୀ, କୌଣସି ଅଭୟାରଣ୍ୟ ଅଞ୍ଚଳ ମଧ୍ୟରେ ନୂଆ ରାସ୍ତାର ନିର୍ମାଣ କିମ୍ବା ପୁନଃନିର୍ମାଣ ପାଇଁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମତି ଦରକାର । ଏପରି କ୍ଷେତ୍ରରେ ବନ୍ୟଜନ୍ତୁଙ୍କ ନିରାପଦ ଗମନାଗମନ ପାଇଁ ଭୂତଳ ରାସ୍ତା , କଲଭର୍ଟ କିମ୍ବା ବନ୍ୟପ୍ରାଣୀ କରିଡର କରିବା ନିହାତି ଜରୁରୀ । ସୁପ୍ରିମକୋର୍ଟ ମଧ୍ୟ ବହୁ ସମୟ ଧରି ଏହି ଧରଣର ମାମଲା ରେ ସ୍ପଷ୍ଟ ମତ ପ୍ରକାଶ କରିଛନ୍ତି । ୨୦୧୩ ମସିହାରେ ଏହି ସଂକ୍ରାନ୍ତିୟ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ମାନ୍ୟବର ଅଦାଲତ କହିଥିଲେ, ଯେ ଅଭୟାରଣ୍ୟ ଓ ରାଷ୍ଟ୍ରୀୟ ଉଦ୍ୟାନ ମଧ୍ୟରେ କୌଣସି ପ୍ରକଳ୍ପ ଆରମ୍ଭ ପୂର୍ବରୁ ବନ୍ୟଜନ୍ତୁ ଓ ପରିବେଶ ଉପରେ ଏହାର ପ୍ରଭାବର ମୂଲ୍ୟାୟନ ଅନିବାର୍ଯ୍ୟ ।ହେଲେ ଏ ସମସ୍ତ ଆଇନ ଓ ନିର୍ଦ୍ଦେଶକୁ ଅବମାନନା କରି ମାନବୀୟ ସୁଖ ପାଇଁ ଅଭୟାରଣ୍ୟର ବନ୍ୟଜନ୍ତୁଙ୍କ ଉପରେ ଏତାଦୃଶ ନିର୍ଦ୍ଦୟ ବ୍ୟବହାର ଓ ଜୈବ ବିବିଧତା ପ୍ରତି ଆଞ୍ଚ ଆଣିବା ଘଟଣା ବିରୁଦ୍ଧରେ ଜାତୀୟ ଗ୍ରୀନ ଟ୍ରିବୁନାଲରେ ଅଭିଯୋଗ କରିଛନ୍ତି ସାମାଜିକ କର୍ମୀ ଏନ୍ . ଏ. ଶାହା ଅନସାରୀ ଏ ସମ୍ପର୍କରେ ରାଜ୍ୟ ସରକାର, ଓଡ଼ିଶା ବନ ବିଭାଗ ଓ ଭାରତ ଜାତୀୟ ରାଜପଥ ପ୍ରାଧିକରଣ ଅତି ଶୀଘ୍ର ଦୃଷ୍ଟି ନିକ୍ଷେପ ପରି ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି ।

## ଖୋର୍ଦ୍ଧାରୋଡ ଆରପିଏଫଙ୍କ ରେଳ ଷ୍ଟେସନରେ ଫ୍ଲାଗ ମାର୍ଚ୍ଚ





ଜଟଣୀ, : ସ୍ଥାନୀୟ ପୂର୍ବତଟ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଅଧିନରେ ଥିବା ବିଭିନ୍ନ ରେଳଷ୍ଟେସନ ମାନଙ୍କରେ ଶନିବାର ରେଳପଥ ସୁରକ୍ଷା ବଳ (ଆରପିଏଫ)ଙ୍କ ଦ୍ୱାରା ଫ୍ଲାଗ(ପତାକା) ମାର୍ଚ୍ଚ କରିଛନ୍ତି । ରେଳମଣ୍ଡଳ ମୁଖ୍ୟାଳୟ ଅଧିନ ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧାରୋଡ୍, କଟକ, ଭଦ୍ରକ, ଯାଜପୁର କେଉଁଝର ରୋଡ୍ ଷ୍ଟେସନ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣରୁ ଆରପିଏଫ ଜବାନମାନଙ୍କ ଦ୍ୱାରା ରେଳଯାତ୍ରୀଙ୍କ ନିରାପଦ ସହ ନିର୍ଭୟ ସୃଷ୍ଟି କରିବା ସ ?ହ ଅସାମାଜିକଙ୍କ ପାଇଁ ସତର୍କ ଘଣ୍ଟି ବଜାଇବା ସଦୃଶ ବୋଲି ଜଣେ ଜବାନ ମତବ୍ୟକ୍ତ କରିଛନ୍ତି । ଏହି ଫ୍ଲାଗ୍ ମାର୍ଚ୍ଚ ଷ୍ଟେସନରେ ଯେକୌଣସି ପ୍ରକାରର ଅପ୍ରୀତିକର ଉପାଦାନକୁ ଜବତ ଓ ଅସାମାଜିକଙ୍କୁ ଗିରଫ କରିବା, ଯାତ୍ରୀମାନଙ୍କୁ ନିରାପଦ ସୃଷ୍ଟି କରି ଅସୁବିଧାମୁକ୍ତ ଯାତ୍ରା ପ୍ରଦାନ କରିବାରେ ରେଳପଥ ସୁରକ୍ଷା ବଳଙ୍କ ସଜାଗ ରହିବାର ଅଭିବ୍ୟକ୍ତିକୁ ସୂଚିତ କରିଥାଏ ବୋଲି ରେଳ ପ୍ରଶାସନ ତରଫରୁ ଜଣାଯାଇଛି । ରେଳଯାତ୍ରା ସମୟରେ ସମ୍ପୃକ୍ତ ଆରପିଏଫ୍ ଅଧିକାରୀ, ନିରୀକ୍ଷକ ଏବଂ କର୍ମଚାରୀମାନଙ୍କ ଦ୍ୱାରା ପତାକା ମାର୍ଚ୍ଚ କରାଯାଇଛି ।

## ଡଙ୍କାରୀ ପାହାଡ ଦୁର୍ନୀତିର ଚେର ଲମ୍ବିଲମ୍ବି ଯାଉଛି

ଯାଜପୁର, : ବହୁ ଚର୍ଚ୍ଚିତ ଡଙ୍କାରୀ ପାହାଡ଼ ଲୁଟ ମାମଲାରେ ଏକ ନୂଆ ଟ୍ୱିଷ୍ଟ ସାମ୍ନାକୁ ଆସିଛି । ଏହି ପାହାଡକୁ ନେଇ ଯାଜପୁର ଧର୍ମଶାଳା ରାଜନୀତି ସରଗରମ ଥିବାବେଳେ, ଗତ ସପ୍ତାହରେ ଏଠାରୁ ଖଣି ଖନନ ସମ୍ପୂର୍ଣ୍ଣ ବନ୍ଦ ହେବା ନେଇ ଖଣି ବିଭାଗ ଚିଠି କରିବା ପରେ ଏହି ଚର୍ଚ୍ଚାରେ ବିରାମ ଲାଗିବ ବୋଲି ଆଶା କରାଯାଉଥିଲା । କିନ୍ତୁ ଏବେ ଆଉ ଏକ ଅଭିଯୋଗ ଏହି ଚର୍ଚ୍ଚାକୁ ପୁଣି ଥରେ ଖୋରାକ ଯୋଗାଇଛି । ଅଭିଯୋଗ ମୁତାବକ, ୨୦୧୬ ମସିହାରେ ଡଙ୍କାରୀ ପାହାଡ଼ରୁ ବେଆଇନ ଖନନକୁ ନେଇ ସେତେବେଳର ଜିଲ୍ଲାପାଳ କରିଥିବା ୫୯ କୋଟି ଟଙ୍କାର ଫାଇନ ପଛରେ ଅନେକ ରହସ୍ୟ ଲୁଚି ରହିଛି । ଏହି ଫାଇନ ସେତେବେଳେ କେଉଁ ଉଦ୍ଦେଶ୍ୟରେ ହୋଇଥିଲା ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । କାହିଁକି ନା ଏତେ ଟଙ୍କାର ଫାଇନ ପଛରେ ଠୋସ ନଥିପତ୍ର ଓ ଯୁକ୍ତିଗତ ପ୍ରମାଣ ପତ୍ର ନ ଥିବା ଯୋଗୁଁ ଏହି ମାମଲା କୋର୍ଟରେ କାଟ ଖାଇଗଲା । ଫଳରେ ଏହି ଜରିମାନାର ପୁନଃ ତଦନ୍ତ ପାଇଁ ଆଦେଶ ହେଲା । କିନ୍ତୁ ପରବର୍ତ୍ତୀ ସମୟରେ ଏହାର ପୁନଃ ତଦନ୍ତ ପ୍ରଶାସନ କରିପାରିଲା ନାହିଁ । ଅନ୍ୟପଟେ ୨୦୨୨ରେ ଆୟକର ବିଭାଗ ପକ୍ଷରୁ ଏହି ଖଣି ଖନନ ବ୍ୟବସାୟରେ ସଂପୃକ୍ତ ବ୍ୟବସାୟୀ ଶ୍ରୀବାସ ଜେନାଙ୍କ ସମେତ ତାଙ୍କର କିଛି ସହଯୋଗୀଙ୍କ ଉପରେ ଆୟକର ବିଭାଗ ଚଢ଼ାଉ କରିଥିଲା । ଯେଉଁ ଅଧିକାରୀଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା ଉକ୍ତ ଅଧିକାରୀ ଏହି ଖଣି ବ୍ୟବସାୟୀଙ୍କ ସହ ଏକ ବଡ ଡିଲ କରି ପୁରା ଘଟଣାର ଦିଗକୁ ମୋଡି ଦେଇଥିବା ନେଇ କେନ୍ଦ୍ରୀୟ ଭିଜିଲାନ୍ସ କମିଶନଙ୍କ ନିକଟରେ ଅଭିଯୋଗ ହୋଇଛି । ସେତେବେଳ ଡେପୁଟି କମିଶନର ଥିବା ହୃଦୟ କୁମାର ଦାସ ଚଢାଉ ବେଳେ ଜବତ କରିଥିବା ଅନେକ କାଗଜପତ୍ରକୁ ମନ୍ଦ ଉଦ୍ଦେଶ୍ୟରେ ଲୁଚାଇ ଦେଇଥିବା କୁହାଯାଉଛି । ସେ ତାଙ୍କର ପଦବୀର ଅପବ୍ୟବହାର କରି ବେଆଇନ ଖଣି ଖନନ ମାମଲାରେ କୋଟି କୋଟି ଟଙ୍କାର ହେରଫେର କରିଥିବା ଖଣି ବ୍ୟବସାୟୀଙ୍କୁ ସୁରକ୍ଷା ଦେବା ସହ ରାଜକୋଷକୁ କ୍ଷତି ପହଞ୍ଚାଇଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି । ଆୟକର ବିଭାଗର ଏହି ଅଧିକାରୀ ପୂର୍ବତନ ଯାଜପୁର ଜିଲ୍ଲାପାଳଙ୍କ ଜ୍ୱାଇଁ ହୋଇଥିବା କାରଣରୁ ଏଭଳି ଡିଲ କରିବାକୁ ସକ୍ଷମ ହୋଇଥିବା ଚର୍ଚ୍ଚା ହେଉଛି । ତଦନ୍ତ ସମୟରେ ଶ୍ରୀବାସ ଜେନାଙ୍କ ବିଭିନ୍ନ ସ୍ପଞ୍ଜ୍ ଉତ୍ପାଦନ ଓ ଚିପ୍ସ ବ୍ୟବସାୟରେ ଯେଉଁ ଆୟ ରହିଥିଲା ତାହା ତଦନ୍ତ ରିପୋର୍ଟରେ ଆୟକର ବିଭାଗ ଅଧିକାରୀ ଦର୍ଶାଇ ନ ଥିବା ଅଭିଯୋଗ ହୋଇଛି । ଏପରିକି ଏହି ଅଧିକାରୀ ନିଜ ସଂପର୍କୀୟ ମାନଙ୍କ ନାଁରେ ପ୍ରାୟ ୨୦୦ କୋଟିରୁ ଅଧିକ ଟଙ୍କାର ବେନାମୀ ସମ୍ପତି ଠୁଳ କରିଥିବା ମଧ୍ୟ ଅଭିଯୋଗ ହୋଇଛି । ଅନ୍ୟପଟେ ଦୀର୍ଘ ୩ ବର୍ଷ ଧରି ଗୋଟିଏ କାର୍ଯ୍ୟାଳୟରେ କାର୍ଯ୍ୟ କରି ଆସୁଥିବା ଏହି ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରା ନ ଯାଇ ସେହି କାର୍ଯ୍ୟାଳୟର ବେନାମୀ ପ୍ରୋହିବିସନ୍ ୱିଂରେ ଦାୟିତ୍ୱ ପ୍ରଦାନ କରାଯିବାକୁ ନେଇ ଆପତ୍ତି ଉଠାଇଛନ୍ତି ଅଭିଯୋଗକାରୀ । ଏହି ମାମଲା ଦେଶର ଆର୍ଥିକ ଓ ପ୍ରଶାସନିକ ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଉଥିବାରୁ ଭିଜିଲାନ୍ସ ସଂପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ସଠିକ୍ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି ।

## ମହାନତାର ପରିଚୟ ଦେଲେ ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକ



ବୋଲଗଡ,. : ଗତ କାଲି ୨୧ ଏପ୍ରିଲ୍,ଅପରାହ୍ନରେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ପିଚୁକୁଳି ପଟୁ ସାନପଦର ଆଡେ ଆସୁଥାନ୍ତି ଗୋପାଳପୁର ପଞ୍ଚାୟତର ସରପଞ୍ଚ ପ୍ରଦୀପ କୁମାର ବାରିକ, ହଠାତ ସୁକୁଆଖାଇ ନାଳ ପାଖାପାଖି ଦେଖିଲେ ଜଣେ ଯୁବକ ଦୁର୍ଘଟଣା ଗ୍ରସ୍ତ ହୋଇ ରାସ୍ତା କଡରେ ରକ୍ତାକ୍ତ ଅବସ୍ଥାରେ ପଡ଼ି ରହିଛନ୍ତି, ନିକଟରେ ତାଙ୍କର ବାଇକ ବ୍ଲାକ କଲର ପଲସର୍ ଟି ପଡ଼ି ରହିଥିଲା । ଅନେକ ଲୋକ ସେହି ବାଟ ଦେଇ ଯିବା ଆସିବା କରୁଥିଲେ ବି କେହି ଅଟକୁ ନଥିଲେ । ଯେହେତୁ ପ୍ରଦୀପ ବାରିକ ଜଣେ ଆଦର୍ଶ ସରପଞ୍ଚ ତଥା ସମାଜ ସେବୀ, ସେ ତତକ୍ଷଣାତ ଅଟକି ୧୦୮ କୁ ଫୋନ କରି ଉକ୍ତ ବ୍ୟକ୍ତିଙ୍କୁ ଉଠାଇ ନିକଟସ୍ଥ ହସପିଟାଲକୁ ପଠାଇ ଥିଲେ । ଖବର ନେବାରେ ଜଣା ପଡିଛି ବ୍ୟକ୍ତି ଜଣଙ୍କ ହେଉଛନ୍ତି କାଲୁ ନାୟକ, ପିତା- ମାୟ ନାୟକ, ଗ୍ରାମ- କୋଟପଲ୍ଲୀ, ବ୍ଲକ୍ - ବେଗୁନିଆ, ତାଙ୍କ ଗାଡ଼ି ନମ୍ବର ଓ ଡି ୦୨ ସି ବି ୨୮୮୯ ବୋଲି ଜଣା ପଡ଼ିଛି । ସ୍ଥାନୀୟ କିଛି ବ୍ୟକ୍ତି ବିଶେଷ ସହଯୋଗ କରି ଥିବା ଜଣା ପଡିଛି ।ପ୍ରଦୀପଙ୍କର ଏହି ସାହାଯ୍ୟ ମନବୃତିକୁ ଉପସ୍ଥିତ ଜନ ସାଧାରଣ ପ୍ରଶଂସା କରିବା ସହ ଧନ୍ୟବାଦ୍ ଦେଇଛନ୍ତି ।

## ବୃଦ୍ଧଙ୍କୁ ପିଟିଲା ବାଇକ୍: ଘଟଣାସ୍ଥଳରେ ଚାଲିଗଲା ଜୀବନ, ଆରୋହୀ ଗୁରୁତର

କୋଣାକା, : ଗତକାଲି ବିଳମ୍ବିତ ରାତିରେ ଦଶବାଟିଆ ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏଠାରେ ବୃଦ୍ଧଙ୍କୁ ଏକ ବାଇକ ପିଟିବା ଫଳରେ ଘଟଣାସ୍ଥଳରେ ବୃଦ୍ଧଙ୍କର ମୃତ୍ୟୁ ହୋଇଥିବା ବେଳେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି ।ଏରବଙ୍ଗ ଗ୍ରାମର ନାରାୟଣ ଦଳାଇ ବାଇକରେ କୋଣାର୍କରୁ ଘରକୁ ଫେରୁଥିବା ବେଳେ ବଗଲେଇ ଗ୍ରାମର ବାପି ପାତ୍ର(୫୮) ରାସ୍ତା ପାର ହେଉଥିବା ବେଳେ ଦୁର୍ଘଟଣା ଘଟିଥିଲା । ଏହି ଭିଡିଓ ଏବେ ଭାଇରାଲ ହେଉଛି ।ଗୁରୁତର ନାରାୟଣଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଉଦ୍ଧାର କରି ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତରିତ କରାଯାଇଛି ।ସୂଚନା ଅନୁଯାୟୀ,ଏରବଙ୍ଗ ଗ୍ରାମର ନାରାୟଣ ଦଳାଇ ବାଇକରେ କୋଣାର୍କରୁ ଘରକୁ ଫେରୁଥିବା ବେଳେ ବଗଲେଇ ଗ୍ରାମର ବାପି ପାତ୍ର(୫୮) ରାସ୍ତା ପାର ହେଉଥିବା ବେଳେ ଦୁର୍ଘଟଣା ଘଟିଥିଲା

## ଚିଲିକା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନକଲେ ଆଇନ୍ ମନ୍ତ୍ରୀ



ଖୋର୍ଦ୍ଧା: : ଆଜି ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ? ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଚିଲିକା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।ଏହି ଉନ୍ନୟନ ମୂଳକ ପ୍ରକଳ୍ପ ଗୁଡ଼ିକ ହେଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୫୧୭.୨୬ ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ' ହଜ ? ଠାରୁ ଦୀନବନ୍ଧୁପୁର ଭାୟା କାଲୁନିଆରୀ ଓ ଗମେଇ ରାସ୍ତା ନିର୍ମାଣ କାର୍ଯ୍ୟ,୫୧୩.୧୮ ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ପଣସଡ଼ିହ(ଶାଳିଆ ଡ୍ୟାମ)ଠାରୁ ନୀଳାଦ୍ରିପ୍ରସାଦ ଭାୟା ବରକୋଳି ରାସ୍ତା ନିର୍ମାଣ କାର୍ଯ୍ୟ,୬୮୮.୭୨ ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ନୀଳାଦ୍ରିପ୍ରସାଦ ଠାରୁ ପଣସଡ଼ିହ ଭାୟା ବରକୋଳି ରାସ୍ତାର ୧୦.୨୦ କି.ମି ଠାରେ ଶାଳିଆ ୱାଟର ଚ୍ୟାନେଲ ଉପରେ ସୁଉଚ୍ଚ ସେତୁ ନିର୍ମାଣ କାର୍ଯ୍ୟ,୩୧୫.୨୮ ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ଏନଚ୍-୫ ଠାରୁ ରାହାଣବେଳି ରାସ୍ତାର ? ଉନ୍ନତିକରଣ କାର୍ଯ୍ୟ ଓ ପୂର୍ତ୍ତ ବିଭାଗ ପକ୍ଷରୁ ୧୪.୭୮ କୋଟି ଟଙ୍କା ? ଅଟକଳ ବ୍ୟୟରେ ସୁନାଖଳା ଠାରୁ ଆୟତପୁର ରାସ୍ତାର ଉନ୍ନତିକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।ଏହି ପ୍ରକଳ୍ପ ଗୁଡ଼ିକ ହେବା ଦ୍ୱାରା ଚିଲିକା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମର ଗ୍ରାମବାସୀମାନେ ଉପକୃତ ହେବା ସହ ଗମନାଗମନ କ୍ଷେତ୍ରରେ ସୁଦୃଢ଼ ହୋଇପାରିବ ।ଏହି କାର୍ଯ୍ୟକ୍ରମ ଅବସରରେ ପୁରୀ ସାଂସଦ ଡ଼ାଃ ସମ୍ବିତ ପାତ୍ର, ବାଣପୁର ବ୍ଲକ ଅଧକ୍ଷ ? ଅମରେନ୍ଦ୍ର ରଣସିଂହ, ଚିଲିକା ବ୍ଲକ ଅଧକ୍ଷା ଜ୍ୟୋସ୍ନା ବେହେରା, ଚିଲିକା ବ୍ଲକ ଉପାଧକ୍ଷ ଅରୁଣ ପଟ୍ଟନାୟକ,ସମାଜସେବୀ ଦୁଷ୍ମନ୍ତ ହରିଚନ୍ଦନ,ବାଣପୁର ବ୍ଲକ ଉପାଧକ୍ଷାଙ୍କ ପ୍ରତିନିଧି ମାଧବ ପ୍ରଧାନ,୧୪ ନଂ ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ତପନ ପ୍ରଧାନ,କୁଲେଇ ? ଗ୍ରା:ପ ସରପଞ୍ଚଙ୍କ ପ୍ରତିନିଧି ପ୍ରକାଶ ବେହେରା, ନୀଳାଦ୍ରିପ୍ରସାଦ ସରପଞ୍ଚ ଉମାକାନ୍ତ ସାହୁ, ଭେଟେଶ୍ୱର ସରପଞ୍ଚ ସାବିତ୍ରୀ ଭୋଳ,ସଂଗଠକ ଜିତେନ୍ଦ୍ର ଭୋଳଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ମାନେ ଉପସ୍ଥିତ ଥିଲେ ।

## ଓଡ଼ିଶାର ସାମ୍ବାଦିକ ଓ ଖବରକାଗଜ ବିକ୍ରେତାଙ୍କ ପାଇଁ ଖୁସି ଖବର

ଭୁବନେଶ୍ୱର, : ଓଡ଼ିଶାର ସାମ୍ବାଦିକ ଓ ଖବରକାଗଜ ବିକ୍ରେତାମାନେ ଶୀଘ୍ର ନିର୍ମାଣ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ କଲ୍ୟାଣକାରୀ ସୁବିଧା ପାଇବେ । ଗୁରୁବାର ଦିନ ଏହି ଘୋଷଣା କରିଛନ୍ତି ରାଜ୍ୟ ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । କେନ୍ଦୁଝରରେ 'ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସ' ଅବସରରେ ଆୟୋଜିତ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମନ୍ତ୍ରୀ ଏହି ଯୋଜନାର ବିବରଣୀ ଦେଇଛନ୍ତି ।ମନ୍ତ୍ରୀ ଖୁଣ୍ଟିଆ କହିଛନ୍ତି ଯେ, ଏହି ଯୋଜନା ମାଧ୍ୟମରେ ୩.୫ କୋଟି ଲାଭାର୍ଥୀଙ୍କୁ ସାମିଲ କରିବାର ଲକ୍ଷ୍ୟ ରହିଛି, କିନ୍ତୁ ଏବେ ସୁଦ୍ଧା ମାତ୍ର ୫୦ ଲକ୍ଷ ଲୋକ ନିଜକୁ ପଞ୍ଜିକରଣ କରିଛନ୍ତି ।



ଏହି ଯୋଜନା ଅଧୀନରେ ସାମ୍ବାଦିକ ଓ ଖବରକାଗଜ ବିକ୍ରେତାମାନେ 'ନିର୍ମାଣ ଶ୍ରମିକ କାର୍ଡ' ପାଇବେ, ଯାହା ସେମାନଙ୍କୁ ବିଭିନ୍ନ ଆର୍ଥିକ କ୍ଷତିପୂରଣ ସୁବିଧା ମାଧ୍ୟମରେ ଆର୍ଥିକ ସୁରକ୍ଷା ଯୋଗାଇବ । ସ୍ୱାଭାବିକ ମୃତ୍ୟୁ ଘଟଣାରେ କାର୍ଡଧାରୀଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଏବଂ ଦୁର୍ଘଟଣାଜନିତ ମୃତ୍ୟୁରେ ୬ ଲକ୍ଷ ଟଙ୍କା କ୍ଷତିପୂରଣ ମିଳିବ ।ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶା ସରକାର ପୂର୍ବରୁ 'ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା' କାର୍ଯ୍ୟକାରୀ କରିଛନ୍ତି, ଯାହା ସାମ୍ବାଦିକ ଓ ସେମାନଙ୍କ ଯୋଗ୍ୟ ପରିବାର ସଦସ୍ୟଙ୍କ ଚିକିତ୍ସା ଖର୍ଚ୍ଚ ପୂରଣ କରେ ।

## ନବରଙ୍ଗପୁର ଠାରେ ଜିଲ୍ଲା ସ୍ତରୀୟ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଙ୍କ ଜନ୍ମ ଜୟନ୍ତୀ ପାଳିତ !

ନବରଙ୍ଗପୁର, ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଜିଲ୍ଲା ସ୍ତରୀୟ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଙ୍କ ଜନ୍ମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି ! ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ( ସାଧାରଣ ) ତପନ କୁମାର ଖୁଣ୍ଟିଆ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହ ଫଟୋଚିତ୍ର ରେ ମାଲ୍ୟାର୍ପଣ କରିଥିଲେ ! ମଞ୍ଚାସିନ ଅତିଥି ମାନଙ୍କ ମଧ୍ୟରେ ସାହିତ୍ୟିକ ବିଜୟ ଚୌଧୁରୀ, ଲେଖକ ନାରାୟଣ ପଣ୍ଡା ,ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ଏବଂ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ! ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ କରି ସଭା ସଞ୍ଚାଳନ କରିଥିଲେ ! ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ମହାରାଜ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଙ୍କ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ରେ ଭୂମିକା, ସେ ସମୟରେ ଓଡ଼ିଶାର ଶିକ୍ଷା,ଭାଷା,ଶିଳ୍ପ,ଜଳ ସେଚନ,କୃଷି ପ୍ରତି ତାଙ୍କର ବିଶେଷ ଅବଦାନ,ସାହିତ୍ୟ ଓ ସଂସ୍କୃତି ପ୍ରତି ଅନୁରାଗ ,ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ପ୍ରତି ଆଗ୍ରହ କୁ ଅବତାରଣା କରିଥିଲେ ! ଗଠନ ରେ ମୁଖ୍ୟ ବିନ୍ଧାଣୀ ରୂପେ କରିଥିବା ଯୋଗଦାନ କୁ ସ୍ମୃତିଚାରଣ କରିଥିଲେ ! ସ୍ମୃତି ଚାରଣ ସଭାରେ ମନୋରମା ମାଝୀ ,ପ୍ରଭାସିନୀ ମହାନ୍ତି,ସ୍ୱର୍ଣ୍ଣଲତା ପଟ୍ଟନାୟକ,ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ଯାହ୍ନବି ପଣ୍ଡା ନିଜ ନିଜ ବକ୍ତବ୍ୟ ରଖିଥିଲେ । ଆଲୋଚନା ସଭାରେ ସହର ର ବୁଦ୍ଧିଜୀବୀ, କବି ,ଲେଖକ ଙ୍କ ସହ ପୂର୍ଣ୍ଣଚନ୍ଦ୍ର ମହାପାତ୍ର,ଅବନୀ ରଞ୍ଜନ ତ୍ରିପାଠୀ,ପି ରବିକାନ୍ତ ରଘୁରାମ,ରାମ ପ୍ରସାଦ ପାତ୍ର,ଦେବଦାସ ମହାକୁଡ,ଜଗନ୍ନାଥ ବେହେରା, ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ! ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଧନ୍ୟବାଦ୍ ଅର୍ପଣ କରିଥିଲେ ! ସୁଚନା ଓ ଲୋକ ସମ୍ପର୍କ ବିଭାଗ ର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ! ନବରଙ୍ଗପୁର ରୁ ରଞ୍ଜିତ ନାୟକ ଙ୍କ ରିପୋର୍ଟ ଉତ୍କଳ ମେଲ !

## ୟାଜଦାନୀ ଷ୍ଟିଲ ଦୁର୍ଘଟଣାରେ ଶ୍ରମିକଙ୍କ ମୃତ୍ୟୁ, ସୁରକ୍ଷା ନେଇ ପ୍ରଶ୍ନବାଚୀ




ଯାଜପୁର, : : ୟାଜଦାନୀ ଷ୍ଟିଲ କାରଖାନାରେ ସୁରକ୍ଷା ନେଇ ବାରମ୍ବାର ଅଘଟଣ ଘଟୁଥିବା ବେଳେ କିଛି ମାସ ମଧ୍ୟରେ ଏଭଳି ଏକ ଦୁର୍ଘଟଣା ଘଟିଥିଲା । କଳିଙ୍ଗନଗର ଶିଳ୍ପାଞ୍ଚଳର ୟାଜଦାନୀ ଷ୍ଟିଲ କାରଖାନାରେ ସୋମବାର ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣା ପରେ କାରଖାନା ପରିସରରେ ଉତ୍ତେଜନା ଦେଖା ଦେଇଥିଲାକ୍ଷ ରିଗର ରେ କାମ କରୁଥିବା ସମୟରେ ୮୦ ଫୁଟ ଉଚ୍ଚ ରୁ ତଳକୁ ଖସି ଖସି ପଡି ଗୁରୁତର ହୋଇଥିଲେ । । ମୃତ ଶ୍ରମିକ ଙ୍କ ଘର ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ କୁଳସମନ୍ତରାପୁରର ଶୁକଦେବ ବେହେରାଙ୍କ ପୁଅ ବିବେକାନନ୍ଦ ବେହେରା ( ୪୪ ) । ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଥିଲା । ତେବେ କାମ କରୁଥିବାବେଳେ ସେପଟି ବେଲ୍ ? ପିନ୍ଧିନଥିବାରୁ ଏଭଳି ଦୁର୍ଘଟଣା ଘଟି ବିବେକାନନ୍ଦ ଙ୍କ ମୃତ୍ୟୁ ହୋଇଥିବା କିଛି କର୍ମଚାରୀ କହିଛନ୍ତି କ୍ଷ ଗୁରୁତ୍ୱପୂର୍ଣ୍ଣ କଥା କି ଏହି କାରଖାନା ଯଖପୁରା ଥାନା ଠାରୁ ମାତ୍ର୍ ୫୦୦ ମିଟର ଦୂର ରେ ହୋଇଥିବା ବେଳେ ଦୁର୍ଘଟଣା ଘଟିବାର ବହୁ ବିଳମ୍ବରେ ଖବର ପାଇଛନ୍ତି କ୍ଷ ଦୁର୍ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଥିବା ବୋଲି କାରଖାନା କର୍ତ୍ତୃପକ୍ଷ ଙ୍କ ଉଦ୍ଦେଶ୍ୟ ଥିଲା ବୋଲି ଆଲୋଚନା ହେଉଛି ।ମୃତ ବିବେକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର ଚେକ୍ ଓ ୫୦ ହାଜର ଟଙ୍କା ଶେଷ କୃତ୍ୟ ପାଇଁ ଦେଇଥିବା ଜଣାପଡିଛି କ୍ଷ ଏ ସମ୍ପର୍କରେ କାରଖାନା ଓ ବାଷ୍ଟିତ୍ର ଅଧିକାରୀ ଙ୍କୁ ଯୋଗା ଯୋଗ କରିଥିଲେ ବି ସେ ଫୋନ ଗ୍ରହଣ କରିନଥିଲେ କ୍ଷଷ୍ଟିଲ କାରଖାନାର ବେପାରୁଆ ସୁରକ୍ଷା ବ୍ୟବସ୍ଥା ପାଇଁ ବାରମ୍ବାର ଦୁର୍ଘଟଣା ଘଟୁଥିବା ନେଇ ଅଭିଯୋଗ ହେଉଛି ।

## ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ନୂତନ ଭବନର ଶିଳାନ୍ୟାସ



ଭୁବନେଶ୍ୱର, : ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଆଜି ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ନୂତନ ଭବନର ଶିଳାନ୍ୟାସ କରିଛନ୍ତି । ଏହି ନୂତନ ଭବନଟି ପ୍ରାୟ ୨୫ କୋଟି ଟଙ୍କା ବିନିମୟରେ ନିର୍ମାଣ ହେବ । ଆସନ୍ତା ଏକ ବର୍ଷ ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ଶେଷ ହୋଇ ଭବନଟିରେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ମୁଖ୍ୟ ଦପ୍ତର ଭାବେ କାର୍ଯ୍ୟ କରିବ । ବର୍ତ୍ତମାନ ନିଗମର ପରିସରରେ ଉକ୍ତ ନୂତନ ଭବନ ନିର୍ମାଣ କରାଯାଉଛି । ସୂଚନାଯୋଗ୍ୟ ଯେ ବର୍ତ୍ତମାନ ନିଗମର କାର୍ଯ୍ୟ ହେଉଥିବା ଭବନଟି ୩୭ ବର୍ଷ ପୁରୁଣା ଏବଂ ନିଗମର କାର୍ଯ୍ୟଭାର ଓ କର୍ମଚାରୀ ସଂଖ୍ୟା ବୃଦ୍ଧି ଯୋଗୁଁ ଏକ ନୂତନ ଭବନର ଆବଶ୍ୟକତା ରହିଛି । ନିର୍ମାଣ ହେବାକୁ ଥିବା ଏହି ନୂତନ ଭବନଟି ପାଞ୍ଚମହଲା ବିଶିଷ୍ଟ ହେବ । ଏହାର ବେସ୍ ?ମେଣ୍ଟରେ ଯାନ ରଖିବା ପାଇଁ ପାର୍କିଂ ସ୍ଥଳି ରହିବ । ନୂତନ ଭବନରେ ବରିଷ୍ଠ ଅଧିକାରୀ ମାନଙ୍କ କାର୍ଯ୍ୟାଳୟ, ସମ୍ମିଳନୀ କକ୍ଷ, ପ୍ୟାଣ୍ଟ୍ରି, ପ୍ରତୀକ୍ଷାଳୟ, ନିରୀକ୍ଷଣ କକ୍ଷ ସମେତ ଅନ୍ୟ କର୍ମଚାରୀ ଓ ଅଧିକାରୀମାନଙ୍କ ପାଇଁ ଯଥେଷ୍ଟ କକ୍ଷ ଓ ସ୍ଥାନ ରହିବ । ଏହି ଅବସରରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂହ, ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ସୁପରିଟେଣ୍ଡେଣ୍ଟ ଇଂଜିନିୟର, ନିର୍ମାଣକାରୀ ସଂସ୍ଥାର ପ୍ରତିନିଧି ସମେତ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂପାଦକୀୟ

# ବିଶୃଙ୍ଖଳିତ

ପୋଲିସ ହେଉଛି ଆଇନ୍ ଶୃଙ୍ଖଳାର ରକ୍ଷକ। ଜନସାଧାରଣଙ୍କ ଆସ୍ଥା ଓ ଭରସାର ପ୍ରତୀକ। ଲୋକଙ୍କୁ ନ୍ୟାୟ ଦେବା ହେଉଛି ପୋଲିସର ପରମ କର୍ତ୍ତବ୍ୟ। ନ୍ୟାୟ ପାଇଁ ନିରୀହ ଲୋକଟିଏ ଦୌଡ଼ିଯାଇଥାଏ ପୋଲିସ ନିକଟକୁ। ହେଲେ ବାଡ଼ କ୍ଷେତ ଖାଇବା ଭଳି ଆଚରଣ ଯଦି ପୋଲିସ ପ୍ରଦର୍ଶନ କରେ ତେବେ ନ୍ୟାୟ ଦେବ କିଏ? ଏପରି ଏକ ପ୍ରଶ୍ନ ଏବେ ସମସ୍ତଙ୍କ ମନରେ। ପୋଲିସ ଏବେ ଆଉ ନିରପେକ୍ଷ ଅବଲମ୍ବନ କରୁନଥିବା ରାଜ୍ୟବାସୀ ଅନୁଭବ କଲେଣି। ସେ ରାଜନୈତିକ ଚାପ ହେଉ ଅଥବା କେଉଁ ଅଦୃଶ୍ୟ ଶକ୍ତିର ବାଧ୍ୟବାଧକତା ହେଉ ପୋଲିସ ବହୁ ସମୟରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଯାହାଫଳରେ ବିଭିନ୍ନ ମହଲରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ରାଜ୍ୟ ସରକାର ମହିଳାମାନଙ୍କ ସଶକ୍ତିକରଣ କ୍ଷେତ୍ରରେ ଜୋରଦାର ପ୍ରୟାସ ଜାରି ରଖିଥିବା ବେଳେ ବହୁ ନାରୀ ନିର୍ଯାତନା କ୍ଷେତ୍ରରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ବଦଳରେ କାହିଁକି ନିରବତା ଅବଲମ୍ବନ କରୁଛି, ତାହା ଜଣାପଡ଼େ ନାହିଁ। ସଙ୍ଗୀନ ହତ୍ୟା ମାମଲାରେ ମଧ୍ୟ ପୋଲିସର ନିରବତା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଥାନାଗୁଡ଼ିକରେ ଦାୟିତ୍ୱରେ ଥିବା ବାବୁମାନେ ଅଭିଯୋଗକାରୀଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ନ କରିବା, ବହୁ ସଙ୍ଗୀନ ମାମଲାରେ ଏତଲା ଗ୍ରହଣ ନ କରିବା ଏପରି କି ଲାଞ୍ଚ ନ ଦେଲେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ପରି ଅଭିଯୋଗ ମଧ୍ୟ କିଛି କମ୍ ନୁହେଁ। ଗତ ବର୍ଷକ ମଧ୍ୟରେ କେତେ ଯେ ପୋଲିସ ବାବୁ ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହେଲେଣି ତା'ର ହିସାବ ମଧ୍ୟ ନାହିଁ। କହିବାକୁ ଗଲେ ରାଜ୍ୟ ପୋଲିସ ଏକରକମ ଦୁର୍ନୀତିର ଚରମସୀମା ଟପି ଗଲେଣି। ସେହିପରି ଏବେ ପୋଲିସ ନାଁରେ ଯେଉଁ ଅଭିଯୋଗ ଆସୁଛି ତାହା ନିଶ୍ଚିତ ଭାବେ ସଙ୍ଗଠନ ବୋଲି କୁହାଯାଇପାରେ। ରାଜ୍ୟରେ ବାରମ୍ବାର ହାଜତ ମୃତ୍ୟୁ ଘଟି ଚାଲିବା ଭଳି ସଙ୍ଗୀନ ଅଭିଯୋଗ ବାରମ୍ବାର ହୋଇ ଆସୁଛି। ପୋଲିସ ଅଭିଯୁକ୍ତକୁ ଗିରଫ କରିବା ପରେ କୋର୍ଟ ଚାଲାଣ କରିବା କଥା। ହେଲେ ଥାନା ହାଜତରେ ଅଭିଯୁକ୍ତର କିପରି ମୃତ୍ୟୁ ଘଟୁଛି ତାକୁ ନେଇ ବିଭିନ୍ନ ମହଲରେ ଆଶ୍ଚର୍ଯ୍ୟ ପ୍ରକଟ କରାଯାଇଛି। ନିକଟରେ ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନାରେ ଘଟିଥିବା ହାଜତ ମୃତ୍ୟୁକୁ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଛି। ଏକ ସୁନା ଲୁଟ୍ ଘଟଣାରେ ପ୍ରଦୀପ ଦାସ ନାମକ ଜଣେ ସରକାରୀ କର୍ମଚାରୀଙ୍କୁ ଅଭିଯୁକ୍ତ ଦର୍ଶାଇ ଗିରଫ କରିବା ଓ ପରେ ଥାନା ହାଜତରେ ଅସୁସ୍ଥ ହେବା ଓ ହସ୍ପିଟାଲରେ ମୃତ୍ୟୁବରଣ କରିବା ଭଳି ଅଭାବନୀୟ ଘଟଣା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଆଇନର ରକ୍ଷକ ଯଦି ନିଜେ ଆଇନ୍ ଭାଙ୍ଗିବେ, ତା' ହେଲେ ନ୍ୟାୟ ଦେବ କିଏ? ହାଜତ ମୃତ୍ୟୁକୁ ନେଇ ଏବେ ବହୁ ମାମଲା ଅଦାଲତ ଓ ମାନବାଧିକାର କମିଶନଙ୍କ ନିକଟରେ ବିଚାର ପାଇଁ ପଡ଼ି ରହିଛି। ପ୍ରଶ୍ନ ଉଠୁଛି, ପୋଲିସ ଏ ପରି ଆଚରଣ ପ୍ରଦର୍ଶନ କରୁଛି କାହିଁକି? ପୋଲିସ ବିଭାଗ ଏକ ଶୃଙ୍ଖଳିତ ବିଭାଗ। ଏଠି ବିଶୃଙ୍ଖଳାର ସ୍ଥାନ ନାହିଁ। କାହିଁକି ପୋଲିସ ଜନସାଧାରଣଙ୍କୁ ଉଚିତ ନ୍ୟାୟ ଦେବାରେ ଅସମର୍ଥ ହେଉଛି? ଏବେବି ସମୟ ଅଛି ପୋଲିସ ତା'ର ଆଚରଣ, ଉଚ୍ଚାରଣ ପରିବର୍ତ୍ତନ ଆଣିବାର ଜରୁରି ଆବଶ୍ୟକତା ରହିଛି। ପୋଲିସ କାହାର ବୋଲକରା ନ ସାଜି ନିରପେକ୍ଷ ଅବଲମ୍ବନ କଲେ ଏହା ସମସ୍ତଙ୍କ ପାଇଁ ମଙ୍ଗଳକର ହୋଇ ପାରନ୍ତା। ଖୋଦ୍ ମୁଖ୍ୟମନ୍ତ୍ରୀ ଗୃହବିଭାଗ ଦାୟିତ୍ୱରେ ରହିଛନ୍ତି। ତେଣୁ ତାଙ୍କର ଭାବମୂର୍ତ୍ତି ପୋଲିସ ଉପରେ ଯେପରି ପଡ଼ି ପାରିବ ସେ ନେଇ ପଦକ୍ଷେପ ନିଆଯିବାର ଜରୁରି ଆବଶ୍ୟକତା ରହିଛି।

# ସହରର ଭିତ୍ତିଭୂମିରେ ଉପେକ୍ଷିତ କର୍ଣ୍ଣଧାର

**ଡ.ସତ୍ୟ ନାରାୟଣ ମିଶ୍ର**

ମାଜରେ ଦୁଇ ପ୍ରକାରର ମଣିଷ ଜୀବନ ନିର୍ବାହ କରିଥାନ୍ତି ଗୋଟିଏ ଥାଏ ଗ୍ରାମ୍ୟ ଜୀବନ ଓ ଅନ୍ୟଟି ଥାଏ ସହରୀ ଜୀବନ । ଗ୍ରାମ୍ୟ ଜୀବନ ଓ ସହରୀ ଜୀବନରେ ଖାଦ୍ୟ, ପୋଷାକ, କଥା ବାର୍ତ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନଶୈଳୀ ଆଦି ସଂପୂର୍ଣ୍ଣ ଗୋଟିଏ ଅନ୍ୟଠୁ ଭିନ୍ନ ଥାଏ । ପୁଣି ସହରରେ ଦୁଇ ପ୍ରକାରର ଶ୍ରେଣୀ ସମାଜ ଥାଏ ଗୋଟିଏ ସମାଜ ସେବା ଯୋଗାଇଥାଏ ଓ ଅନ୍ୟ ଗୋଟିଏ ସମାଜ ସେବା ନେଇଥାଏ ଓ ପ୍ରତିବଦଳରେ ଅର୍ଥ ପ୍ରଦାନ କରିଥାଏ ସେବା କରୁଥିବା ବ୍ୟକ୍ତି ସମାଜକୁ । ସହରରେ ଯେଉଁମାନେ ସେବା ପ୍ରଦାନ କରିଥାନ୍ତି ସେମାନେ ସହରର ଅନୁନ୍ନତ ସ୍ଥାନ ମାନଙ୍କରେ ବାସ କରୁଥିବା ବେଳେ, ସେବା ଉପରେ ନିର୍ଭର କରୁଥିବା ବ୍ୟକ୍ତି ସମାଜ ସହରର ଉନ୍ନତ ସ୍ଥାନ ମାନଙ୍କରେ ଉନ୍ନତ ଅଟ୍ଟାଳିକା ନିର୍ମାଣ କରି ସେହି ସେବା ପ୍ରଦାନ କରୁଥିବା ବ୍ୟକ୍ତି ସମାଜର ଦୟାରେ ଜୀବନ ନିର୍ବାହ କରିଥାନ୍ତି। ତେଣୁ ସହରୀକରଣ ହେଉଛି ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଜନସଂଖ୍ୟା ସ୍ଥାନାନ୍ତର, ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକଙ୍କ ଅନୁପାତରେ ହ୍ରାସ ଓ ସହରାଞ୍ଚଳରେ ସ୍ୱଳ୍ପ ସୀମାବଦ୍ଧ ସ୍ଥାନରେ ଜନସଂଖ୍ୟାର ବୃଦ୍ଧି ଯାହା ସମାଜ ଉକ୍ତ ପରିବର୍ତ୍ତନ ସହିତ ନିଜକୁ ସାମିଲ କରିଥାଏ । ତେବେ ସମାଜ ସଦାବେଳେ ଗ୍ରାମ୍ୟ ଜୀବନକୁ ବାସ୍ତବତାର ରୂପରେଖ ଦେଉଥିଲେ ହେଁ ସହରୀ ଜୀବନକୁ ଅଧିକ ମାର୍ଜିତ, ଆଭିଜାତ୍ୟ ଓ ଉନ୍ନତ ବୋଲି ପ୍ରତିପାଦନ କରିଥାଏ । ତାହା କାହା ପାଇଁ କେତେ ଗ୍ରହଣୀୟ ସେସବୁ ସ୍ଥିତି ତଥା ପରିସ୍ଥିତି ଉପରେ ନିର୍ଭର କରିଥାଏ । ସହରୀକରଣ ପ୍ରକ୍ରିୟା ଦ୍ୱାରା ବହୁ ସଂଖ୍ୟକ ଲୋକ ସ୍ଥାୟୀ ଭାବରେ ଅପେକ୍ଷାକୃତ ଛୋଟ ଅଞ୍ଚଳରେ ଏକାଗ୍ର ହୋଇ ସହର ଗଠନ କରିଥାନ୍ତି । ସହର ଗଠନର ସଂଜ୍ଞା ସମୟ ସମୟରେ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଭୌଗଳିକ, ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ଅନେକ ପରିବର୍ତ୍ତନ କରିଥାଏ ଯାହା ସମାଜ ସ୍ୱିକୃତି ପ୍ରଦାନ କରିଥାଏ । ସହରାଞ୍ଚଳରେ ନିର୍ଦ୍ଧାରିତ ସ୍ଥାନର ସାଂଖ୍ୟିକ ପରିଭାଷା ଯାହା ବି ହେଉ ନା କାହିଁକି, ମାତ୍ର ଏହା ସ୍ପଷ୍ଟ ଯେ ମାନବ ଇତିହାସର ଗତି ତ୍ୱରିତ ସହରୀକରଣ ପ୍ରକ୍ରିୟା ଦ୍ୱାରା ଚିହ୍ନିତ ହୋଇଛି । ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ ବିଶ୍ୱର ଜନସଂଖ୍ୟାର ଅଧାରୁ ଅଧିକ ସହରାଞ୍ଚଳରେ ବସବାସ କରିବାକୁ ଆଗ୍ରହ କରିଛନ୍ତି । ଅନୁମାନ କରାଯାଏ ଯେ ୨୦୦୦ ଖ୍ରୀଷ୍ଟାବ୍ଦରେ ସହରରେ ଜନସଂଖ୍ୟା ପ୍ରତି ଘନତ୍ୱ ବର୍ଗ ମାଇଲରେ ୧୨୮,୦୦୦ ଅର୍ଥାତ ବର୍ଗ କିମି ପ୍ରତି ୪୯,୪୦୦ ହୋଇଥିଲାବେଳେ, ବର୍ତ୍ତମାନର କୋଲକାତା ଓ ସାଂଘାଇର ସହରଗୁଡିକ ବର୍ଗ ମାଇଲ ପ୍ରତି ୭୦,୦୦୦ରୁ ଅଧିକ ସାନ୍ଦ୍ରତା, ଲୋକ ବସବାସ କରିଥାନ୍ତି । ୧୭୭୭ ମସିହାରେ ସାମୁଏଲ୍ ଜନସନ କହିଥିଲେ ଯେ, "ଯେତେବେଳେ ଜଣେ ବ୍ୟକ୍ତି ଲଣ୍ଡନରୁ ଥକିଯାଏ, ସେ ଜୀବନରୁ ଥକିଯାଏ; କାରଣ ଲଣ୍ଡନରେ ଜୀବନର ସବୁକିଛି ଉପଲବ୍ଧ ଥାଏ ଯାହା ମଣିଷ ଘନତ୍ୱର ପରିବେଶ । ଯାନ୍ତ୍ରିକ ଓ ପ୍ରଯୁକ୍ତି ବିଦ୍ୟାର ଜ୍ଞାନ କୌଶଳର ବିସ୍ଫୋରଣ ଯାହା ଶିଳ୍ପ ବିପ୍ଳବ ସୃଷ୍ଟି କରିଥିଲା ତାହା ସହରୀକରଣ ପ୍ରକ୍ରିୟାର ବୃଦ୍ଧି ଘଟାଇଲା । ଛୋଟ ଅଞ୍ଚଳରେ ବୃହତ ଜନସଂଖ୍ୟା ଏହାର ଅର୍ଥ ହେଲା ଯେ ନୂତନ କାରଖାନାଗୁଡ଼ିକ ଶ୍ରମିକମାନଙ୍କର ଏକ ବଡ଼ ଉତ୍ସ ଉପରେ ଆକୃଷ୍ଟ ହୋଇପାରେ । ଉନବିଂଶ ଶତାବ୍ଦୀ ସୁଦ୍ଧା ୟୁରୋପରେ ହଜାର ହଜାର ଶିଳ୍ପ କର୍ମୀ ଥିଲେ, ସେମାନଙ୍କ ମଧ୍ୟରୁ ଅନେକ ଅତ୍ୟନ୍ତ ଦୁଃଖଦ ଅବସ୍ଥାରେ ବାସ କରୁଥିଲେ । କାରଣ ପାରିଶ୍ରମିକ ପ୍ରାପ୍ତ କାର୍ଯ୍ୟର ପ୍ରତିଶୃତି ଦ୍ୱାରା ଆକର୍ଷିତ ହୋଇ ଗ୍ରାମାଞ୍ଚଳରୁ ଆସିଥିବା ପ୍ରବାସୀମାନେ ସହରରେ ନିମଜ୍ଜିତ ହୋଇଗଲେ କେବଳ ଅଧିକ ଅର୍ଥ ରୋଜଗାର ଓ ଜୀବନ ଧରଣର ମାନର ପରିବର୍ତ୍ତନ ।

ମାତ୍ର ସମୟକ୍ରମେ ସେମାନେ ଜାଣିବାକୁ ପାଇଲେ ଯେ ସେମାନେ କେବଳ ଏକ ଜନଗହଳିପୂର୍ଣ୍ଣ, ପ୍ରଦୂଷିତ ବସ୍ତିରେ ଆବର୍ଜନା, ରୋଗ ଓ ଚୁକ୍ତି ସହିତ ବାସ କରିବାକୁ ବାଧ ହୋଇଥିଲେ । ସହର, ଶିଳ୍ପାୟନ, ରୋଜଗାର ତଥା ବିନିମୟ ଆଧୁନିକ ଜୀବନକୁ ବିଶ୍ୱର ଅଧିକାଂଶ ଲୋକଙ୍କ ପାଇଁ ସହରୀ ଜୀବନ ଭାବରେ ପରିଣତ କଲା । ବିଂଶ ଓ ଏକବିଂଶ ଶତାବ୍ଦୀରେ, ଅର୍ଥନୈତିକ ବିକାଶ ଓ ଜନସଂଖ୍ୟା ବୃଦ୍ଧି ମେଗାଲୋପଲିସ୍ ଉତ୍ପାଦନକୁ ବୃଦ୍ଧି କରିପାରିଲା । ଜନସଂଖ୍ୟାର ଅନୁପାତକୁ ବିଚାର କଲେ ଗ୍ରାମାଞ୍ଚଳର ଜନସଂଖ୍ୟା, ସମୁଦାୟ ଜନସଂଖ୍ୟାର ଶତକଡା ୬୮.୮୪ ହୋଇଥିବା ବେଳେ ସହରାଞ୍ଚଳର ଜନସଂଖ୍ୟା ୩୧. ୧୬ ପ୍ରତିଶତ ଅଟେ । ହିମାଚଳ ପ୍ରଦେଶରେ ଗ୍ରାମାଞ୍ଚଳର ଜନସଂଖ୍ୟା ସର୍ବାଧିକ ୮୯.୯୬ ଥିବାବେଳେ ଦିଲ୍ଲୀରେ ସହରାଞ୍ଚଳରେ ସର୍ବାଧିକ ୮୯. ୯୬ ପ୍ରତିଶତ ଲୋକ ବାସ କରୁଅଛନ୍ତି ଯାହା ଏକ ବୃହତ ମେଗାଲୋପଲିସ । ବିଶ୍ୱ ବ୍ୟାଙ୍କର ବିକାଶ ସୂଚକାଙ୍କ ସଂଗ୍ରହ ଅନୁଯାୟୀ, ଭାରତରେ ସହରାଞ୍ଚଳ ଜନସଂଖ୍ୟାରେ ରହୁଥିବା ଜନସଂଖ୍ୟା ୨୦୧୮ ରେ ୩୫. ୨ରେ ଥିଲା । ବର୍ତ୍ତମାନର ସମାଜରେ ପ୍ରତି ଆଠ ଜଣଙ୍କ ମଧ୍ୟରୁ ଜଣେ ବସ୍ତିରେ ଜୀବନ ନିର୍ବାହ କରିଥାନ୍ତି । ମୋଟ ଉପରେ, ଆଜି ପ୍ରାୟ ଏକ ବିଲିୟନ ଲୋକ ବସ୍ତି ଅବସ୍ଥାରେ ବାସ କରନ୍ତି । ଏହା କେବଳ ଏକ ଗ୍ରହଣୀୟ ସମସାମୟିକ ବାସ୍ତବତାର ପରିମାଣ ନୁହେଁ ବରଂ ଯାହାର ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଉଅଛି । ବିଶ୍ୱର ଅଧାରୁ ଅଧିକ ଜନସଂଖ୍ୟା ସହରାଞ୍ଚଳରେ ବାସ କରନ୍ତି ଓ ୨୦୩୦ ସୁଦ୍ଧା ସ୍ୱଳ୍ପ ଏବଂ ମଧ୍ୟମ ଆୟକାରୀ ଦେଶର ଅଧାରୁ ଅଧିକ ବାସିନ୍ଦା ସହରରେ ରହିବେ ବୋଲି ଆକଳନ କରାଯାଇଛି । ଚାକିରୀ ସନ୍ଧାନରେ ଗ୍ରାମାଞ୍ଚଳବାସୀ ସହରାଞ୍ଚଳକୁ ଯିବାବେଳେ ସହରାଞ୍ଚଳର ଏକୀକରଣକୁ ବିସ୍ତାର କରି ଗ୍ରାମାଞ୍ଚଳଗୁଡିକ ଅତିକ୍ରମ କରିଚାଲିଛନ୍ତି, ଅନେକ ସ୍ୱଳ୍ପ ଏବଂ ମଧ୍ୟମ ଆୟ ଦେଶ ଦାରିଦ୍ର୍ୟର ସହରୀକରଣ ସହିତ ଅଧିକ ଚିନ୍ତିତ ଅଛନ୍ତି । ସହରାଞ୍ଚଳର ଅଭିବୃଦ୍ଧିର ଦୃତ ଓ ବୃହତ ପରିମାଣ ସେବା ଯୋଗାଇବା ଠାରୁ ବହୁ ଆଗକୁ ବଢିଛି ଓ ଅନୌପଚାରିକ ବସ୍ତିବାସିନ୍ଦାଙ୍କ ବିସ୍ତାରକୁ ବୃଦ୍ଧି କରି ଅନେକ ନୂତନ, ଛୋଟ ସହରଗୁଡିକର ବୃଦ୍ଧି ହୋଇପାରିଛି । ଉନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଲଣ୍ଡନରେ ପ୍ରଥମେ ସ୍ଲମ ବା ବସ୍ତି ଶବ୍ଦ ବ୍ୟବହୃତ ହୋଇଥିଲା । ମାତ୍ର ଏକବିଂଶ ଶତାବ୍ଦୀର ସଚେତନ ଓ ତୀକ୍ଷଣ ବୁଦ୍ଧି ସମ୍ପନ୍ନ ମଣିଷ ଉପଲବ୍ଧି କରିବା ଉଚିତ ଯେ ଏକ ସହରର ସ୍ଥିତି ଓ ଭିତ୍ତିଭୂମି ବିଶେଷତଃ ନିର୍ଭର କରିଥାଏ ଉକ୍ତ ସହରର ବସ୍ତି ବାସିନ୍ଦା ମାନଙ୍କ ଦ୍ୱାରା । ସହରର ଉଚ୍ଚ ବର୍ଗର ବ୍ୟକ୍ତି ମାନେ ଯେତେବେଳେ ଆନନ୍ଦରେ ବସତି ସ୍ଥାପନ କରିଥାନ୍ତି ସହରର ସୁରମ୍ୟ ଅଟ୍ଟାଳିକାରେ, ସେତେବେଳେ ଉକ୍ତ ବସ୍ତିର ବ୍ୟକ୍ତି ମାନେ ହିଁ ସେମାନଙ୍କୁ ସମସ୍ତ ସୁବିଧା ଓ ସେବା ଯୋଗାଇ ଦେଇଥାନ୍ତି । ସହର କୋଠା ବାଡି, ରାସ୍ତା, ଖାଦ୍ୟ, ପାନୀୟ, ବିଜୁଳି, ଘରୋଇ କାର୍ଯ୍ୟ, ପରିବହନ, ପରିମଳ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଉପଲବ୍ଧି, ବିଭିନ୍ନ ସେବାର ଉପଲବ୍ଧି ଆଦି କେବଳ ବସ୍ତିର ବାସିନ୍ଦା ମାନେହିଁ କରିଥାନ୍ତି, ଯାହା ସହର ଜୀବନର ଅଙ୍ଗ ଭାବେ ବିବେଚିତ । ସହରରେ ଶିକ୍ଷିତ ବା ଧନୀ, ଚାକିରିଆ ବ୍ୟକ୍ତି ସମାଜ କେବଳ ଅର୍ଥ ରୋଜଗାର କରୁଥିବା ବେଳେ, ଜୀବନର ରୋଜଗାର ବା ଉକ୍ତ ବାବୁ ମାନଙ୍କର ଜୀବନର ଆଧାର ହୋଇଥାନ୍ତି ଉକ୍ତ ବସ୍ତି ବାସିନ୍ଦା ଯେଉଁମାନେ ସୂର୍ଯ୍ୟ ଉଦୟରୁ ରାତି ପର୍ଯ୍ୟନ୍ତ ବଞ୍ଚିବା ନିମନ୍ତେ କେବଳ କେତୋଟି ଅର୍ଥ ରୋଜଗାର କରିଥାନ୍ତି ଯାହା ଜୀବନ ନିର୍ବାହ କରିବା ପାଇଁ ଯଥେଷ୍ଟ ହୋଇ ନପାରେ । ଗୋଟିଏ ସହର ସୀମିତ ବ୍ୟବଧାନ ପାଇଁ ମଧ୍ୟ ବସ୍ତିର ବ୍ୟକ୍ତି ମାନଙ୍କ ବିହୁନେ ଜୀବନ ନିର୍ବାହ କରିବା ସମ୍ଭବ ହୋଇ ନପାରେ । ଏକ ସର୍ବେକ୍ଷଣରୁ ଜଣାଯାଏ ଯେ ନିର୍ବାଚନରେ ଭୁବନେଶ୍ୱର ସହରରେ ମତଦାନ ହାର ୨୦୦୩ରେ ୪୮.୮,୨୦୦୮ରେ ୩୮.୨୯, ୨୦୧୩ ରେ ୪୩.୩,୨୦୧୯ ରେ ୪୫% ଓ ୨୦୨୨ ରେ ୫୦% ହୋଇଥିଲା । ମାତ୍ର ଭୁବନେଶ୍ୱରରେ ମୋଟ ମତ ଦାତା ହେଉଛନ୍ତି ୭ ଲକ୍ଷ ୨୫ ହଜାର ଯେଉଁଠାରେ ୨ ଲକ୍ଷ ୬୦ ହଜାର ମତ ଦାତା ହେଉଛନ୍ତି ବସ୍ତିରେ ବାସ କରୁଥିବା ବ୍ୟକ୍ତି । ଏକ ଉଲ୍ଲେଖନୀୟ ଘଟଣାକ୍ରମ ହୋଇଥାଏ ଯେ ନିର୍ବାଚନରେ ବସ୍ତି ବାସିନ୍ଦା ବ୍ୟକ୍ତି ସମୂହ ୮୦% ମତଦାନ ଦେଇଥାନ୍ତି ଯାହା ସହରର ଭିତ୍ତିଭୂମିର ନିର୍ଣ୍ଣାୟକ । ମାତ୍ର ସହରରେ ନିର୍ମାଣ ଠାରୁ ପରିଚୟ ପର୍ଯ୍ୟନ୍ତ ଯେଉଁ ଅଧିବାସୀ ଅଧିକ ଶ୍ରମ ଯୋଗଦାନ କରିଥାନ୍ତି ସେମାନେ ସବୁସମୟରେ ଉପେକ୍ଷିତ ହୋଇଥାନ୍ତି । ତେଣୁ ସଭ୍ୟତା ଓ ସମୟର ପରିବର୍ତ୍ତନ ସହିତ ସହର ଭିତ୍ତିଭୂମିର ନିର୍ଣ୍ଣାୟକ କର୍ଣ୍ଣଧାର ମାନେ ଉଚିତ ମର୍ଯ୍ୟାଦା ଉପଲବ୍ଧ ହେବା ଉଚିତ, ତେବେ ଯାଇ ସହର ପାଇପାରିବ ସଭ୍ୟତାର ଉତ୍କର୍ଷର ମାନଦଣ୍ଡ ।

# ଜକାତ୍ ଗରୀବଙ୍କ ପାଇଁ ଉଦ୍ଦିଷ୍ଟ

**ଏମ୍‌ଡ଼ି. ଅବଦୁଲ୍ଲା**

ଜକାତ୍ ଇସଲାମ୍‌ର ପାଞ୍ଚଟି ସ୍ତମ୍ଭରୁ ଗୋଟିଏ। ଯାହା ଫଳରେ ପ୍ରତ୍ୟେକ ମୁସଲମାନ ଯଦି କେତେକ ନିର୍ଦ୍ଦିଷ୍ଟ ମାନଦଣ୍ଡକୁ ପୂରଣ କରୁଥାଆନ୍ତି, ତେବେ ସେମାନଙ୍କୁ ଜକାତ୍ ପ୍ରଦାନ କରିବାକୁ ପଡ଼ିଥାଏ। ଜକାତ୍‌ର ଲକ୍ଷ୍ୟ ହେଉଛି ବ୍ୟକ୍ତିର ସମ୍ପତ୍ତି ସହ ତାଙ୍କର ଆତ୍ମାକୁ ବିଶୁଦ୍ଧ କରିବା। ଗୋଟିଏ ଇସ୍‌ଲାମିକ ବର୍ଷରେ ଜଣେ ବ୍ୟକ୍ତିର ସଞ୍ଚୟ ଉପରେ ଜକାତ୍‌ର ପରିମାଣ ନିର୍ଦ୍ଧାରିତ ହୋଇଥାଏ। ଜଣେ ବ୍ୟକ୍ତିର ସମ୍ପତ୍ତି ଯେତେବେଳେ ଏକ ନିର୍ଦ୍ଦିଷ୍ଟ ପରିମାଣରୁ ଅତିକ୍ରମ କରିଥାଏ ଯାହାକୁ ଇସଲାମିକ୍ ନିୟମ ଅନୁସାରେ ନିସ୍ଵାବ କୁହାଯାଏ, ସେତେବେଳେ ଜକାତ୍ ଦେବାକୁ ପଡ଼ିଥାଏ।

କିନ୍ତୁ ଜକାତ୍ ରାଜ୍ୟକୁ ଦିଆଯିବ ନା କୌଣସି ସଂସ୍ଥାକୁ ଦିଆଯିବା ନା ସିଧାସଳଖ ଗ୍ରହୀତାଙ୍କୁ ଦିଆଯିବ, ଏହି ପ୍ରଶ୍ନ ଉପରେ ଇସଲାମିକ ବିଦ୍ୱାନମାନେ ଭିନ୍ନ ମତ ପୋଷଣ କରିଛନ୍ତି, ଯଦିଓ ଜକାତ୍‌କୁ ସିଧାସଳଖ ଗ୍ରହୀତାକୁ ପ୍ରଦାନ କରିବା ଅଧିକ ପସନ୍ଦଯୋଗ୍ୟ, କାରଣ କୋରାନରେ ଉଲ୍ଲେଖିତ ଆଠ ଗୋଟି ଶ୍ରେଣୀ ମଧ୍ୟରୁ ତାହା ଗୋଟିଏ। ଗରିବ, ଯାହାଙ୍କ ପାଖରେ କମ୍ ପଇସା ଅଛି, ଜକାତ୍ କର୍ମୀ ଓ ଯେଉଁ କ୍ରୀତଦାସମାନେ ନିଜ ପାଇଁ ସ୍ୱାଧିନତା କିଣିବାକୁ ଚାହିଁଥାନ୍ତି ତାଙ୍କ ପାଇଁ ଜକାତ୍ ଉଦ୍ଦିଷ୍ଟ ଅଟେ। ଏହା ସହ ଯେଉଁମାନେ ଋଣଗ୍ରସ୍ତ, ଇଶ୍ୱରଙ୍କ ପାଇଁ ସଂଗ୍ରାମ କରୁଥିବା ବ୍ୟକ୍ତି ଓ ଅସହାୟ ବ୍ୟକ୍ତିଙ୍କ ପାଇଁ ଜକାତ୍ ଉଦ୍ଦିଷ୍ଟ ଅଟେ(କୋରାନ ୦୯, ୬୦)। ଏହା ସହ ବିଭିନ୍ନ ସଂସ୍ଥା ଗୁଡ଼ିକୁ ଜକାତ୍ ଦେବାର ମଧ୍ୟ ବ୍ୟବସ୍ଥା ଅଛି। ଫଳରେ ଜକାତ୍ ସଂଗ୍ରହ କରିବା ପାଇଁ ବିଭିନ୍ନ ସଂସ୍ଥା ଗୁଡ଼ିକ ଜକାତ୍ ଦେବାର ମଧ୍ୟ ବ୍ୟବସ୍ଥା ଅଛି। ଫଳରେ ଜକାତ୍ ସଂଗ୍ରହ କରିବା ପାଇଁ ବିଭିନ୍ନ ସଂସ୍ଥା ଗୁଡ଼ିକ ସକ୍ରିୟ ହୋଇ ଦାନ ସଂଗ୍ରହ କରିଥାନ୍ତି। ତେଣୁ ଦାନ କରିବା ପୂର୍ବରୁ ଜକାତ୍ ସଂସ୍ଥା ଗୁଡ଼ିର ନିର୍ଭରଯୋଗ୍ୟତା, ପାରଦର୍ଶିତା ଓ ପ୍ରାମାଣିକତାକୁ ଉଚିତ୍ ଭାବରେ ପରୀକ୍ଷା କରିବା ଏକାନ୍ତ ଜରୁରୀ।

ଏହି ପରିପ୍ରେକ୍ଷୀରେ ଯୋଗ୍ୟ ଗ୍ରହୀତା ମାନଙ୍କୁ ଜକାତ୍ ବଣ୍ଟନ କରିବା ପାଇଁ ଏକ ସଂସ୍ଥାକୁ ନିଯୁକ୍ତି କରିବାର ଆବଶ୍ୟକତା ଅଛି। କିନ୍ତୁ ନିମ୍ନଲିଖିତ ବିଷୟ ଉପରେ ବିଶ୍ୱାସଯୋଗ୍ୟତା ନିତାନ୍ତ ଆବଶ୍ୟକ। ପ୍ରଥମତଃ ଏହା ନିଶ୍ଚିତ କରିବାକୁ ହେବ ଯେ, ଉକ୍ତ ସଂସ୍ଥାଟି ଯୋଗ୍ୟ ଗ୍ରହୀତାଙ୍କ ପାଖରେ ପହଞ୍ଚି ପାରୁଛି ନା ନାହିଁ। ଦ୍ୱିତୀୟତଃ ଜକାତ୍ ଦାନ କର୍ତ୍ତାଙ୍କ ଏହା ବିଶ୍ୱାସ କହିବା କଥା ଯେ, ତାଙ୍କ ଦ୍ୱାରା ଦିଆଯାଉଥିବା ଦାନ ଉଚିତ୍ ଗ୍ରହୀତାଙ୍କ ଠାରେ ପହଞ୍ଚେ। ଏହା ସୁନିଶ୍ଚିତ କରିବାକୁ ହେବ ଯେପରି ସଂସ୍ଥା ଗୁଡ଼ିକ ଦାନକୁ ଗଚ୍ଛିତ କିମ୍ବା ବର୍ଦ୍ଧିତ ସମୟ (ପାଖାପାଖି ଗୋଟିଏ ବର୍ଷ) ପାଇଁ ଅଟକାଇ ପାରିବେ ନାହିଁ। ଯଦି କୌଣସି ସଂସ୍ଥା ଏପରି କରନ୍ତି କିମ୍ବା ଦାନ ପୈଠ କରିବାରେ ବିଳମ୍ବ କରନ୍ତି ତା'ହେଲେ ସେ ଗ୍ରହୀତାଙ୍କ ସମ୍ପତ୍ତିକୁ ହଡ଼ପ କରିବା ସଦୃଶ୍ୟ ହେବ। ଏହା ସହ ଉକ୍ତ ସଂସ୍ଥାଟି ଦାନ ବିତରଣରେ ପାରଦର୍ଶୀ ହେବା ଜରୁରୀ। ଜକାତ୍ ସଂସ୍ଥା ଗୁଡ଼ିକର ଅନ୍ୟ ସଂସ୍ଥା ମାନଙ୍କ ସହିତ ସମ୍ପର୍କକୁ ମଧ୍ୟ ଅନୁସନ୍ଧାନ କରାଯିବା ଆବଶ୍ୟକ। ଯଦି ଏହା ଦୃଷ୍ଟି ଗୋଚର ହେଲା ଯେ, ଏହା ରାଜନୈତିକ ପ୍ରେରିତ ସଂସ୍ଥା, ତେବେ କୌଣସି ମୁସଲମାନ ଏହା ଦ୍ୱାରା ଲାଭାନ୍ୱିତ ହେବେ ନାହିଁ। ସେ ଜକାତ୍ ଦାନ କର୍ତ୍ତା ହୁଅନ୍ତୁ ଅଥବା ଯୋଗ୍ୟ ଗ୍ରହୀତା ହୁଅନ୍ତୁ। ଜକାତ୍ ଦାନ ଦ୍ୱାରା କୌଣସି ରାଜନୈତିକ ଉଦ୍ଦେଶ୍ୟକୁ ସାଧନ ପାଇଁ କାର୍ଯ୍ୟ କରିବା ଦ୍ୱାରା, ଯୋଗ୍ୟ ଜକାତ୍ ଗ୍ରହୀତାମାନେ ତାଙ୍କର ନ୍ୟାୟ ସମ୍ମତ ଅଧିକାରରୁ ବଞ୍ଚିତ ହେଉଛନ୍ତି।

ତେଣୁ ମୁସଲମାନ ମାନଙ୍କୁ ଏହା ସୁନିଶ୍ଚିତ କରିବାକୁ ହେବ ଯେ, ଯେପରି କୌଣସି ମଧ୍ୟସ୍ଥି ବିନା ଗ୍ରହୀତାମାନଙ୍କୁ ସିଧାସଳଖ ପହଞ୍ଚେ। କାରଣ ଉଚିତ୍ ଲୋକଙ୍କୁ ସନ୍ଧାନ କରି ତାଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ତାଙ୍କ ଅଧିକାର ସମ୍ମତ ଦାନ ପ୍ରଦାନ କରିବା ଠାରୁ ବଡ଼ ଅନ୍ୟ କୌଣସି ଉପାସନା ନାହିଁ।

# ତୃଣମୂଳ ରାଜନୀତି ଓ ନାରୀ ସଶକ୍ତୀକରଣ

**ରାକେଶ ପଣ୍ଡା**

ଇତିହାସ ପୃଷ୍ଠାରୁ ଜଣାପଡେ, ଭାରତ ଏକ ପୁରୁଷ ପ୍ରାଧାନ୍ୟ ଦେଶ ଅଟେ। ଯେଉଁଥିରେ ପ୍ରାୟ, ସମସ୍ତ କ୍ଷେତ୍ରରେ ପୁରୁଷମାନଙ୍କର ଦବଦବା ତଥା ହୁକୁମ ରହିଥାଏ । ଯଦ୍ୱାରା, ନାରୀମାନେ ଅବଳା, ଦୁର୍ବଳା ଏବଂ ଅତ୍ୟାଚାରିତା ହୋଇ ସମାଜରେ ବଞ୍ଚୁଥିବାର ଅନେକ ଘଟଣା ବିଗତ ସମୟର ପୃଷ୍ଠାରେ ଲିପିବଦ୍ଧ ଅଟେ । କିନ୍ତୁ, ଦେଶ ସ୍ୱାଧୀନତା ପରଠାରୁ, ନାରୀ ମାନଙ୍କୁ ବିଶେଷ ଅଧିକାର ଦେବା ଉଦ୍ଦେଶ୍ୟରେ ଏବଂ ସେମାନଙ୍କୁ ସମାଜର ପ୍ରମୁଖ ସ୍ରୋତକୁ ଆଣିବାର ଲକ୍ଷ୍ୟ ନେଇ ସମ୍ବିଧାନରେ ଅନେକ ବ୍ୟବସ୍ଥା ରହିବା ସହ ସରକାରୀ ସ୍ତରରେ ମଧ୍ୟ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇଛି । ସମ୍ପ୍ରତି ଭାରତରେ, ନାରୀ ସଶକ୍ତୀକରଣ ତଥା ସେମାନଙ୍କୁ ସୁଦୃଢ, ସବଳ ଏବଂ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଶିକ୍ଷା, ଚାକିରୀ, ବିଭିନ୍ନ ସରକାରୀ ଯୋଜନାରେ ଲାଭ, ନିର୍ବାଚନ ଆଦି ପ୍ରମୁଖ କ୍ଷେତ୍ରରେ ମହିଳା ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ପରିଲକ୍ଷିତ ହେଉଛି, ଯାହାକି' ବେଶ୍ ଉପଯୋଗୀ ଅଟେ । ଓଡିଶାରେ ଚଳିତ ପଞ୍ଚାୟତ ନିର୍ବାଚନରେ, ସରପଞ୍ଚ, ସମିତିସଭ୍ୟ ଆଦି ପଞ୍ଚାୟତ ସ୍ତରୀୟ ବିଭିନ୍ନ ସାମ୍ବିଧାନିକ ପଦବୀ ପାଇଁ ମହିଳା ମାନଙ୍କ ନିମନ୍ତେ ଆସନ ସଂରକ୍ଷିତ ରହିଥିଲା । ଯେଉଁ ମାଧ୍ୟମରେ, ଆଶାୟୀ ମହିଳା ପ୍ରାର୍ଥୀମାନେ ନିଜର ଗୋଷ୍ଠୀ, ପଞ୍ଚାୟତ ତଥା ତୃଣମୂଳ ସ୍ତରରେ ନିର୍ବାଚନ ଲଢି, ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୋଇ ପ୍ରତ୍ୟକ୍ଷ ଭାବରେ ସାଧାରଣ ଲୋକ ତଥା ସେମାନଙ୍କ ଜୀବନ ନିର୍ବାହର ବିଭିନ୍ନ ଦରକାରିତା ସହ ଯୋଡି ହୋଇପାରିବେ । ଯାହାକି' ସମ୍ବିଧାନ, ସରକାର ତଥା ନିର୍ବାଚନ କମିଶନଙ୍କ ଦ୍ୱାରା ନିଆଯାଇଥିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଅଟେ। କିନ୍ତୁ, ଆଜିର ସମୟରେ ଉପୋରୋକ୍ତ ଲକ୍ଷ୍ୟ ସାଧନରେ ବ୍ୟବହାରିକ ଭାବରେ କିଛି ସୀମାବନ୍ଧନ ପରିଲକ୍ଷିତ ହେଉଛି। ତାହା ହେଉଛି, ମହିଳାମାନେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୋଇ ଗୋଷ୍ଠୀ ତଥା ପଞ୍ଚାୟତ ସ୍ତରରେ ବିଭିନ୍ନ ସାମ୍ବିଧାନିକ ପଦବୀ ଧାରଣ କରିଛନ୍ତି । କିନ୍ତୁ ସାଧାରଣ ଜନତାଙ୍କ ସହ ସିଧାସଳଖ ଯୋଡିହେବାର ଦୃଶ୍ୟ ତଥା କାର୍ଯ୍ୟ ବାସ୍ତବରେ ହେଉନଥିବାର ଅନେକ ଘଟଣା ଦୃଷ୍ଟିଗୋଚର ହେଉଛି । ଯାହାର ମୁଖ୍ୟ କାରଣ ହେଉଛି, ନିର୍ବାଚନ ପୂର୍ବରୁ ପ୍ରାୟ ଶତକଡା ୯୦ ଭାଗ ଆଶାୟୀ ଏବଂ ବିଜୟୀ ପ୍ରାର୍ଥିନୀ ମାନଙ୍କର ସ୍ୱାମୀ, ଭାଇ କିମ୍ବା ବାପା ପ୍ରତ୍ୟକ୍ଷ ରାଜନୀତି ସହ ଯୋଡିହୋଇରହିଥାନ୍ତି । ସେମାନଙ୍କ ମଧ୍ୟରୁ କେତେ ଜଣ କୌଣସି ଏକ ନିର୍ଦ୍ଦିଷ୍ଟ ଦଳ ସହ ଏବଂ କେହି ପୁଣି ସ୍ୱାଧୀନ ଭାବରେ ରାଜନୀତି କରୁଥାନ୍ତି । କୌଣସି ଏକ ଗୋଷ୍ଠୀ ତଥା ପଞ୍ଚାୟତରେ ନିର୍ବାଚନ ନିମନ୍ତେ ଗୋଟିଏ ପଦବୀ ପାଇଁ ମହିଳାଙ୍କ ଉଦ୍ଦେଶ୍ୟରେ ରହିଥିବା ସଂରକ୍ଷିତ ଆସନରେ ନିର୍ବାଚନ ଲଢିବା ପାଇଁ ସେମାନେ ନିଜର ଧର୍ମପତ୍ନୀ, ଝିଅ କିମ୍ବା ବୋହୂଙ୍କୁ ପ୍ରତିଯୋଗୀ ଭାବରେ ମଇଦାନକୁ ଓହ୍ଲେଇ ଦେଇଥାନ୍ତି ଏବଂ ନିଜେ ପରଦା ପଛର ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଥାନ୍ତି। ଫଳସ୍ୱରୂପ, ନିର୍ବାଚନରେ ନିଜର କେହି ମହିଳା ସମ୍ପର୍କୀୟଙ୍କର ବିଜୟ ଲାଭ ପରେ ପ୍ରକୃତ କ୍ଷମତାର ଭାର ଅନୌପଚାରିକ ଭାବରେ ଉକ୍ତ ପରିବାରର ପୁରୁଷଙ୍କ ନିକଟକୁ ଚାଲିଯାଇଥାଏ। ଯାହାଦ୍ୱାରା, ନିର୍ବାଚିତ ମହିଳା ଜନପ୍ରତିନିଧି ଜଣଙ୍କ କେବଳ ମୋହରା ହୋଇ ରହିଯାଇଥାନ୍ତି ଏବଂ ରବର ଷ୍ଟାମ୍ପ ପରି କାର୍ଯ୍ୟ କରିଥାନ୍ତି । ବାସ୍ତବ କ୍ଷେତରେ ଏହା ଅନେକ ସ୍ଥାନରେ ଦୃଷ୍ଟିଗୋଚର ହେଉଛି ଯେ, ଉକ୍ତ ନିର୍ବାଚିତ ମହିଳା ଜଣଙ୍କର କ୍ଷମତା ଏବଂ କାର୍ଯ୍ୟ କେବଳ ଦପ୍ତରର କାଗଜ, ନଥିପତ୍ର ଏବଂ ଚିଠି ଉପରେ ନିଜର ହସ୍ତାକ୍ଷରରେ ହିଁ ସୀମିତ ରହିଯାଉଛି । ବାକି ଶାସନ, ଯୋଜନାର ପରିକଳ୍ପନା, କାର୍ଯ୍ୟକାରିତା, ପରିଚାଳନା, କ୍ଷମତାର ଉପଭୋଗ ଏବଂ ବିଭିନ୍ନ କାର୍ଯ୍ୟ ନିମନ୍ତେ ନିଷ୍ପତ୍ତି ନିର୍ବାଚିତ ମହିଳା ମାନଙ୍କର ପୁରୁଷ ସମ୍ପର୍କୀୟ ତଥା ସ୍ୱାମୀ, ବାପା କିମ୍ବା ଭାଇମାନେ ହିଁ ତୁଲାଇଥାନ୍ତି, ଯେଉଁ ମାନେକି' ଉକ୍ତ ନିର୍ବାଚିତ ମହିଳାଙ୍କୁ ନିର୍ବାଚନ ଲଢିବାକୁ ସୁଯୋଗ ପ୍ରଦାନ କରିଥାନ୍ତି । ଯାହାଦ୍ୱାରା, ବାସ୍ତବିକ କ୍ଷେତ୍ରରେ ଏବଂ ବ୍ୟବହାରିକ ଭାବରେ ପଞ୍ଚୟତର କାର୍ଯ୍ୟ, ଉନ୍ନତି ଏବଂ ବିକାଶରେ ନିର୍ବାଚିତ ନାରୀ ମାନଙ୍କର ଅଂଶଗ୍ରହଣ ସଂପୂର୍ଣ୍ଣ ଭାବରେ ବାଧାପ୍ରାପ୍ତ ହୋଇଥାଏ । ଫଳସ୍ୱରୂପ, ସମ୍ବିଧାନ ଏବଂ ସରକାରଙ୍କ ଦ୍ୱାରା ନାରୀ ସଶକ୍ତୀକରଣ ନିମନ୍ତେ କାର୍ଯ୍ୟକାରୀ ହୋଇଥିବା ଲକ୍ଷ୍ୟ, ପରିଯୋଜନା ଏବଂ ଉଦ୍ଦେଶ୍ୟରେ ଏହା ଏକ ବଡ ପ୍ରତିବନ୍ଧକ ଅଟେ ଏବଂ ଭିନ୍ନ ଏକ ଦୃଷ୍ଟିକୋଣରେ ତାହା ବିଫଳ ଅଟେ । ଅପରପକ୍ଷରେ, ଆଜିର ସମୟରେଅନେକ କ୍ଷେତ୍ରରେ, ମହିଳାମାନେ ନିଜର ଗୁଣ, ଜ୍ଞାନ ଏବଂ ଦକ୍ଷତା ବଳରେ ବିଭିନ୍ନ ରାଜ୍ୟ, ଦେଶ ଏବଂ ଆନ୍ତର୍ଜାତୀୟ ସ୍ତରର ବିଭିନ୍ନ କାର୍ଯ୍ୟକ୍ରମରେ ରାଜ୍ୟ ଏବଂ ଦେଶକୁ ପ୍ରତିନିଧିତ୍ୱ କରିବାର ଅନେକ ଦୃଷ୍ଟାନ୍ତ ରହିଅଛି ଏବଂ ବିଭିନ୍ନ କ୍ଷେତ୍ରରେ ସେମାନେ ନିଜର ପାରଦର୍ଶିତାକୁ ଅତି ନିଖୁଣ ଭାବରେ ପ୍ରତିପାଦିତ ତଥା ପ୍ରମାଣିତ କରିଛନ୍ତି । ତେବେ ଜଣେ ମହିଳା ପଞ୍ଚାୟତ ସ୍ତରରେ ନିର୍ବାଚିତ ଜନପ୍ରତିନିଧି ହୋଇ ମଧ୍ୟ ଅନୌପଚାରିକ ଭାବରେ ତାଙ୍କର କାର୍ଯ୍ୟଧାରାକୁ ସୀମାବନ୍ଧନ କରାଯିବା କେତେ ଯୁକ୍ତିଯୁକ୍ତ ଅଟେ? ବାସ୍ତବରେ, ଏହା ହେଉଛି ରାଜନୀତିରେ ପ୍ରତ୍ୟକ୍ଷ ଭାବରେ ସକ୍ରିୟ ଓ ଜଡିତଥିବା ପୁରୁଷର ଏକ ସୀମିତ ଚିନ୍ତାଧାରାର ଅଂଶ । ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବା ଏବଂ ପଞ୍ଚାୟତ ସ୍ତରରେ ବିଭିନ୍ନ ସରକାରୀ ଯୋଜନାକୁ ଲୋକମାନଙ୍କ ନିକଟରେ ସୂଚାରୁ ରୂପରେ ପହଞ୍ଚାଇବା ନିମନ୍ତେ ଜଣେ ନିର୍ବାଚିତ ମହିଳା ଜନପ୍ରତିନିଧିଙ୍କର ସମାନ ଦକ୍ଷତା, ଚିନ୍ତାଧାରା ଏବଂ ଭାବନା ରହିଅଛି, ଯାହା ଜଣେ ପୁରୁଷ ଜନପ୍ରତିନିଧିଙ୍କର ନିକଟରେ ରହିଥାଏ । ଏତଦବ୍ୟତୀତ, ଜଣେ ମହିଳାଙ୍କର ମନ, ହୃଦୟ ଏବଂ ବିଚାର ଶକ୍ତି, ସାଧାରଣତଃ ଜଣେ ପୁରୁଷ ତୁଳନାରେ ଦୟା, ଧର୍ମ ଏବଂ ଆଦର ଯୁକ୍ତ ହୋଇଥାଏ । ତେଣୁ, ସେମାନେ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଗୋଟିଏ ପୁରୁଷ ତୁଳନାରେ ଜଣେ ସାଧାରଣ ଲୋକର ଅସୁବିଧା ଓ ଦରକାରିତା ଗୁଡିକୁ ବେଶ୍ ହୃଦୟଙ୍ଗମ କରିପାରିବେ ଏବଂ ଏହାର ସମାଧାନ ନିମନ୍ତେ ଉଚ ତଥା ଭଲ କାର୍ଯ୍ୟ କରିପାରିବେ । ସାଧାରଣ ଲୋକଙ୍କର ସେବା ଏବଂ ମଙ୍ଗଳରେ ନିଜକୁ ସଠିକ ଭାବରେ ନିୟୋଜିତ କରିପାରିବେ । ଏଣୁ, ଜଣେ ନିର୍ବାଚିତ ମହିଳା ଜନପ୍ରତିନିଧିଙ୍କର ଅଧିକାର, କ୍ଷମତା, ଯୋଜନା, ନିଷ୍ପତି ଏବଂ ଏହାର କାର୍ଯ୍ୟକାରିତାକୁ ପରଦା ପଛର ନାୟକ ମାନଙ୍କ ଦ୍ୱାରା ପ୍ରଭାବିତ କରା ନ ଯାଇ, ସେମାନଙ୍କର ଦକ୍ଷତା, କର୍ମ କୁଶଳତା ଏବଂ ସୃଜନଶୀଳତା ଆଦିକୁ ସଠିକ ଢଙ୍ଗରେ ପ୍ରତିପାଦନ କରିବା ନିମନ୍ତେ ସୁଯୋଗ ଦିଆଯାଉ । ଯାହାଦ୍ୱାରା, ସମ୍ବିଧାନରେ ବ୍ୟବସ୍ଥିତ ମହିଳା ସଂରକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହେବା ସହ, ବ୍ୟବହାରିକ ତଥା ବାସ୍ତବିକ ଭାବରେ ସେମାନେ ସଶକ୍ତ, ସୁଦୃଢ ଏବଂ ସ୍ୱାବଲମ୍ବୀ ହୋଇପାରିବେ ।

> ଦେଶ ସ୍ୱାଧୀନତା ପରଠାରୁ, ନାରୀ ମାନଙ୍କୁ ବିଶେଷ ଅଧିକାର ଦେବା ଉଦ୍ଦେଶ୍ୟରେ ଏବଂ ସେମାନଙ୍କୁ ସମାଜର ପ୍ରମୁଖ ସ୍ରୋତକୁ ଆଣିବାର ଲକ୍ଷ୍ୟ ନେଇ ସମ୍ବିଧାନରେ ଅନେକ ବ୍ୟବସ୍ଥା ରହିବା ସହ ସରକାରୀ ସ୍ତରରେ ମଧ୍ୟ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇଛି । ସମ୍ପ୍ରତି ଭାରତରେ, ନାରୀ ସଶକ୍ତୀକରଣ ତଥା ସେମାନଙ୍କୁ ସୁଦୃଢ, ସବଳ ଏବଂ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଶିକ୍ଷା, ଚାକିରୀ, ବିଭିନ୍ନ ସରକାରୀ ଯୋଜନାରେ ଲାଭ, ନିର୍ବାଚନ ଆଦି ପ୍ରମୁଖ କ୍ଷେତ୍ରରେ ମହିଳା ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ପରିଲକ୍ଷିତ ହେଉଛି, ଯାହାକି' ବେଶ୍ ଉପଯୋଗୀ।



## ମୋତେ କୁଙ୍ଗଫୁ ଶିଖିବାର ଥିଲା: ଯାମୀ

ନିଜ ଇଚ୍ଛା ବିରୋଧରେ ଫିଲ୍ମ କାବିଲ କରିଥିଲେ ବଲିଉଡ୍ ଅଭିନେତ୍ରୀ ଯାମୀ ଗୌତମ। ଫିଲ୍ମଟି ୨୦୧୭ରେ ରିଲିଜ୍ ହୋଇଥିବା ବେଳେ ଏବେ ଏଭଳି ବୟାନ ଦେଇ ସେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ତେବେ କେବଳ କାବିଲ ନୁହେଁ ଏଭଳି ଅନେକ ଫିଲ୍ମ ରହିଛି ଯାହାକୁ ସେ ନିଜ ଇଚ୍ଛା ବିରୋଧରେ କରିଥିବା କହିଛନ୍ତି। ଏବେ ସେ ବିଷୟରେ କହି ସେ ପଶ୍ଚାତାପ କରିବା ସହ ଇଚ୍ଛା ବିରୋଧରେ ଫିଲ୍ମ ନକରି କୁଙ୍ଗଫୁ ଶିଖିଥିଲେ ଭଲ ହୋଇଥାଆନ୍ତା ବୋଲି କହିଛନ୍ତି। ବଲିଉଡ ହଙ୍ଗାମାକୁ ସାକ୍ଷାତକାର ଦେଇ ଯାମୀ କହିଛନ୍ତି, ବେଳେବେଳେ ଏଭଳି ସମୟ ଆସେ ଯେତେବେଳେ ଆପଣ ଟ୍ରେଣ୍ଡ ଫଲୋ କରିବା ପାଇଁ ବାଧ୍ୟ ହୁଅନ୍ତି। ମୋ ସହ ମଧ୍ୟ ଏଭଳି ଘଟିଛି। ଏଭଳି ଅନେକ ଫିଲ୍ମ ମୁଁ ମୋ ଇଚ୍ଛା ବିରୋଧରେ କରିଛି, କାରଣ ସେଭଳି କରିବା ପାଇଁ ମୋତେ କୁହାଯାଇଥିଲା। ଫିଲ୍ମର ବିଷୟବସ୍ତୁ ନବୁଝି ମଧ୍ୟ ମୁଁ ଅନେକ ଫିଲ୍ମ କରିଛି। ଆଜି ମୁଁ ଏସବୁ ବିଷୟରେ କହିପାରୁଛି, କିନ୍ତୁ ସେତେବେଳେ ଏହା ସମ୍ଭବ ନଥିଲା। ବିକି ଡୋନର ଏକ ଭଲ ଫିଲ୍ମ ଥିଲା। ହେଲେ ଏହି ଫିଲ୍ମ ରିଲିଜ୍ ପରେ ମୁଁ ମୋ ପସନ୍ଦର ଫିଲ୍ମ କରିପାରିଲି ନାହିଁ। ମୋତେ କୁହାଗଲା କି, ବ୍ୟବସାୟିକ ଫିଲ୍ମ ଓ ଅଧିକ ଗୀତ ଥିବା ଫିଲ୍ମ କରିବା ଉଚିତ୍। ବଡ଼ ବଡ଼ ଷ୍ଟାରଙ୍କ ସହ ଫିଲ୍ମ କରିବା ଉଚିତ୍। ସେଥିପାଇଁ ମୁଁ କାବିଲ ଫିଲ୍ମ କରିଥିଲି। ହେଲେ ସେଥିରେ ଦର୍ଶକ ମୋତେ ନୋଟିସ କରିପାରିନଥିଲେ। କାରଣ ମୋ ଚରିତ୍ରର ସେତେଟା ପ୍ରାଧାନ୍ୟ ନଥିଲା। ଏବେ ସେସବୁ ଭାବିଲେ ଲାଗୁଛି କି, ଇଚ୍ଛା ବିରୋଧରେ ଫିଲ୍ମ ନକରି ମୋତେ କୁଙ୍ଗଫୁ ଶିଖିବାର ଥିଲା।

## କୁନି ପିଲା ହାତରେ ଭାଙ୍ଗିଗଲା ଦାମୀ ମୂ□, ୪ ଲକ୍ଷ ଭରଣା କଲେ ବାପା



ଏକ ଖେଳନା ଦୋକାନରେ ପ୍ରାୟ ୫ ଲକ୍ଷ ଟଙ୍କାର ଏକ ମୂର୍ତ୍ତି ଲାଗିଥିଲା। ତାହା ତଳେ ପଡ଼ି ଭାଙ୍ଗିଗଲା। ମୂର୍ତ୍ତିଟି ଭାଙ୍ଗିଯିବା ପରେ ଦୋକାନରେ ଥିବା କର୍ମଚାରୀମାନେ ସିସିଟିଭି ଫୁଟେଜ୍ ଦେଖିଥିଲେ। ଭିଡିଓରୁ ଜଣାପଡ଼ିଲା ଯେ ଦୋକାନକୁ ଆସିଥିବା ଜଣେ କୁନି ପିଲା ହାତ ବଜାଇ ସେହି ମୂର୍ତ୍ତିଟିକୁ ଖସାଇ ପକାଇବାରୁ ମୂର୍ତ୍ତିଟି ଭାଙ୍ଗିଯାଇଛି। କୁନ ପିଲାର ନାଁ ହର୍ଜାନା। ଘଟଣାଟି ହେଉଛି ଚୀନର ମେଙ୍ଗଫାଙ୍ଗ୍ ଜିଲ୍ଲାର। ଏହି ଜିଲ୍ଲାରେ ଲେଙ୍ଗହମ୍ ପ୍ଲସ୍ ନାମରେ ଏକ ସପିଂ ମଲ୍ ରହିଛି। ସପିଂ ମଲ୍‌ରେ ପ୍ରାୟ ୫.୯ ଫୁଟର ଏକ ମୂର୍ତ୍ତି ରଖାଯାଇଥିଲା। କୁନି ପିଲାଟି ଅସାବଧାନତା ବଶତଃ ମୂର୍ତ୍ତିଟିକୁ ଭାଙ୍ଗିଦେବା ପରେ ସାଙ୍ଗେ ସାଙ୍ଗେ ମଲରେ ହାହାକାର ମଚିଗଲା। ସିସିଟିଭି ଦେଖିବାରୁ ଜଣାପଡ଼ିଲା ଯେ କୁନି ପିଲାଟି ମୂର୍ତ୍ତିକୁ ଲାଗିକରି ଛିଡ଼ା ହୋଇଥିଲା। ସେ ଟିକେ ଘୁଞ୍ଚିବାରୁ ମୂର୍ତ୍ତିଟି ପଡ଼ିଗଲା। ଏପରିକି ମୂର୍ତ୍ତିଟି ପଡୁଥିବା ବେଳେ କୁନି ପିଲାଟି ତାହାକୁ ଅଟକାଇବାକୁ ଚେଷ୍ଟା କରି ବି ଅସଫଳ ହୋଇଥିଲା। ଏହି ଘଟଣା ଘଟିବା ସମୟରେ କୁନି ପିଲାର ବାପା ଦୋକାନ ବାହାରେ ଫୋନରେ କଥା ହେଉଥିଲେ। ଯଦିଓ ନିଜ ପୁଅର ଅସାବଧାନତା ପାଇଁ ବ୍ୟକ୍ତି ଜଣକ ଟଙ୍କା ଦେବାକୁ ରାଜି ହୋଇ ଯାଇଥିଲେ। ମାତ୍ର ସେ ଅଭିଯୋଗ ଆଣି କହିଛନ୍ତି ଯେ ସପିଂ ମଲରେ ଯେଉଁ ମୂର୍ତ୍ତିଟି ଥିଲା ତାହା ଖୁବ୍ ଭୟଙ୍କର ଦିଶୁଥିବାରୁ କେଉଁ ବି ପିଲା ଭୟଭୀତ ହୋଇପାରେ। ମୂର୍ତ୍ତିଟିର ଦାମ ପ୍ରାୟ ୫ ଲକ୍ଷ ଟଙ୍କା ଥିବା ବେଳେ ଦୋକାନୀ ଡିସ୍କାଉଣ୍ଟ୍ କରି କୁନି ପିଲାର ବାପାଙ୍କଠାରୁ ପାଖାପାଖି ୪ ଲକ୍ଷ ଟଙ୍କା ନେଇଥିଲେ।

## ମେରୁ ଅଞ୍ଚଳରେ ଦେଖାଯାନ୍ତି ନାହିଁ ସାପ





ପୃଥିବୀର ସବୁଠୁ ଭୟାଳୁ ପ୍ରାଣୀ ସାପକୁ ହିଂସ୍ର ଭାବି ଅଧିକାଂଶ ଲୋକ ଭୟ କରିଥା'ନ୍ତି। ତେବେ ଆୟର୍ଲାଣ୍ଡ, ଆଇସଲାଣ୍ଡ ଓ ନ୍ୟୁଜିଲାଣ୍ଡ ସମେତ ପୃଥିବୀର ଉଭୟ ମେରୁ ଅଞ୍ଚଳରେ ସେହି ଭୟ ନାହିଁ। କାରଣ ସେଠାରେ ସାପ ଦେଖାଯା'ନ୍ତି ନାହିଁ। ଅନେକଙ୍କ ପାଇଁ ଚିତ୍ତାକର୍ଷକ ମନେ ହେଉଥିବା ଏହି ସରୀସୃପ ନିଜ ଉପରକୁ ବିପଦ ଆସିଲେ ହିଁ ପ୍ରତିରକ୍ଷା ସ୍ୱରୂପ ଦଂଶନ କରିଥାଏ। ତେବେ ଆଦିମ କାଳରେ ସାପ ନିଜ ଗୋଡ଼ରେ ଚାଲୁଥିବା ବେଳେ ଏହା ଅନ୍ୟ ପ୍ରାଣୀଙ୍କ ଠାରୁ ନିଜକୁ ଲୁଚାଇ ରଖିବା ଲାଗି ବାରମ୍ବାର ଛପିଯିବାକୁ ପସନ୍ଦ କରୁଥିଲା। ଫଳରେ ବିବର୍ତ୍ତନ କ୍ରିୟା ଯୋଗୁଁ ତା'କୁ ଗୋଡ଼ ହରାଇବାକୁ ପଡ଼ିଥିଲା ଏବଂ ଘୁଷୁରି ଘୁଷୁରି ଗତି କରିବା ତାହାର ଅଭ୍ୟାସରେ ପରିଣତ ହୋଇଛି। ସର୍ପ ବିଶେଷଜ୍ଞମାନେ ୭୨୫ ପ୍ରଜାତିର ବିଷଧର ସାପ ଚିହ୍ନଟ କରିଥିବା ବେଳେ ସେଥିରୁ ମାତ୍ର ୨୫୦ ପ୍ରଜାତି ମନୁଷ୍ୟ ପାଇଁ ଘାତକ। ସାପର ଗୋଟିଏ ଦଂଶନ ମଣିଷକୁ ମୃତ୍ୟୁମୁଖରେ ପକାଇବା ଲାଗି ଯଥେଷ୍ଟ। ସାପର ମୁଣ୍ଡ କଟିଗଲେ, ତାହା କ୍ଷତି କରିପାରିବନି ବୋଲି ଅନେକ ଭାବନ୍ତି। ମାତ୍ର ବାସ୍ତବରେ ଏହାର କଟାମୁଣ୍ଡ ମଧ୍ୟ ଦଂଶନ କରିପାରେ ଏବଂ ଜଣକ ମୃତ୍ୟୁ ପାଇଁ ଯଥେଷ୍ଟ ବିଷ ନିର୍ଗତ କରିପାରେ। ବେଳେ ବେଳେ ସାପ-ନେଉଳ ଲଢ଼େଇ କଥା ଆମେ ଶୁଣିବାକୁ ପାଉ। ତେବେ ବାସ୍ତବରେ ନେଉଳ ହେଉଛି ଏପରି ଏକ ପ୍ରାଣୀ ଯାହା ଦେହରେ ସର୍ପବିଷ ଆଦୌ କାମ କରେନାହିଁ। ପ୍ରାୟ ପାଞ୍ଚ ପ୍ରକାରର ସାପ ଅଛନ୍ତି ଯେଉଁମାନେ ଉଡ଼ିପାରନ୍ତି। ଏପରିକି କୌଣସି ଡାଳରୁ ନଡେଇଁ ଭୂଇଁରୁ ମଧ୍ୟ ସେମାନେ ସିଧାସଳଖ ଶହେ ମିଟର ଉଚ୍ଚ ଯାଏ ଉଡ଼ିପାରନ୍ତି। ସତୁରି ପ୍ରତିଶତ ସାପ ପ୍ରଜାତି ଅଣ୍ଡା ଦେଇଥା'ନ୍ତି ଏବଂ ପ୍ରାୟ ଥଣ୍ଡା ଅଞ୍ଚଳରେ ବାକି ସାପଗୁଡ଼ିକ ଛୁଆ ଜନ୍ମ ଦେଇଥା'ନ୍ତି।

## ସ୍ୱାମୀକୁ ଠକି ସୁନ୍ଦରୀ ପତ୍ନୀ ମାରିଲା ଚମ୍ପଟ

ମାଟ୍ରିମୋନିଆଲ୍ ବିବାହ ଯେତିକି ଭଲ, ସେତିକି ଖରାପ ମଧ୍ୟ। କାହାକୁ ଏହି ମାଟ୍ରିମୋନଆଲ୍ ସାଇଟ୍‌ଗୁଡ଼ିକରେ ଉତ୍ତମ ଜୀବନସାଥୀ ମିଳିଥାନ୍ତି ତ କାହାର କପାଳ ଫୁଟିଯାଏ। ୨ ବର୍ଷ ତଳେ ମାଟ୍ରିମୋନିଆଲ୍ ସାଇଟ୍ ଜରିଆରେ ବିବାହ କରିଥିବା ଜଣେ ପୁରୁଷ ଏବେ ତା'ର କୁପ୍ରଭାବ ଭୋଗୁଛନ୍ତି। ଘଟଣାଟି ହେଉଛି ହରିଆଣାର ଫରିଦାବାଦ୍‌ର। ଜାଣିବାକୁ ମିଳିଛି ଯେ ଫରିଦାବାଦ୍‌ର ଅଜୟ କୁମାର ୨୦୨୦ ମସିହାରେ ମାଟ୍ରିମୋନିଆଲ୍ ସାଇଟ୍ ଜରିଆରେ ଜଣେ ଯୁବତୀଙ୍କୁ ବିବାହ କଲେ। ମାତ୍ର ଦୁଃଖର କଥା ହେଉଛି ଯୁବତୀ ଜଣକ ବାହାରିଲେ ଜଣେ ଲୁଟେରା କନ୍ୟା। ଅଜୟ ଅଭିଯୋଗ ଆଣିଛନ୍ତି ଯେ ଯେଉଁ ମହିଳାଙ୍କୁ ସେ ମାଟ୍ରିମୋନିଆଲ୍‌ରେ ଦେଖିବା ପରେ ପସନ୍ଦ କରି ବିବାହ କରିଥିଲେ ସେ ତାଙ୍କ ଘରୁ ୧୨ ଲକ୍ଷ ଟଙ୍କା ନେଇ ଫେରାର ହୋଇ ଯାଇଛନ୍ତି। ମହିଳା ଜଣଙ୍କ ପୂର୍ବରୁ ବିବାହ କରି ସାରିଥିଲେ। ତାଙ୍କର ୩ ପିଲା ମଧ୍ୟ ଥିଲେ। ଅଜୟ ବାରମ୍ବାର ତାଙ୍କୁ କହୁଥିଲେ ଯେ ତୁମ ପ୍ରଥମ ପତିଙ୍କ ସହ ହୋଇଥିବା ଛାଡ଼ପତ୍ର ମୋତେ ଦେଖାଅ। ମାତ୍ର ମହିଳା ଜଣକ ଆଡୁସାଡୁ କହି ଏଡ଼େଇ ଚାଲୁଥିଲେ। ମହିଳା ଜଣକ ବାହାନା ବନାଇ ଆସୁଥିଲେ ଓ ଶେଷରେ ୨୦୨୧ ଅଗଷ୍ଟ ମାସରେ ଅଜୟଙ୍କ ଘରୁ କଳାକନା ବୁଲେଇ ୧୨ ଲକ୍ଷ ଟଙ୍କା ନେଇ ଫେରାର ହୋଇ ଯାଇଛନ୍ତି। ଅଜୟ ଏନେଇ ପୁଲିସରେ ଅଭିଯୋଗ କରିଛନ୍ତି। ପୋଲିସ୍ ତଦନ୍ତ ଆରମ୍ଭ କରିଛି।

## ବୀର ସାବରକରଙ୍କ ଲୁକ୍‌ରେ ରଣଦୀପ

ନୂଆ ଲୁକ୍‌ରେ ଅଭିନେତା ରଣଦୀପ ହୁଡ୍ଡା। ମୁଣ୍ଡରେ କଳା ଟୋପି, ଗୋଲ୍ ଚଷମା ଆଉ ମୁହଁରେ ନିଶ। ତାଙ୍କୁ ଚିହ୍ନିବା ହୋଇପଡିଛି ମୁସ୍କିଲ୍। ତାଙ୍କୁ ଯିଏ ଦେଖୁଛି ସିଏ ଘଡିଏ ଚାହୁଁଛି। ସେ ଅବିକଳ ସ୍ୱାଧୀନତା ସଂଗ୍ରାମୀ ବୀର ସାବରକରଙ୍କ ଲୁକ୍‌ରେ ନଜର ଆସିଛନ୍ତି। ସ୍ୱାଧୀନତା ସଂଗ୍ରାମୀ ବୀର ସାବରକରଙ୍କ ୧୩୯ ତମ ଜନ୍ମ ବାର୍ଷିକୀ ଅବସରରେ ରଣଦୀପ ନିଜେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ନିଜର ଏହି ଲୁକ୍‌କୁ ଶେଆର କରିଛନ୍ତି। ପ୍ରକୃତରେ ଏହି ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ଉପରେ ଏକ ଫିଲ୍ମ ତିଆରି ହେବାକୁ ଯାଉଛି। ଏହି ଫିଲ୍ମର ନାଁ 'ସ୍ୱତନ୍ତ୍ର ବୀର ସାବରକର' ରଖାଯାଇଛି। ଏବେ ଏହି ଫିଲ୍ମର ଫାଷ୍ଟ ଲୁକ୍‌କୁ ରଣଦୀପା ହୁଡ୍ଡା ଶେଆର କରିଛନ୍ତି। ଏହି ପୋଷ୍ଟରରେ 'ହିନ୍ଦୁତ୍ୱ ଧର୍ମ ନୁହେଁ ଇତିହାସ' ଲେଖା ଅଛି। ଫିଲ୍ମ ସମୀକ୍ଷକ ତରନ ଆଦର୍ଶ ମଧ୍ୟ ଟ୍ୱିଟ୍ କରି ଫିଲ୍ମର ଫାଷ୍ଟ ଲୁକ୍ ଶେଆର କରିଛନ୍ତି। ସେ ଟ୍ୱିଟ୍ କରି କହିଛନ୍ତି, 'ବୀର ସାବରକରଙ୍କ ଜନ୍ମ ବାର୍ଷିକୀରେ ରଣଦୀପ ହୁଡ୍ଡାଙ୍କ ଫିଲ୍ମ 'ସ୍ୱତନ୍ତ୍ର ବୀର ସାବରକର'ର ପ୍ରଥମ ପୋଷ୍ଟର ରିଲିଜ୍ ହୋଇଛି।' ପୂର୍ବରୁ ଅନେକ ଚ୍ୟାଲେଞ୍ଜିଂ ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତି ସାରିଥିବା ରଣଦୀପ ହୁଡ୍ଡାଙ୍କୁ ଏହି ବାୟୋପିକ୍ ଫିଲ୍ମରେ ସ୍ୱାଧୀନତା ସଂଗ୍ରାମି ବୀର ସାବରକରଙ୍କ ଭୂମିକାରେ ଦେଖିବାକୁ ମିଳିବ। ଏହି ଫିଲ୍ମର ସୁଟିଂ ଅଗଷ୍ଟ ୨୦୨୨ରୁ ଆରମ୍ଭ ହେବ। ଫିଲ୍ମର ମୁଖ୍ୟ ଭୂମିକାରେ ରଣଦୀପ ହୁଡା ଥିବାବେଳେ ଏହାକୁ ସନ୍ଦୀପ ସିଂହ ଏବଂ ଆନନ୍ଦ ପଣ୍ଡିତ ପ୍ରଯୋଜନା କରିଛନ୍ତି। ଫିଲ୍ମକୁ ମହେଶ ମାଞ୍ଜରେକର ନିର୍ଦ୍ଦେଶନା ଦେଇଛନ୍ତି। ଲଣ୍ଡନ, ମହାରାଷ୍ଟ୍ର ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ବିଭିନ୍ନ ସ୍ଥାନରେ ଏହାର ସୁଟିଂ କରାଯିବ। କୁହାଯାଉଛି ଯେ, ବର୍ତ୍ତମାନ ଏହି ଫିଲ୍ମର ସ୍କ୍ରିପ୍ଟ ଉପରେ କାମ ସରିଲାଣି। ଫ୍ରିଡମ୍ ଫାଇଟରଙ୍କ ଚରିତ୍ରକୁ ଭଲ ଭାବେ ପରଦା ଉପରେ ଦେଖାଇବା ପାଇଁ ରଣଦୀପ ଖୁବ୍ ପରିଶ୍ରମ କରୁଛନ୍ତି। ରିପୋର୍ଟ ମୁତାବକ, ସେ ଏହି ଫିଲ୍ମ ପାଇଁ ନିଜର ଓଜନ ମଧ୍ୟ ହ୍ରାସ କରିଛନ୍ତି। ତେବେ ଫିଲ୍ମରେ ତାଙ୍କ ଭୂମିକା ସହିତ ରଣଦୀପ କେତେ ନ୍ୟାୟ କରିବେ ତାହା କେବଳ ଫିଲ୍ମ ଦେଖିବା ପରେ କୁହାଯାଇପାରିବ।



## ଏମିତି ବି ସହର ଅଛି ଯେଉଁଠି ବର୍ଷା ହେବା ଦେଖି ନାହାନ୍ତି ଲୋକେ !



କଥାରେ ଅଛି ବୃଷ୍ଟି ବହୁଳେ ସୃଷ୍ଟି ନାଶ, ବୃଷ୍ଟି ବିହୁନେ ବି ସୃଷ୍ଟିନାଶ। ତେବେ ପୃଥିବୀରେ ଏମିତି କିଛି ସ୍ଥାନ ରହିଛି ଯେଉଁଠି ଶତାବ୍ଦୀ ଶତାବ୍ଦୀ ଧରି ବୃଷ୍ଟିପାତ ନ ହୋଇ ବି ସେଠାରେ ଜନବସତି ତିଷ୍ଠି ରହିଛି। ଆଟାକାମା ମରୁଭୂମି ଅନ୍ତର୍ଗତ ଚିଲିର ଖଣିଜ ରାଜଧାନୀ ଭାବେ ପରିଚିତ କାଲାମା ସହରରେ ଆଦୌ ବର୍ଷା ହୋଇନଥିବା ଜଣାଯାଇଛି। ରେକର୍ଡ ଅନୁଯାୟୀ, ଏହି ପ୍ରାଚୀନ ସହରରେ ୧୬୦୧ରୁ ୧୯୪୧ ମସିହା ପ୍ରାୟ ସାଢ଼େ ତିନି ଶତାବ୍ଦୀ ଯାଏ ଟୋପାଏ ବି ବର୍ଷା ଜଳ ପଡ଼ିନାହିଁ। ତେବେ ସମୁଦ୍ର ପତ୍ତନର ୭,୪୧୫ ଫୁଟ ଉଚ୍ଚରେ ଅବସ୍ଥିତ ଏହି ସହର ଦେଇ ପ୍ରବାହିତ ଚିଲିର ଦୀର୍ଘତମ ନଦୀ 'ଲୋଆ'ର ଜଳରାଶି ହିଁ ଲୋକଙ୍କ ଜୀବନଧାରଣର ଉତ୍ସ ପାଲଟିଛି। ଅବଶ୍ୟ ଏବେ ବିଶ୍ୱ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସେଠାରେ କାଁ ଭାଁ ବର୍ଷା ଅନୁଭୂତ ହେଉଛି। ମାତ୍ର ତାହା ଅତି ନଗଣ୍ୟ, ଯେପରିକି ବାର୍ଷିକ ମାତ୍ର ୪ରୁ ୫ ଥର ଏବଂ ସାମଗ୍ରିକ ଭାବେ ୫ ମି.ମି. ବୃଷ୍ଟିପାତ। ତେଣୁ ସହରବାସୀ ବର୍ଷାଜଳ ଉପରେ ଭରସା ନ ରଖି 'ଲୋଆ' ନଦୀର ଜଳକୁ ଦୈନନ୍ଦିନ ବ୍ୟବହାର ସମେତ କୃଷି ଓ ଖଣି କାମରେ ବିନିଯୋଗ କରିଥା'ନ୍ତି। ଏପରିକି ବର୍ଷାଜଳ ଓ ଅନ୍ୟାନ୍ୟ ଆଞ୍ଚଳିକ ଜଳଉତ୍ସର ଏଭଳି ଉତ୍କଟ ଅଭାବ ସତ୍ତ୍ୱେ ସହରବାସୀ ବହିରାଗତ ପର୍ଯ୍ୟଟକମାନଙ୍କ ପାଇଁ ପ୍ରଭୂତ ସୁବିଧା ଉପଲବ୍ଧ ପୂର୍ବକ ନାନା ପର୍ଯ୍ୟଟନସ୍ଥଳୀର ବିକାଶ କରାଇପାରିଛନ୍ତି। ବିଶେଷ କରି ଖଣିଖନନ କାର୍ଯ୍ୟରେ ଆସୁଥିବା ଯନ୍ତ୍ରୀ ଓ ଶ୍ରମିକମାନଙ୍କ ପାଇଁ କାଲାମା ବାସସ୍ଥଳୀ ପାଲଟିଛି।

# ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା, ଅଭିଯୁକ୍ତକୁ ୨୦ ବର୍ଷ ଜେଲ

କନ୍ଧମାଳ **୩/୫ (ନି.ପ୍ର):** ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ଶୁଣାଣି କରି ଫୁଲବାଣୀ ସ୍ୱତନ୍ତ୍ର ପୋକସୋ ଅଦାଲତ ଅଭିଯୁକ୍ତକୁ ୨୦ ବର୍ଷ ଜେଲଦଣ୍ଡ ଆଦେଶ ଦେଇଛନ୍ତି । ଏଥିସହ ଅଭିଯୁକ୍ତକୁ ୨୫ ହଜାର ଟଙ୍କା ଜରିମାନା କରାଯାଇଛି । ଜରିମାନା ଅନାଦେୟ ଅଧିକ ୭ ମାସ ଜେଲ ଭୋଗିବାକୁ ପଡିବ ବୋଲି ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ଅଭିଯୁକ୍ତ ଜଣକ ହେଲେ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ବଉଳଝୋଲି ଗ୍ରାମର ସମୀର ପାତ୍ର । ସୂଚନା ମୁତାବକ, ଜି ଉଦୟଗିରି ଥାନା ଅଞ୍ଚଳର ୧୪ ବର୍ଷୀୟା ନାବାଳିକାଙ୍କ ବାପା ଜଣେ ବ୍ୟବସାୟୀ ହୋଇଥିବା ବେଳେ ଅଭିଯୁକ୍ତ ସମୀର ତାଙ୍କ ପାଖରେ କାମ କରୁଥିଲେ । ୨୦୧୮ ମସିହାରେ ନାବାଳିକାଙ୍କ ବାପା ନିଖୋଜ ହୋଇ ଯାଇଥିଲେ । ଏହାପରେ ସମୀର ତାଙ୍କ ବ୍ୟବସାୟ ସମ୍ଭାଳୁଥିଲେ । ସେହିବର୍ଷ ମେ ମାସ ୧୩ ତାରିଖ ଦିନ ପୀଡିତାଙ୍କ ମା ଭଞ୍ଜନଗର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିଲେ ଏବଂ ପୀଡିତା ଘରେ ଏକୁଟିଆ ଥିଲେ । ଏହାର ସୁଯୋଗ ନେଇ ଅଭିଯୁକ୍ତ ନାବାଳିକାଙ୍କୁ ବାପାଙ୍କୁ ଖୋଜିବା ପାଇଁ ଯିବା କହି ଡାକି ନେଇଥିଲେ । ଯିବା ବେଳେ ସାଙ୍ଗରେ ଘରେ ଥିବା ୧୮ ହଜାର ଟଙ୍କା ଓ ଅଳଙ୍କାର ନେଇ ଯାଇଥିଲେ । ନାବାଳିକାଙ୍କୁ ନେଇ ଫେରାର ହୋଇଯିବା ସହିତ ତାଙ୍କୁ ବିଭିନ୍ନ ସ୍ଥାନରେ ରଖିଥିଲେ । ଏହି ସମୟ ମଧ୍ୟରେ ସେ ପୀଡିତାଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା । ନାବାଳିକାଙ୍କ ମାଆ ଘରକୁ ଫେରି ଝିଅକୁ ନ ପାଇବାରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇଥିଲେ । ଏହାପରେ ସେ ୧୬ ତାରିଖରେ ଜି.ଉଦୟଗିରି ଥାନାରେ ଏତଲା ଦେଇଥିଲେ । ପୋଲିସ କେଶ ନଂ.୪୧/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଘଟଣାର ପ୍ରାୟ ଦୁଇ ମାସ ପରେ ସେମାନଙ୍କୁ ପୋଲିସ ଉଦ୍ଧାର କରିଥିଲା । ତେବେ ଶୁକ୍ରବାର ଏହି ମାମଲାର ବିଚାର କରି ପୋକସୋ କୋର୍ଟ ବିଚାରପତି ରାଜେଶ ଦାଶ ୧୧ ଜଣ ସାକ୍ଷୀ ଓ ପୀଡିତାଙ୍କ ବୟାନ ସହିତ ଡାକ୍ତରୀ ରିପୋର୍ଟ ଆଧାରରେ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ପୀଡିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ । ମାମଲାଟିକୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ପରିଚାଳନା କରୁଥିଲେ ।

## ପାଟଣାବ୍ଲକର ଗୌରବ ବଢାଇଲେ ଅନନ୍ୟା ଓ ସାଇସ୍ମିତା




ପାଟଣା , **୩/୫ (ନି.ପ୍ର):** ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେସନ କଟକ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି । କେନ୍ଦୁଝର ଜିଲା ପାଟଣା ବ୍ଲକ ର ୨ ଜଣ ଛାତ୍ରୀ ଏ -୧ରେ ପାସ ହୋଇଛନ୍ତି । ତୁରୁମୁଙ୍ଗା ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀ ତଥା ରାଜନଗର ବାସିନ୍ଦା ସତ୍ୟବ୍ରତ ମିଶ୍ର ଓ ପଲ୍ଲବୀ ମିଶ୍ର ଙ୍କ କନ୍ୟା ସାଇସ୍ମିତା ମିଶ୍ର ସର୍ବାଧିକ ୫୫୮(୯୩) ପ୍ରତିଶତ ନମ୍ବର ରଖି ବ୍ଲକ ଅଞ୍ଚଳରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ପାଟଣା ବ୍ଲକ ମିରିଗି ଖୋଜି ପଂଚାୟତ ଭାଲିଆ ଡ଼ାଳ ହାଇସ୍କୁଲ୍ ର ଛାତ୍ରୀ ଅନନ୍ୟା ଅପରାଜିତା ଦାଶ ୫୪୯(୯୧.୫) ପ୍ରତିଶତ ନମ୍ବର ରଖି ବ୍ଲକ ରେ ଦ୍ୱିତୀୟ ସ୍ଥାନ ରେ ଅଛନ୍ତି । ଅନନ୍ୟା ପାଟଣା ର ସାମ୍ବାଦିକ ବୀର କିଶୋର ଦାଶ ଓ ତାଙ୍କ ସ୍ତ୍ରୀ ପାଟଣା ବାଳିକା ଉଚ୍ଚ ବିଦ୍ୟାଳୟ ର ଅମଲା ମଞ୍ଜୁବାଳା ମିଶ୍ର ଙ୍କ କନ୍ୟା । ଅନନ୍ୟା ଙ୍କ ସଫଳତା ପାଇଁ ଭାଲିଆ ଡ଼ାଳ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ନାଥ ମହାନ୍ତ ପାଟଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କର ଓ ଶିକ୍ଷକ ଶିକ୍ଷୟତ୍ରୀ ଶିକ୍ଷକ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ବାଲ୍ୟବିବାହ ମୁକ୍ତ ପାଇଁ ସଚେତନତା କାର୍ଯ୍ୟକ୍ରମ



ବୁଗୁଡା **୩/୫ (ନି.ପ୍ର):** ବୁଗୁଡା ବ୍ଲକ ପୋଚାଲୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ବିଷ୍ଣୁଚକ୍ର ଗ୍ରାମରେ ଅକ୍ଷୟ ତୃତୀୟା ଠାରୁ ସପ୍ତାହ ବ୍ୟାପୀ ବାଲ୍ୟ ବିବାହ ମୁକ୍ତ ଓଡିଶା ସଚେତନତା କାର୍ଯ୍ୟକ୍ରମ ବୁଗୁଡା ସିଡିପିଓ ବବିତା କୁମାରୀ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଅଞ୍ଚଳ ପରିଦର୍ଶିକା ଲିଲି ଶବରଙ୍କ ଅଧ୍ୟକ୍ଷତାରେ ୦୧/୦୫/୨୫ ତାରିଖ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗ୍ରାମର କିଶୋରୀ ବାଳିକାମାନଙ୍କୁ ନେଇ ଏକ ବୈଠକ କରାଯାଇ ବିଷ୍ଣୁଚକ୍ର ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମରେ ପରିଣତ କରିବା ପାଇଁ ସଚେତନତା କରାଯାଇଥିଲା ।କମ୍ ବୟସରେ ବିବାହ ଏକ ଆଇନ ବିରୋଧୀ ହେବା ସହ ବାଳିକାର ସ୍ୱାସ୍ଥ୍ୟ ଓ ସନ୍ତାନ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡିଥାଏ । ତେଣୁ ନିଜେ ସଚେତନ ରହି ଅନ୍ୟମାନଙ୍କୁ ସଚେତନତାର ବାର୍ତ୍ତା ଦେବାପାଇଁ ଏକ ଶପଥ ପାଠ କରାଇ କନ୍ୟା ସନ୍ତାନ କୁ ୧୮ ବର୍ଷ ପୂର୍ବରୁ ବିବାହ ନ କରାଇବା ପାଇଁ ପରାମର୍ଶ ଦିଆଯାଇଥିଲା ।ପରିଶେଷରେ ଏକ ରାଲି ମାଧ୍ୟମରେ ବିଷ୍ଣୁଚକ୍ର ଗ୍ରାମର ପ୍ରତ୍ୟେକ ସାହି ବୁଲି ଲୋକଙ୍କୁ ସଚେତନତାର ବାର୍ତ୍ତା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ ଯଶସ୍ୱିନୀ ପଟ୍ଟନାୟକ, ରଞ୍ଜୁ ସେଠୀ, ଜ୍ୟୋସ୍ନା କୁମାରୀ ପରିଡା ଓ ସୁନିତା ବେହେରା ସମେତ ଅଙ୍ଗନବାଡ଼ି ସହାୟିକା ଓ କିଶୋରୀ ବାଳିକା ବୃନ୍ଦ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

## ସରାସପଶି ନିକଟରେ ଦୁର୍ଘଟଣା ବାଇକ୍ ଚାଳକ ଙ୍କ ମୃତ୍ୟୁ

ପାଟଣା **୩/୫ (ନି.ପ୍ର):**ପାଟଣା ବ୍ଲକ ଅଞ୍ଚଳ ୪୯ ନଂ ଜାତୀୟ ରାଜପଥ ର ଚେମେଣା ନିକଟ ସରାସପଶି ଠାରେ ଏକ ବାଇକ୍ ଦୁର୍ଘଟଣା ଗ୍ରସ୍ତ ହେବାରୁ ବାଇକ୍ ଚାଳକ ଙ୍କ ର ମୃତ୍ୟୁ ଘଟିଛି । ମୃତ ବାଇକ୍ ଚାଳକ ଜଣଙ୍କ ତୁରୁମୁଙ୍ଗା ରେ ରହୁଥିବା ସିଲିଦା ଗ୍ରାମ ର ପଦ୍ମ ଲୋଚନ ବେହେରା(୨୭) ବୋଲି ଜଣା ପଡିଛି । ସେ ବାଇକ୍ ରେ କେନ୍ଦୁଝର ଯାଉଥିବା ସମୟରେ ସରାସପଶି ନିକଟରେ ଢ଼ାବା ପାର୍କିଂ ରୁ ହଠାତ୍ ଏକ ଟ୍ରକ ରାସ୍ତା ଉପର କୁ ଉଠି ଆସିବାରୁ ବାଇକ୍ ଟି ଟ୍ରକ କୁ ଧକ୍କା ଦେଇଥିଲା । ଦୁର୍ଘଟଣା ରେ ପଦ୍ମଲୋଚନ ଗୁରୁତର ହୋଇଥିବାବେଳେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ନିଆଯାଇଥିବା ବେଳେ ଡ଼ାକ୍ତର ସେଠାରେ ପଦ୍ମଲୋଚନ ଙ୍କୁ ମୃତ ଘୋଷଣା କରିଛନ୍ତି ।

## ମାଟ୍ରିକ ପରୀକ୍ଷାରେ ଝରଣା ମେହେର ସିନାପାଲି ବ୍ଲକ ଟପର୍



ସିନାପାଲି **୩/୫ (ନି.ପ୍ର):** ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସିନାପାଲିର ଛାତ୍ରୀ ଝରଣା ମେହେର ଚଳିତ ଶିକ୍ଷାବର୍ଷରେ ଅନୁଷ୍ଠିତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଏୱାନ୍ ଗ୍ରେଡ଼ ରଖି ସିନାପାଲି ବ୍ଲକ ଟପର୍ ହୋଇ ଥିବା ଜଣାପଡ଼ିଛି । ଖବର ପ୍ରକାଶ ପାଇଲା ପରେ ସଂପୃକ୍ତ ବିଦ୍ୟାଳୟ ଓ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଖୁସି ପ୍ରକାଶ ପାଇଛି । ଝରଣା ମେହେର ସିନାପାଲି ସହରର ବ୍ୟବସାୟୀ ସତ୍ୟବାନ ମେହେର ଏବଂ ସଂଗୀତା ମେହେରଙ୍କ ଝିଅ ଅଟନ୍ତି । ଭବିଷ୍ୟତରେ ସେ ଜଣେ ଭଲ ଡାକ୍ତର ହୋଇ ଦେଶ ସେବା କରିବାର ଲକ୍ଷ୍ୟ ରଖିଛନ୍ତି ଛାତ୍ରୀ ଝରଣା କହାଛନ୍ତି । ଛାତ୍ରୀଙ୍କ ସଫଳତାରେ ବିଇଓ ଯତୀଂନ୍ଦ୍ର କୁମାର ସେଠ, ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରୀ, ଶିକ୍ଷକ ମୋବାରକ ଖାଁ, ମନୋରଞ୍ଜନ ମେହେର, ଶିକ୍ଷାବିତ ତୁଳସୀରାମ ମେହେର, ଓଷ୍ଟା ଜିଲ୍ଲା ସଂପାଦକ ରବୀଂନ୍ଦ୍ରନାଥ ଯୋଷୀ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରସନ୍ନ ମାଝୀ, ରାଜ୍ୟ ମେହେର ଯୁବା ମଂଚ ଉପଦେଷ୍ଟା ବୈଷ୍ଣବ ମେହେର, ରାଜ୍ୟ ସଂପାଦକ ନବୀନ ଚଂଦ୍ର ମେହେର, ରାଜ୍ୟ ମେହେର ଯୁବା ମଂଚ ଉପସଭାପତି ସୂରଜ କୁମାର ମେହେର, ଜିଲ୍ଲା ମେହେର ଯୁବାମଂଚ ସଭାପତି ଆଲୋକ ମେହେର, ଶିକ୍ଷକ ସତ୍ୟବାନ ମେହେର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି । ଛାତ୍ରୀ ଜଣକ ନିଜ ସଫଳତାର ଶ୍ରେୟ ସେ ନିଜର ଗୁରୁଜନ, ପିତାମାତା ଏବଂ ସାଙ୍ଗସାଥିଙ୍କୁ ପ୍ରଦାନ କରିଛନ୍ତି ।

## ବୃଦ୍ଧା ମହିଳାଙ୍କ ବେକରୁ ସୁନା ଚେନ ଟାଣି ନେବା ଘଟଣାରେ ଝରୀଗାଁ ବ୍ଲକର ୨ ଦୁର୍ବୃତ୍ତ ଗିରଫ



ନବରଙ୍ଗପୁର **୩/୫ (ନି.ପ୍ର):** : ଡାବୁଗାଁ ଥାନା ଅଧୀନ କନ୍ୟାଆଶ୍ରମ ରାସ୍ତା ନିକଟରେ ମଙ୍ଗଳବାର ଅପରାହ୍ନ ରେ ବୃଦ୍ଧା ମହିଳା ଙ୍କ ବେକରୁ ସୁନା ଚେନ ଟାଣିନେବା ଘଟଣାରେ ଶୁକ୍ରବାର ଡାବୁଗାଁ ପୋଲିସ ୨ ଜଣ ଦୁର୍ବୃତ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ:- ଉମୁରହାଣ୍ଡି ଗ୍ରାମର ଚଞ୍ଚଳା ମାଝି ମଙ୍ଗଳବାର ସକାଳୁ ପନିପରିବା ବିକ୍ରି କରିବାକୁ ପାପଡାହାଣ୍ଡି ହାଟକୁ ଯାଇଥିଲେ । ସେଠାରେ ବିକ୍ରି କରିବା ପରେ ଅପରାହ୍ନରେ ବସ ଯୋଗେ ଆସି କନ୍ୟାଶ୍ରମ ଛକ ଠାରେ ଓହ୍ଲାଇ ନିଜ ଘର ଉମୁରହାଣ୍ଡି ଗ୍ରାମକୁ ଯିବା ବେଳେ ମୋଟରସାଇକେଲ ଯୋଗେ ୨ ଜଣ ଯୁବକ ମୁହଁରେ ମାସ ବାନ୍ଧି ଆସି ମହିଳାଙ୍କୁ ଝରିଗାଁ ରାସ୍ତା କେଉଁ ପଟେ ପଚାରିଥିଲେ । ମହିଳା ଜଣଙ୍କ ରାସ୍ତା କହି ନିଜ ଗ୍ରାମ ଆଡକୁ ଯାଉଥିବା ବେଳେ ୨ ଯୁବକ ଙ୍କ ମଧ୍ୟରୁ ଜଣେ ଯୁବକ ବୃଦ୍ଧା ମହିଳାଙ୍କ ବେକରୁ ପଛପଟୁ ତାଙ୍କ ସୁନା ଚେନ ଝାମ୍ପି ନେଇ ମୋଟର ସାଇକେଲରେ ଚାଲି ଯାଇଥିଲେ । ସେଦିନ ରାତ୍ରିରେ ମହିଳା ଚଞ୍ଚଳା ମାଝି ଥାନାରେ ଏତଲା ଦେଇଥିଲେ । ଉକ୍ତ ଏତଲାକୁ ଭିତ୍ତି କରି ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଅଭିଯୁକ୍ତ ମାନେ ହେଲେ ଝରିଗାଁ ବ୍ଲକ ଅଧୀନ ପିତାସିଲ ଗ୍ରାମର ପରଶୁରାମ ସାନ୍ତା (୨୪) ଓ ମୁଣ୍ଡାଗୁଡା ଗ୍ରାମର ରାକେଶ ସାନ୍ତା (୨୩) ଗିରଫ କରାଯାଇ ଆଜି ଅପରାହ୍ନରେ କୋର୍ଟ ଚାଲାଣ କରଯାଇଥିଲା । ଏହାସହ ଏକ ନମ୍ବର ବିହୀନ ମୋଟରସାଇକେଲ ଜବତ କରାଯାଇଛି । ଥାନା ସବଇନିସ୍ପେକ୍ଟର ଚନ୍ଦନ ସାହୁ ଘଟଣାର ତଦନ୍ତ କରୁଛନ୍ତି । ଏନି ଥାନା କେସ ନଂ ୮୬/୨୫ ରେ ଏକ ମାମଲା ରୁଜୁ କରାଯାଇଛି ।

## ଉଦୟନାଥ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷା ହେଲେ ଲେଫ୍ଟନାଣ୍ଟ ଚିରଶ୍ରୀ ଇନ୍ଦ୍ର ସିଂ



ନିଆଳୀ **୩/୫ (ନି.ପ୍ର):** କଟକ ଜିଲ୍ଲା କଣ୍ଟାପଡା ବ୍ଲକ ଅଡ଼ଶପୁର ସ୍ଥିତ ଓଡିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଉଦୟନାଥ ସ୍ୱୟଂ ଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷା ଭାବେ ଦାୟିତ୍ୱ ନେଲେ ବରିଷ୍ଠ ପ୍ରାଧ୍ୟାପିକା ପ୍ରଫେସର ଲେଫ୍ଟନାଣ୍ଟ ଚିରଶ୍ରୀ ଇନ୍ଦ୍ରସିଂ, ପ୍ରଫେସର ଇନ୍ଦ୍ରସିଂ ଏକାଧାରାରେ ଲେଖିକା, ଗାଳ୍ପିକ କବି ରୂପେ ଓଡିଶା ରେ ସୁପରିଚିତ, ମହାବିଦ୍ୟାଳୟର ବିଦାୟୀ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ମହାନ୍ତି ଅବସର ନେବା ସହ ନିଜର ଦାୟିତ୍ୱ ପ୍ରଫେସର ଇନ୍ଦ୍ରସିଂ ଙ୍କୁ ହସ୍ତାନ୍ତର କରିଛନ୍ତି ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ପ୍ରଫେସର ଅଗଷ୍ଟି କାନୁନଗୋ ପରିଚାଳନା କମିଟି ର ସଭ୍ୟ ଡ଼ ବୃଷକେତୁ ମହାନ୍ତି ଙ୍କ ଉପସ୍ଥିତ ଦାୟିତ୍ୱ ହସ୍ତାନ୍ତର କରିଥିଲେ, ଏହା ପରେ ସବୁ ବିଭାଗ ତରଫରୁ ନୂତନ ଅଧ୍ୟକ୍ଷା ଙ୍କୁ ଶୁଭେଚ୍ଛା ଜଣାଇଥିଲେ . ପ୍ରଫେସର ଇନ୍ଦ୍ର ସିଂ ଅଡ଼ଶପୁରର ଜଣାଶୁଣା ହୋମିଓପାଥିକ ଡାକ୍ତର ତଥା ପ୍ରାଚୀ ଏକାଡେମୀର ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ପୂର୍ଣ୍ଣାନନ୍ଦ ପ୍ରଧାନଙ୍କ ପୁତ୍ରବଧୂ ଏବଂ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପତିତପାବନ ଇନ୍ଦ୍ର ସିଂହଙ୍କ କନ୍ୟା ଏହାସହ ମହାବିଦ୍ୟାଳୟ ର ଅବସର ପ୍ରାପ୍ତ ଇତିହାସ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଗାନ୍ଧିବାଦୀ ଏବଂ ଓଡିଶା ସର୍ବୋଦୟ ଇତିହାସ ବହି ର ଲେଖକ ପ୍ରଫେସର ଡ଼ ପ୍ରଶାନ୍ତ ପ୍ରଧାନଙ୍କ ସହଧର୍ମିଣୀ , ମହାବିଦ୍ୟାଳୟର ଦ୍ୱିତୀୟ ମହିଳା ଅଧ୍ୟକ୍ଷା ଭାବେ ସେ ଦାୟିତ୍ୱ ନେଇଛନ୍ତି ସ୍ୱର୍ଗତ ତ୍ରିଲୋଚନ କାନୁନଗୋ ଙ୍କ ସ୍ୱପ୍ନ କୁ ସାକାର କରିବା ପାଇଁ ସେ ପ୍ରୟାସ କରିବେ ବୋଲି ପ୍ରକାଶ କରିଛନ୍ତି ।

## ସ୍ୱାମ ବାଦିପାଲା ମହୋତ୍ସବ ସମ୍ବର୍ଦ୍ଧିତ ହେଲେ ପାଲାକାର ଓ ସାମାଜିକ କର୍ମୀ

ପାଟଣା **୩/୫ (ନି.ପ୍ର):**କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସ୍ୱାମ ଶାସନ ର ୭୦ ତମ ବାଦି ପାଲା ମହୋତ୍ସବ ଉଦଯାପନ ଉତ୍ସବରେ ପାଲାକାର ଓ ସାମାଜିକ କର୍ମି ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସମ୍ବର୍ଦ୍ଧନା ଉତ୍ସବ ସ୍ୱାମ ପାଲା କମିଟି ର ସଭାପତି ଭାଗିରଥି ଦାଶ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ମୁଖ୍ୟ ବକ୍ତା ଭାବେ ବଡପାଟଣା ସରପଞ୍ଚ ବିନତି ବାନରା, ସମ୍ମାନିତ ଅତିଥି ଭାବେ ଯୋଡ଼ା ଏବିଓ ତଥା ପାଲା କମିଟି ସଦସ୍ୟ ଦିଲ୍ଲିପ କୁମାର ବେହେରା ପ୍ରମୁଖ ଯୋଗଦେଇ ଥିଲେ । ଏହି ଅବସର ରେ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ନାଏକ ଚଳିତ ବର୍ଷ ପାଲା ପରିବେଷଣ କରୁଥିବା ଗାୟକ ଗୋପାଳକୃଷ୍ଣ ଜେନା ଓ ବିଜୟ କୁମାର ଓଝା ଙ୍କୁ ପୁଷ୍ପ ଗୁଚ୍ଛ,ମାନ ପତ୍ର, ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଗ୍ରାମ ର ପାଲା ଓ ସାମାଜିକ ଅନୁଷ୍ଠାନ ପାଇଁ କାର୍ଯ୍ୟ କରିଥିବା ବରିଷ୍ଠ କାର୍ଯ୍ୟ କର୍ତ୍ତା ବଳଭଦ୍ର କର ଓ ଜ୍ଞାନେନ୍ଦ୍ର କୁମାର ମିଶ୍ର ଙ୍କୁ ମୁଖ୍ୟ ଅତିଥି ପୁଷ୍ପ ଗୁଚ୍ଛ, ଅଙ୍ଗ ବସ୍ତ୍ର ଓ ମାନ ପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ସରପଞ୍ଚ ଶ୍ରୀମତୀ ବାନାରା, ଏ ବି ଓ ଶ୍ରୀ ବେହେରା, ଉପସଭାପତି ଶ୍ରୀନିବାସ ଶତପଥୀ, ପାଲା କମିଟି ସଦସ୍ୟ ସୁମିତ ପତି ପ୍ରମୁଖ ଉଭୟ ପାଲାଦଳ ର ବାୟକ ଓ ପାଳିଆ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଶ୍ରୀନିବାସ ଶତପଥୀ ଦେଇଥିବା ବେଳେସମ୍ପାଦକ ବୀରକିଶୋର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପାଲା କମିଟି ର କୋଷାଧ୍ୟକ୍ଷ କହ୍ନ ତରୁ କରଧନ୍ୟବାଦ୍ ପ୍ରଦାନ କରିଥିଲେ ।କାର୍ଯ୍ୟ କ୍ରମ କୁ ପାଲା କମିଟି ବୀର ମୋହନ ଦ୍ୱିବେଦୀ, ସନ୍ତୋଷ ତ୍ରିପାଠୀ , ଚିରଞ୍ଜିବି ଦାଶ, ସଂଜତ କର,ସୌମ୍ୟ ରଂଜନ ଦାଶ, ପ୍ରକାଶ ଦାଶ, ଅରୁଣ କୁମାର ଦାଶ , ସିଦ୍ଧାର୍ଥ ଦାଶ, ଆର୍ଯ୍ୟ ପ୍ରସାଦ ଦାଶ, ସମୀର ଦାଶ, ଦେବାଶିଷ ତ୍ରିପାଠୀ , ଭବତୋଶ ଶତପଥୀ, ପ୍ରମୁଖ ପରିଚାଳନା କରିଥିଲେ ।

## ଜଳ ଓ ଶକ୍ତି ସଂରକ୍ଷଣ ପାଇଁ ସଚେତନ କଲେ ପ୍ଲମ୍ବର ଓ ଇଲେକ୍ଟ୍ରିକାଲ ସଂଘ



ହିଞ୍ଜିଳିକାଟୁ **୩/୫ (ନି.ପ୍ର):** ଜାତୀୟ ଶ୍ରମିକ ଦିବସ ପାଳନ ଅବସରରେ ହିଞ୍ଜିଳିକାଟୁ ମା' କନକଦୁର୍ଗା ପ୍ଲମ୍ବର ଓ ଇଲେକ୍ଟ୍ରିକାଲ ସଂଘ ପକ୍ଷରୁ ଶ୍ରମିକ ଦିବସ ପାଳନ କରାଯାଇଛି । ଏହି ଅବସରରେ ସୋମବାର ସ୍ଥାନୀୟ ପୌରାଞ୍ଚଳ ହିଞ୍ଜିଳି ଦଣ୍ଡ କାଳୀ ମନ୍ଦିର ନିକଟସ୍ଥ ସଂଘ କାର୍ଯ୍ୟାଳୟ ପରିସରରୁ ସଂଘ ସଭାପତି ବିଚିତ୍ରାନନ୍ଦ ମୁନିଙ୍କ ତତ୍ତ୍ୱାବଧାନରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା । ଅତିଥି ଭାବେ ସଭାପତି ବିଚିତ୍ରାନନ୍ଦ ମୁନି ଯୋଗଦେଇ ରାଲିକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସଂଘ କର୍ମକର୍ତ୍ତା ଓ ସଭ୍ୟ ମାନେ ଜଳ ଓ ଶକ୍ତି ସଂରକ୍ଷଣ ସମ୍ପର୍କିତ ବ୍ୟାନର, ପୋଷ୍ଟର ଓ ପ୍ଲାକାର୍ଡ ଧରି ନଗର ପରିକ୍ରମା କରି ଜନ ସଚେତନତା ସୃଷ୍ଟି କରିଥିଲେ । ସଂଘ ପକ୍ଷରୁ ଏଭଳି ସଚେତନତା କାର୍ଯ୍ୟକ୍ରମକୁ ସହରବାସୀ ଭୂୟସୀ ପ୍ରଶଂସା କରିଥିଲେ । ସଂଘ ଉପସଭାପତି ପ୍ରମୋଦ ମହାରଣା, ସମ୍ପାଦକ ସିମାଞ୍ଚଳ ପଣ୍ଡା, କୋଷାଧ୍ୟକ୍ଷ ଯୁଗଳ କିଶୋର ପାଣିଗ୍ରାହୀ, କଳାକାର ବେହେରା, ବାଲାଜି ସ୍ୱାଇଁ, ଗଙ୍ଗାଧର ସାହୁ, ଶିବରାମ ଡାକୁଆ, ରଘୁନାଥ ପାଳ, ଲଡୁ କିଶୋର ବିଶ୍ୱାସରାୟ, ହିମାଂଶୁ ସାବତ, ଶୁଭ୍ରାଂଶୁ ପାତ୍ର, ଜ୍ଞାନରଞ୍ଜନ ସାହୁ, କରୁଣାକର ସାହୁ, ରବି ସାହୁ, ଶିବରାମ ପାତ୍ର,କଳାକାର ସାହୁଙ୍କ ସମେତ ୮୦ରୁ ଉର୍ଦ୍ଧ୍ୱ ପ୍ଲମ୍ବର ଓ ଇଲେକ୍ଟ୍ରିକାଲ ମେକାନିକ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ପ୍ରମୋଦ ମହାପାତ୍ର, ସୁନିଲ ମହାରଣା,ମହେନ୍ଦ୍ର ପାତ୍ର, ରାଜପ୍ରସାଦ ପାତ୍ର, ଭାଗିରଥି ପାଢି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପ୍ରାକ୍ତନ ପ୍ରିନ୍ସପାଲ ଡକ୍ଟର ଶ୍ୟାମା ପ୍ରସାଦ ମିଶ୍ର ସମ୍ବର୍ଦ୍ଧିତ

ବୁଗୁଡା **୩/୫ (ନି.ପ୍ର):** ଭୁବନେଶ୍ୱର ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ସମ୍ଭବ ସାହିତ୍ୟ ପରିବାର ଓ ବିଘ୍ନରାଜ ଚାରିଟେବଲ ଟ୍ରଷ୍ଟ ର ତୃତୀୟ ବାର୍ଷିକ ମହୋତ୍ସବ ଅବସରରେ ଅବସରପ୍ରାପ୍ତ ପ୍ରିନ୍ସପାଲ ଡକ୍ଟର ଶ୍ୟାମା ପ୍ରସାଦ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ତୃତୀୟ ବାର୍ଷିକ ମହୋତ୍ସବର ପ୍ରଥମ ଅଧିବେଶନରେ ସମ୍ଭବ ର ସଭାପତି ତଥା ପୂର୍ବତନ ସାଂସଦ ଡକ୍ଟର ପ୍ରସନ୍ନ ପାଟଶାଣୀ ଙ୍କ ସହ ସମ୍ଭବର ପ୍ରତିଷ୍ଠାତା ଓ ସମ୍ପାଦକ ଡକ୍ଟର ରୋଜାଲିନ ସେନାପତିଙ୍କ ଦ୍ୱାରା ଡକ୍ଟର ଶ୍ୟାମା ପ୍ରସାଦ ମିଶ୍ର ସମ୍ବର୍ଦ୍ଧିତ ହୋଇଥିଲେ । ପ୍ରଥମ ଅଧିବେଶନ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ବେଳେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେହିପରି ଦ୍ୱିତୀୟ ଅଧିବେଶନକୁ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଡକ୍ଟର ଅରୁଣ ସାହୁ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଓ ମୁଖ୍ୟବକ୍ତା ଭାବେ ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନର ପ୍ରତିଷ୍ଠାତା ଓ ସମ୍ପାଦକ ତଥା ଅବସର ପ୍ରାପ୍ତ ପ୍ରିନ୍ସପାଲ ଡକ୍ଟର ଶ୍ୟାମା ପ୍ରସାଦ ମିଶ୍ର ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଦୁଇ ମୃତକଙ୍କ ପରିବାରକୁ ଭେଟିଲେ ବିଧାୟକ ଶାରଦା ପ୍ରଧାନ

ନିଶ୍ଚିନ୍ତକୋଇଲି **୩/୫ (ନି.ପ୍ର):**ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅନ୍ତର୍ଭୁକ୍ତ ସରପଡା ପଂଚାୟତ ୧୨ ନଂ ୱାର୍ଡର ଯୁବ ସଂଗଠକ ଉମାଶଙ୍କର ପଣ୍ଡା (ନବ) ୫୧ ବର୍ଷଙ୍କ ହୃଦ୍‌ଘାତରେ ବିୟୋଗ ଘଟିଛି । ସେ ଜଣେ ମେଳାପୀ, ପରୋପକାରୀ ଓ ଦକ୍ଷ ସଂଗଠକ ଭାବରେ ନିଜର ପରିଚୟ ସୃଷ୍ଟି କରି ସ୍ଥାନୀୟ ଅଂଚଳବାସୀଙ୍କ ପାଖରେ ବେଶ୍ ଲୋକପ୍ରିୟ ହୋଇପାରିଥିଲେ । ଗ୍ରାମ୍ୟ ଶ୍ମଶାନରେ ସ୍ୱର୍ଗତ ପଣ୍ଡାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ତାଙ୍କ ବଡଭାଇ ଗିରିଜା ଶଙ୍କର ପଣ୍ଡା ମୁଖାଗ୍ନି ପ୍ରଦାନ କରିଥିଲେ । ଶେଷ ସମୟରେ ସ୍ୱର୍ଗତ ପଣ୍ଡାଙ୍କ ବିଧବା ପତ୍ନୀ, ଝିଅ, ପୁଅ, ବନ୍ଧୁପରିବାର ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ସେହିପରି ସରପଡା ପଂଚାୟତ ବୋଧଙ୍ଗ ଗ୍ରାମ ୮ ନଂ ୱାର୍ଡର ଅନୀଲ କୁମାର ସ୍ୱାଇଁ (୫୧) ବର୍ଷଙ୍କ ଶରୀର ଅସୁସ୍ଥତା କାରଣରୁ ବିୟୋଗ ଘଟିଛି । ସ୍ୱର୍ଗତ ସ୍ୱାଇଁଙ୍କ ଅନ୍ତିମ ସଂସ୍କାର ଗ୍ରାମ୍ୟ ଶ୍ମଶାନରେ ହୋଇଥିବା ବେଳେ ସାନଭାଇ ରଘୁନାଥ ସ୍ୱାଇଁ ମୁଖାଗ୍ନି ଦେଇଥିଲେ । ଶେଷ ସମୟରେ ସ୍ୱର୍ଗତ ସ୍ୱାଇଁଙ୍କ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ଉଭୟଙ୍କ ମୃତ୍ୟୁ ଖବର ପାଇ ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦା ପ୍ରସାଦ ପ୍ରଧାନ ଦୁଇ ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜ୍ଞାପନ କରିବା ସହ ଦୁଇ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ବିଧାୟକଙ୍କ ସହିତ ସରପଡା ସରପଂଚ ବିବେକାନନ୍ଦ ଆଚାର୍ଯ୍ୟ, ଯୁବ ସଂଗଠକ ମାନସ ରାଉତ, ପ୍ରଭାତ ମହାନ୍ତି, ବରିଷ୍ଠ ମୁରବୀ ଗୋବିନ୍ଦ ରାଉତ, ପ୍ରଶାନ୍ତ ପରିଜା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଉଭୟଙ୍କ ବିୟୋଗରେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଉପାଧ୍ୟକ୍ଷ ନୃସିଂହ ମିଶ୍ର, ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ, କୈଳାସ ଚନ୍ଦ୍ର ବେହେରା, ସରପଡା ସମିତିସଭ୍ୟାଙ୍କ ପ୍ରତିନିଧି ପ୍ରମୋଦ ସ୍ୱାଇଁ, ଦିବାକର ସ୍ୱାଇଁ, ଦେବାଶିଷ ଦାଶ. ରଶ୍ମିକାନ୍ତ ଦାସ, ବିଚିତ୍ରାନନ୍ଦ ପତି, ଯୁବ ସାମ୍ବାଦିକ ପ୍ରସନ୍ନ କୁମାର ମହାପାତ୍ର ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ଶୋକବ୍ୟକ୍ତ କରିଥିଲେ ।

## ବିଭିନ୍ନ ସମସ୍ୟା ନେଇ ଉପଜିଲ୍ଲାପାଳ ଙ୍କୁ ଦାବି ପତ୍ର ପ୍ରଦାନ କଲେ ଗ୍ରାମବାସୀ

ଆଠମଲ୍ଲିକ **୩/୫ (ନି.ପ୍ର):** ଆଠମଲ୍ଲିକ ଏନ. ଏ. ସି. ଅନ୍ତର୍ଗତ ୭ ନଂ ୱାର୍ଡ ଲିପ୍ତିଙ୍ଗା ଗ୍ରାମ ର ବିଭିନ୍ନ ସମସ୍ୟା ର ଦାବୀ ପୂରଣ ନିମନ୍ତେ ଗ୍ରାମବାସୀ ମାନେ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ଙ୍କୁ ଦାବୀପତ୍ର ଦେଇଥିବା ଜଣାପଡିଛି । ଦାବୀ ଗୁଡିକ ମଧ୍ୟରେ ମୁଖ୍ୟତଃ ଗତ କିଛିଦିନ ହେଲା ଏକ ଦନ୍ତା ହାତୀ ଆମ୍ବ , କାଜୁ , କଦଳୀ ଗଛ ଓ ପନିପରିବା ଚାଷ ନଷ୍ଟ କରିବା ସହିତ ଗ୍ରାମ ନିକଟରେ ରହୁଥିବାରୁ ଗ୍ରାମ ବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି କ୍ଷ ହାତୀକୁ ଅନ୍ୟତ୍ର ପଠାଇବାର ବ୍ୟବସ୍ଥା କରାଯାଉ । ତତସହିତ ମହାନଦୀ ରାସ୍ତା ଗୋଲେଇ ଛକ ଠାରୁ ଲିପ୍ତିଙ୍ଗା ଖଣ୍ଡିପୁଲେଶ୍ୱର ପର୍ଯ୍ୟନ୍ତ ରାସ୍ତା ନଷ୍ଟ ହୋଇଯାଇଥିବାରୁ ନୂତନ ରାସ୍ତା ନିର୍ମାଣ କରିବା ଓ ଗ୍ରାମ ମଧ୍ୟରେ ବହୁ ବିଦ୍ୟୁତ ଖୁଣ୍ଟ ବିପଦପୂର୍ଣ୍ଣ ଅବସ୍ଥା ରେ ଥିବାରୁ ନୂତନ ବିଦ୍ୟୁତ ଖୁଣ୍ଟ ପରିବର୍ତ୍ତନ କରିବା ପ୍ରଭୃତି ଦାବୀ ରହିଛି । ଦାବୀପତ୍ର ଦେବା ସମୟରେ ୱାର୍ଡ କାଉନସିଲର ଙ୍କ ସହିତ ଗ୍ରାମ ସଭାପତି ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ବିଶ୍ୱ ଶ୍ରମିକ ଦିବସ ପାଳିତ

ନିଶ୍ଚିନ୍ତକୋଇଲି **୩/୫ (ନି.ପ୍ର):** ତା. ୧.୫.୨୦୨୫ ରିଖ ଗୁରୁବାର ବିଶ୍ୱ ଶ୍ରମିକ ଦିବସ ଅବସରରେ ଓଡିଶା ଫରେଷ୍ଟ ଉତ୍ ଏଗ୍ରିକଲଚର ଆଣ୍ଡ ବିଲଡିଂ କନଷ୍ଟ୍ରକସନ୍ ୟୁନିୟନ (ଏ.ଆଇ.ଟି.ୟୁ.ସି) , ନିର୍ମାଣ ଶ୍ରମିକ ଓ ବି.କେ.ଏମ୍.ୟୁ ସଂଘ ନିଶ୍ଚିନ୍ତକୋଇଲି ବ୍ଲକ କମିଟି ପକ୍ଷରୁ ରାମକୃଷ୍ଣପୁରଠାରେ ଅବସ୍ଥିତ କଦମ୍ବବିହାରୀ ପୀଠସ୍ଥଳୀରେ ବିଶ୍ୱ ଶ୍ରମିକ ଦିବସ ଅନୁଷ୍ଠିତ ହୋଇଯାଇଛି । ଶ୍ରମିକ ନେତା କଃ. ତ୍ରଲୋକ୍ୟନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ପତାକା ଉ□ଳନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଅତିଥି ଭାବେ ସିପିଆଇ ଜୋନାଲ କମିଟି ସଂପାଦକ କଃ. କସ୍ତୁରୀ ଚରଣ ପାତ୍ର, ସମ୍ମାନୀତ ଅତିଥି ଭାବେ ବିକେଏମ୍‌ୟୁ ଜିଲ୍ଲା ସଭାପତି ଅରବିନ୍ଦ ପଣ୍ଡା, କଃ. ହିଂମାଂଶୁ ଶେଖର ଭୂୟାଁ, କଃ.ମାଗୁଣୀ ନାୟକ,କଃ. ଝରୀ ବେହେରା ପ୍ରମୁଖ ଉପସ୍ଥିତ ରହି ଶ୍ରମିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ । ଆନ୍ଦୋଳନ ମାଧ୍ୟମରେ ଶ୍ରମିକମାନଙ୍କ ନାର୍ଯ୍ୟଦାବିର ସମାଧାନ କରାଯାଇ ପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଶେଷରେ କଃ. ସନାତନ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ହାଇଦ୍ରାବାଦ୍‌ର ଏକ ଘରୋଇ କାର୍ଯ୍ୟାଳୟରେ କାର୍ଯ୍ୟରତ ବିକାଶ ଦାସଙ୍କ ବିୟୋଗ

ନିଶ୍ଚିନ୍ତକୋଇଲି **୩/୫ (ନି.ପ୍ର):**ମାହାଙ୍ଗା ବ୍ଲକ ଅନ୍ତର୍ଗତ ନାହାଙ୍ଗ ପଂଚାୟତ ଅଧିନସ୍ଥ ଅଚ୍ୟୁତପୁର ଗ୍ରାମର ଗୁଣନିଧି ଦାସଙ୍କ ଜ୍ୟେଷ୍ଠପୁତ୍ର ବିକାଶ ଚନ୍ଦ୍ର ଦାସ (୪୪) ଙ୍କ ର ତା.୨.୫.୨୦୨୫ରିଖ ଦିନ ୧୨.୩୦ ମିନିଟ୍‌ରେ ହାଇଦ୍ରାବାଦ୍‌ସ୍ଥିତ ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେହାନ୍ତ ହୋଇଯାଇଛି । ସେ ଦୀର୍ଘଦିନ ହେବ ହାଇଦ୍ରାବାଦ୍‌ସ୍ଥିତ ଏକ ଘରୋଇ କଂପାନୀରେ କାର୍ଯ୍ୟ କରିଆସୁଥିଲେ । ଗତ ମଙ୍ଗଳବାର ଦିନ ହଠାତ୍ ଅସୁସ୍ଥ ହେବାରୁ ବିକାଶ ଚନ୍ଦ୍ର ଦାସଙ୍କୁ ଚିକିତ୍ସା ପାଇଁ ଏକ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏକ ଘରୋଇ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସିତ ହେଉଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଛି । ମୃତ୍ୟୁ ସମୟରେ ତାଙ୍କର ପତ୍ନୀ ଓ ପରିବାରର ଲୋକେ ଉପସ୍ଥିତ ଥିଲେ । ବିକାଶ ଚନ୍ଦ୍ର ଦାସଙ୍କ ବିୟୋଗରେ ଆମ ମାହାଙ୍ଗାର ଅଧ୍ୟକ୍ଷ ଡଃ. ଅମରେନ୍ଦ୍ର ମହାନ୍ତି, ସାମ୍ବାଦିକ ବିଜୟ କୁଅଁର, ରାଜେଶ ସାହୁ, ସ୍ଥାନୀୟ ସରପଂଚଙ୍କ ପ୍ରତିନିଧି ଦେବରଂଜନ ମହାନ୍ତି, ସମିତିସଭ୍ୟ ଦିଲ୍ଲିପ କୁମାର ସାମଲ, ପଂଚାୟତ ସଭାପତି ଜଳଧର ନାୟକ, ଜିଲ୍ଲାପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, କୁରୁଜଙ୍ଗା ସରପଂଚ କମଳାକାନ୍ତ ଦାଶ, ଭଦ୍ରେଶ୍ୱର ସରପଂଚ କମଳାକାନ୍ତ ରାଉତ, ହଳଦିଆ ସରପଂଚ ରାଜେନ୍ଦ୍ର ସାହୁ, ଜତୀନଜୟ କୁଅଁର, ରାୟଗୁରୁ ସନ୍ତୋଷ କୁମାର ମହାପାତ୍ର, ସରୋଜ କୁମାର ଘଡେଇ, ପ୍ରଫୁଲ୍ଲ କୁମାର ସାହୁ, ପ୍ରଫୁଲ୍ଲ ପ୍ରଧାନ, ଜଗବନ୍ଧୁ ଗୋଚ୍ଛାୟତ, ଶ୍ରୀନିବାସ ସେନାପତି, ଦିଲ୍ଲିପ କୁମାର ସାହୁ, ଅଚ୍ୟୁତାନନ୍ଦ ସେଠୀ, ସୁରେନ୍ଦ୍ରନାଥ ଶତପଥି, ଉମେଶ ମହାନ୍ତି, ଗୌତମ ଚରଣ ଜେନା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାରପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

## ଜାମଦା ଉଚ୍ଚ ବିଦ୍ୟାଳୟର ଦଶମ ପରୀକ୍ଷାରେ ସଫଳତା

ମୟୂରଭଞ୍ଜ **୩/୫ (ନି.ପ୍ର):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ପରିଚାଳିତ ଦଶମ ବୋର୍ଡ ୨୦୨୪-୨୫ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି ।ଏଥିରେ ମୟୂରଭଞ୍ଜ ଜିଲ୍ଲା ଜାମଦା ସରକାରୀ ଉଚ୍ଚ ବିଦ୍ୟାଳୟ ର ମୁନା କିସ୍କୁ ୪୯୯ ନମ୍ବର ରଖି ଏ୨ ତଥା ୮୩% ନମ୍ବର ରଖି ଜାମଦା ବ୍ଲକ ତଥା ବିଦ୍ୟାଳୟର ଗୌରବ ଆଣିଥିବାରୁ ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ସା,ଶିକ୍ଷକଶିକ୍ଷୟତ୍ରୀ ତଥା ଅଭିଭାବକ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ମୁନା କିସ୍କୁଙ୍କୁ ପ୍ରଦାନ କରାଯାଇଛି ।ସେ ପ୍ରଧାନ ଶିକ୍ଷକ,ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଏବଂ ପିତାମାତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଦିନକୁ ୮ଘଣ୍ଟା ପରିଶ୍ରମ କରି ଏହି ସଫଳତା ମିଳିଛି ବୋଲି ମୁନା କିସ୍କୁ କହିଛନ୍ତି ।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସଦସ୍ୟ ଙ୍କ ୫୫ ତମ ବିବାହ ବାର୍ଷିକୀ ଉତ୍ସବ ପାଳିତ

ବାଲିଗୁଡା **୩/୫ (ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ବରିଷ୍ଠ ନାଗରିକ ସଂଘ ତରଫରୁ ମା' ପାଟଖଣ୍ଡା ମନ୍ଦିର ପରିସରରେ ବରିଷ୍ଠ ନାଗରିକ ସଂଘ ର ସଦସ୍ୟ ବି. ଲୋକନାଥ ପାତ୍ର ଓ ଶ୍ରୀମତୀ ରନ୍ମଣି ପାତ୍ରଙ୍କ ୫୫ ତମ ବିବାହ ବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ସଂଘର ଉପସଭାପତି ସୀମାଞ୍ଚଳ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଆୟୋଜନ କରାଯାଇଥିଲା । ଉକ୍ତ ବୈଠକରେ ପ୍ରାୟ ୭୦ ସଦସ୍ୟ, ସଦସ୍ୟା ଙ୍କ ସମେତ ସଂପାଦକ ମନ୍ମଥ କୁମାର ରାଉଳ , ପ୍ରହ୍ଲାଦ ପ୍ରସାଦ ଲେଙ୍କା, ଡ଼.ମଧୁସୂଦନ ମହାପାତ୍ର, ରାଜକିଶୋର ସାହୁ ଏବଂ ଶ୍ରୀ ପାତ୍ରଙ୍କ ପୁଅ,ବୋହୂ ,ନାତି ,ନାତୁଣୀ, ଶୁଭେଚ୍ଛୁ ଓ ବନ୍ଧୁ ବାନ୍ଧବ ଯୋଗ ଦେଇ ଶ୍ରୀ ପାତ୍ରଙ୍କର ଦାମ୍ପତ୍ୟ ଜୀବନ ଦୀର୍ଘ ଓ ସୁଖମୟ କାମନା କରିଥିଲେ । ବରିଷ୍ଠ ନାଗରିକ ସଂଘ ତରଫରୁ ସମଗ୍ର ଅଞ୍ଚଳ ପାଇଁ ଏହା ଏକ ନୂତନ କାର୍ଯ୍ୟକ୍ରମ ବୋଲି ଅଞ୍ଚଳରେ ଆଲୋଚନା ହେଉଛି ।

## ଆନ୍ତର୍ଜାତିକ ଶ୍ରମିକ ଦିବସ ଉପଲକ୍ଷେ ବାଣପୁରରେ ଆଇନ ସଚେତନତା ଶିବିର



ବାଣପୁର **୩/୫ (ନି.ପ୍ର):** ମେ ୧ ତାରିଖକୁ ଆନ୍ତର୍ଜାତିକ ଶ୍ରମିକ ଦିବସ ଭାବେ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ ଆଜି ସାରା ବିଶ୍ୱରେ ଶ୍ରମିକ ଦିବସ ପାଳନ କରାଯାଉଛି। ଶ୍ରମିକମାନଙ୍କୁ ସମ୍ମାନ ଦେବା ସହିତ ଶ୍ରମିକମାନଙ୍କ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଏ। ସମାଜ ପ୍ରତି ଶ୍ରମିକମାନଙ୍କ ଅବଦାନ ଅତୁଳନୀୟ। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ଗୁରୁବାର ଦିନ ବାଣପୁର ବ୍ଲକ ସଭାଗୃହରେ ଆନ୍ତର୍ଜାତିକ ଶ୍ରମିକ ଦିବସ ଉପଲକ୍ଷେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଓକିଲ ସଂଘ ସମ୍ପାଦକ ଜଗଦୀଶ ପଟ୍ଟନାୟକ, ଉପ ସଭାପତି ପଦ୍ମଜା ପଟ୍ଟନାୟକ, କାର୍ଯ୍ୟକାରୀ ସଭ୍ୟ ସନ୍ତୋଷ କୁମାର ମହାପାତ୍ର, ବାଲୁଗାଁ ସହକାରୀ ଶ୍ରମ କାର୍ଯ୍ୟାଳୟ କର୍ମଚାରୀ କ୍ଷୀରାବ୍ଧି ତନୟା ସାହୁ, ଅନ୍ୟ ଓକିଲ ମାନେ ଏବଂ ବହୁ ସଂଖ୍ୟାରେ ସ୍ଥାନୀୟ ଶ୍ରମିକ ମାନେ ଯୋଗଦେଇଥିଲେ । ଏହି ଅବସରରେ ବିଚାରପତି ଶ୍ରୀ ମହାପାତ୍ର ଉପସ୍ଥିତ ଶ୍ରମିକମାନଙ୍କୁ ସେମାନଙ୍କ ଆଇନଗତ ଅଧିକାର ସମ୍ବନ୍ଧରେ ଅବଗତ କରାଇଥିଲେ । ଶ୍ରମିକମାନଙ୍କ ସୁରକ୍ଷା ପାଇଁ ବିଭିନ୍ନ ଆଇନ ଉଦିଷ୍ଟ ଥିବା ବେଳେ ଆଇନଗତ ସମସ୍ୟାର ସମ୍ମୁଖୀନ ହେଲେ ସେମାନେ ତାଲୁକ ଆଇନ ସେବା ସମିତି ଜରିଆରେ ନିଃଶୁଳ୍କ ଆଇନ ସେବା ପାଇପାରିବେ ବୋଲି କହିଥିଲେ ବିଚାରପତି । ତତସହିତ ଶ୍ରମିକମାନେ ରାଜ୍ୟ ତଥା ଦେଶ ବାହାରକୁ କାର୍ଯ୍ୟ ପାଇଁ ଯିବା ପୂର୍ବରୁ ସ୍ଥାନୀୟ ଶ୍ରମ କାର୍ଯ୍ୟାଳୟରେ ନିଜ ନାମ ପଞ୍ଜିକରଣ କରାଇବା ପାଇଁ ପରାମର୍ଶ ଦେଇଥିଲେ, ଯାହାଦ୍ୱାରା ସେମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପାଇପାରିବେ । ଏହି ଅବସରରେ ଏକାଧିକ ଶ୍ରମିକ ମାନଙ୍କୁ ଶ୍ରମ ବିଭାଗ ପକ୍ଷରୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା । ସଭାଶେଷରେ ଓକିଲ ସଂଘ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପାଟଣା **୩/୫ (ନି.ପ୍ର):** ଘଟଗାଁ ବ୍ଲକ ଢେଙ୍କିକୋଟ ପଞ୍ଚାୟତ ଲଙ୍ଗଳକଣ୍ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀନିବାସ ଶତପଥି ଗତ ୩୦ ତାରିଖ ଅବସର ଗ୍ରହଣ କରିଥିବା ବେଳେ ଶୁକ୍ରବାର ତାଙ୍କୁ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଆଦର୍ଶ ପ୍ରଧାନ ଶିକ୍ଷକ ରୋହିତ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯକ୍ରମ ରେ ମୁଖ୍ୟ ଅତିଥି ଭାବେ ଢେଙ୍କିକୋଟ ସରପଞ୍ଚ ଖଇର ନାଏକ, ମୁଖ୍ୟବକ୍ତା ଭାବେ ଉତ୍ତର ଓଡିଶା ସାହିତ୍ୟ ସଂସ୍କୃତି ସମ୍ମେଳନର ସଭାପତି ନୃସିଂହନାଥ ସିଂହ, ସମ୍ମାନିତ ଅତିଥି ଭାବେ କେନ୍ଦୁଝରର ସାଂସଦଙ୍କ ଭ୍ରାତା ଶରତ ନାୟକ, ଲକ୍ଷ୍ମୀ ନାରାୟଣ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଶତପଥୀ, ଅବସରପ୍ରାପ୍ତ ସି. ଆର. ସି. ସି ଅଜୟ ପ୍ରଧାନ ପ୍ରମୁଖ ଯୋଗ ଦେଇ ବିଦାୟୀ ଶିକ୍ଷକ ଶତପଥି ଙ୍କ କର୍ତ୍ତବ୍ୟ ନିଷ୍ଠା ଓ ଛାତ୍ରବତ୍ସଳତାର ସ୍ମୃତି ଚାରଣ କରିଥିଲେ । ବିଦ୍ୟାଳୟର ଜୀତେନ୍ଦ୍ର କୁମାର ଗିରି, ଶୁଭଶ୍ରୀ ମଲିକ, ବିକାଶ କୁମାର ସାହୁ ଓ ରାଜେଶ କୁମାର ପାତ୍ର ପ୍ରମୁଖ କାର୍ଯକ୍ରମ ପରିଚାଳନା କରିଥିଲେ । ଗ୍ରାମବାସୀ, ଶିକ୍ଷକବନ୍ଧୁ ଓ ବିଦ୍ୟାଳୟ ପକ୍ଷରୁ ଶ୍ରୀ ଶତପଥୀ ଭବ୍ୟ ଅବସର କାଳୀନ ସମ୍ବର୍ଦ୍ଧନା ସ୍ୱରୁପ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ କରଯାଇଥିଲା ।

# ଗଣତନ୍ତ୍ର ବିକାଶ ପ୍ରକ୍ରିୟାରେ ବଡ଼ ସହାୟକ ହେବ – ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,**୩/୫ (ନି.ପ୍ର):**କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ନୂଆଦିଲ୍ଲୀ ଠାରେ ରାଜ୍ୟସଭାର ଯୁଗ୍ମ ସଚିବ ତଥା ଲେଖକ ଡଃ ରାଘବ ପ୍ରସାଦ ଦାଶଙ୍କ ଦ୍ୱାରା ଲିଖିତ ଇଂରାଜୀ ପୁସ୍ତକ 'ଡେମୋଗ୍ରାଫିକ କନଟେଷ୍ଟସନ୍ସ ଆଣ୍ଡ୍ ଲେଜିସଲେଟିଭ୍ ପ୍ରୋସେସ୍ ଇନ୍ ଇଣ୍ଡିଆ' ଉନ୍ମୋଚନ କରିଛନ୍ତି । ଉନ୍ମୋଚିତ ପୁସ୍ତକଟି ଗଣତନ୍ତ୍ରର ବିକାଶରେ ଉତ୍ପ୍ରେରକ ଭାବରେ କାର୍ଯ୍ୟ କରିବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତୀୟ ସଂସଦ ହେଉଛି ଗଣତନ୍ତ୍ରର ଏକ ପ୍ରକୃତ ମନ୍ଦିର, ଯାହାର ବହୁମୁଖୀ ଭୂମିକା ରହିଛି । ଏହା କେବଳ ଆଇନ ପ୍ରଣୟନରେ ସୀମିତ ନୁହେଁ ବରଂ ଲୋକଙ୍କ ସ୍ୱରକୁ ବ୍ୟବସ୍ଥାରେ ଥିବା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏକ ପ୍ରମୁଖ ମାଧ୍ୟମ ଭାବରେ କାର୍ଯ୍ୟ କରେ । ଯେତେବେଳେ ମୁଁ ପ୍ରଥମ ଥର ପାଇଁ ଗୃହରେ ପାଦ ରଖିଲି ସେତେବେଳେ ସ୍ୱର୍ଗତ ଅଟଳଜୀଙ୍କଠାରୁ ଏହି କଥା ଶିକ୍ଷା ଲାଭ କରିଥିଲି । ସେହିପରି ପୁସ୍ତକ କେବଳ ବର୍ତ୍ତମାନର ପିଢିକୁ ନୁହେଁ ନୂଆପିଢିକୁ ମଧ୍ୟ ପ୍ରେରିତ କରିଥାଏ । ପୁସ୍ତକ ଭବିଷ୍ୟତ ପିଢ଼ି ପାଇଁ ଜ୍ଞାନର ଭଣ୍ଡାର ମଧ୍ୟ ଅଟେ । ଭାରତର ସଂସଦୀୟ ପ୍ରକ୍ରିୟାକୁ ବୁଝିବାରେ ଏହି ଉଲ୍ଲେଖନୀୟ ଅବଦାନ ପାଇଁ ଡଃ ଦାଶଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଡଃ ଦାଶଙ୍କ ଦ୍ୱାରା ଲିଖିତ ପୁସ୍ତକ, ଭାରତରେ ଗଣତାନ୍ତ୍ରିକ ପ୍ରତିଦ୍ୱନ୍ଦିତା ଏବଂ ବିଧାୟିକ ପ୍ରକ୍ରିୟା ବିଷୟରେ ଦିଗଦର୍ଶନ ପ୍ରଦାନ କରିବ । ବାବାସାହେବ ଭାରତରତ୍ନ ଡକ୍ଟର ବି.ଆର୍ ଆମ୍ବେଦକରଙ୍କ ପାଇଁ ଭାରତୀୟ ସମ୍ବିଧାନର ପ୍ରସ୍ତୁତ ହେଲା, ଯାହା ଗଣତନ୍ତ୍ରରେ ବଡ ଉପଲବ୍ଧି । ଭାରତର ଶାସନ ବ୍ୟବସ୍ଥା ସମ୍ବିଧାନ ପ୍ରଦତ୍ତ ବ୍ୟବସ୍ଥାରେ ତିଆରି ହୋଇଛି । ଏହିଭଳି ଏକ ବିଷୟରେ ସରଳ ଓ ସାବଲୀଳ ଭାଷାରେ ଦସ୍ତାବିଜ ପ୍ରସ୍ତୁତ କରି ପୁସ୍ତକର ରୂପ ଦିଆଯାଇଛି, ଯାହା ପ୍ରଶଂସନୀୟ । ଏହି କାର୍ଯ୍ୟ ଭାରତୀୟ ସଂସଦର ବିକାଶ ଏବଂ କାର୍ଯ୍ୟକାରିତା ବିଷୟରେ ସୂଚନା ପ୍ରଦାନ କରି ପବ୍ଲିକ ପଲିସିର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ପାଇଁ ଏକ ମୂଲ୍ୟବାନ ସମ୍ବଳ ଭାବରେ କାର୍ଯ୍ୟ କରିବ । ଗଣତନ୍ତ୍ର ହେଉଛି ଏକ କ୍ରମାଗତ ବିକଶିତ ପ୍ରକ୍ରିୟା । ଏହି ପୁସ୍ତକ ସେହି ବିକାଶରେ ଏକ ଉତ୍ପ୍ରେରକ ଭାବରେ କାର୍ଯ୍ୟ କରିବ ଏବଂ ପ୍ରଶାସକ, ବିଧାୟକ ଏବଂ ସାର୍ବଜନୀନ ନୀତି ଚିନ୍ତକମାନଙ୍କ ପାଇଁ ଏକ ପ୍ରମୁଖ ପ୍ରସଙ୍ଗ ଭାବରେ ଉଭା ହେବ ବୋଲି ଶ୍ରୀ ପ୍ରଧାନ ମତ ପ୍ରକାଶ କରିଛନ୍ତି । ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ସାଂସଦ ଭର୍ତ୍ତୃହରି ମହତାବ ପ୍ରମୁଖ ଉପସ୍ଥିତ ଥିଲେ ।



## କଣାସ ବ୍ଲକ୍ ଟପ୍ପର ହେଲେ ସମୀକ୍ଷା ମିଶ୍ର

କଣାସ **୩/୫ (ନି.ପ୍ର):**ଆଜି ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି ।ମୋଟ ୯୪.୯୩ ଶତକଡା ପାସହାର ରହିଛି । ସେଥିମଧ୍ୟରୁ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ ହାର ବଢ଼ିଛି ।କଣାସ ବ୍ଲକ୍ ନୀଳକଣ୍ଠଦେବ ବିଦ୍ୟାପୀଠ,ତେନ୍ତୁଳିମୂଳର ଛାତ୍ରୀ ସମୀକ୍ଷା ମିଶ୍ର ମୋଟ ୬୦୦ ମାର୍କରୁ ୫୬୦ ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି ।ତାଙ୍କ ତଳକୁ ରହିଛନ୍ତି ଶ୍ରୀଚନ୍ଦନେଶ୍ୱର ହାଇସ୍କୁଲ ଗଡଖାରଦର ଅନନ୍ୟା ସାହୁ ୫୫୫,କୁଳମଣୀ ନୋଡାଲ ବିଦ୍ୟାପୀଠ ଆଡାଲ ବଡାଲର ଗଙ୍ଗୋତ୍ରୀ ବଳିଆରସିଂହ ୫୫୧ ରଖି ତୃତୀୟ ,ସରକାରୀ ଉଚ୍ଚ ବିଦ୍ୟାଳୟ କଣାସର ଶୁଭମ୍ ଜ୍ୟୋତି ସ୍ୱାଇଁ ୫୪୯ ରଖି ଚତୁର୍ଥ ଓ ସେହିପରି ନୀଳକଣ୍ଠଦେବ ବିଦ୍ୟାପୀଠ ତେନ୍ତୁଳିମୂଳ ଦେବାଶିଷ ମିଶ୍ର ୫୪୫ ନମ୍ବର ରଖି ପଞ୍ଚମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ଖବର କଣାସ ଅଞ୍ଚଳରେ ପ୍ରସାରିତ ହେବା ପରେ ଅଭିଭାବକ , ଶିକ୍ଷକ ଶିକ୍ଷୟତ୍ରୀ , ଛାତ୍ରଛାତ୍ରୀ ତଥା ବୁଦ୍ଧିଜୀବୀଙ୍କ ମହଲରେ ଆନନ୍ଦର ଲହରୀ ଖେଳି ଯାଇଛି ।ବିଜେତା ସମୀକ୍ଷା ମିଶ୍ର କହିଛନ୍ତି ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ ଓ ବାପା ମାଆଙ୍କ ସହଯୋଗ ଓ ଆଶୀର୍ବାଦ ଯୋଗୁ ଏହି ସଫଳତା ପାଇଛି ।

## ମୁଣ୍ଡ ନେଉଛି ଲୁହୁରାଚଟି-ସମ୍ବଲପୁର ୫୩ନଂ ମୁଖ୍ୟ ରାଜରାସ୍ତା



ବରଗଡ଼:-**୩/୫ (ନି.ପ୍ର):** ବରଗଡ଼ ଜିଲ୍ଲା ଦେଇ ଲୁହୁରାଚଟି -ସମ୍ବଲପୁର ତ୍ରୁଟିପୂର୍ଣ୍ଣ ତଥା ଅସମ୍ପୂର୍ଣ୍ଣ ୫୩ନଂ ଚାରି ଥାକିଆ ମୁଖ୍ୟ ଜାତୀୟ ରାଜପଥ ଭେଦ କରି ଯାଇଥିବା ବେଳେ ବରଗଡ଼ ରୁ ସମ୍ବଲପୁର ଅଞ୍ଚଳରେ ନିଇତି ମର୍ମନ୍ତୁଦ ଘଟଣା ମାନ ଘଟି ମୁଣ୍ଡ ପରେ ମୁଣ୍ଡ ଗଡ଼ି ମୂଲ୍ୟବାନ ଜନ ଜୀବନ ନଷ୍ଟ ହେଉଥିବା ନଜିର ରହିଛି ।କିଞ୍ଚିତ ଉଦାହରଣ ସ୍ୱରୂପ ଅତାବିରା ଥାନା ଅନ୍ତର୍ଗତ ରେଙ୍ଗାଲି କେମ୍ପ ପେଟ୍ରୋଲ ପମ୍ପ ସମ୍ମୁଖରେ ବରଗଡ଼-ସମ୍ବଲପୁର ୱେ ରାଜରାସ୍ତା କଡରେ ଛିଡା ହୋଇ ରହିଥିବା ଟ୍ରଲର ନଂ-ଓ ଆର୍ ୧୪ ଏସ୍କ ୩୬୧୬ ର ପଛ ପଟେ ବଡ଼ି ଭୋର୍ ରୁ ବାଇକ୍ ନଂ- ଓଡି ୧୭ ଏସି ୭୦୪୯ ଭାରସାମ୍ୟ ହରାଇ ଜୋର୍ ରେ ଧକ୍କା ଦେବା ଫଳରେ ବାଇକ୍ ସହ ବାଇକ୍ ଆରୋହୀ ଛିଟିକି ପଡ଼ି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହି ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ।ସ୍ଥାନୀୟ ତଥା ଯିବା ଆସିବା ଲୋକଙ୍କ ସୂଚନା ମତେ ଘଟଣା ସ୍ଥଳରେ ଅତାବିରା ପୋଲିସ ପହଞ୍ଚି ପ୍ରାରମ୍ଭିକ ତଦନ୍ତ ସହ ବାଇକ୍ ଆରୋହୀ କୁ ଶବ ବ୍ୟବଚ୍ଛେଦ ପାଇଁ ବରଗଡ ଡାକ୍ତରଖାନା କୁ ପଠାଇ ଅଧିକରୁ ଅଧିକ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ ଙ୍କ ପକ୍ଷରୁ ସୂଚନା ମିଳିଛି ।ବାଇକ୍ ଆରୋହୀ ଜଣକ ଦେବଗଡ଼ ଅଞ୍ଚଳର ହୋଇଥିବା ଜଣା ପଡ଼ିଛି ।ସେ ବରଗଡ଼ ଜିଲ୍ଲା ଭଟଲି ଥାନା ତରାକନା ରେ ଶିକ୍ଷକତା କରି ଆସୁଥିବା ବେଳେ ନିଜସ୍ୱ ଘର ଦେବଗଡ଼ ଅଭିମୁଖେ ଫେରୁ ଥିବା ସମୟ ରେ ଭାରସାମ୍ୟ ହରାଇ ମର୍ମନ୍ତୁଦ ଦୁର୍ଘଟଣା ଘଟିଥିବା ସାଧାରଣ ରେ ଚର୍ଚ୍ଚା ର ବିଷୟ ହୋଇଛି ।ଅନ୍ୟ ପକ୍ଷରେ ରାଜରାସ୍ତା ତଥା ଲୋକଙ୍କ ଯିବା ଆସିବା ସେବା ରାସ୍ତା ରେ ସତେ ଯେମିତି ଭଡା ରେ ଲାଗିବା ଭଳିଆ ମାସ ମାସ ଧରି ନୋ ପାର୍କିଂ ସ୍ଥାନରେ ଭଙ୍ଗା ଦଦରା ଛୋଟ ରୁ ବଡ ଭାରି ଯାନ ବାହାନ ଗୁଡ଼ିକ ରଖି ଦେଉଥିବା ଯୋଗୁଁ ନିଇତି ଟ୍ରାଫିକ ସମସ୍ୟା ଅଣାୟତ୍ତ ହୋଇ ଛୋଟ ରୁ ବଡ ଦୁର୍ଘଟଣା ଘଟି ଲୋକ ତଥା ସ୍କୁଲ କଲେଜ୍ ପିଲା ଯିବା ଆସିବା ରେ ସୁରକ୍ଷିତ ମଣୁ ନାହାନ୍ତି ।

# ଆନ୍ତର୍ଜାତୀୟ ଶ୍ରମିକ ଦିବସରେ ପରିଚୟ ପତ୍ର ବିତରଣ ପାଳନ

ହିଞ୍ଜିଳିକାଟୁ **୩/୫ (ନି.ପ୍ର):** ତାଲୁକା ଆଇନ ସେବା ସମିତି, ହିଞ୍ଜିଳିକାଟୁ ପକ୍ଷରୁ ଗୁରୁବାର ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଛି । ପୌର ପରିଷଦ ହିଞ୍ଜିଳିକାଟୁ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତାଲୁକା ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଓ ଅତିରିକ୍ତ ଫୌଜଦାରୀ ବିଚାରପତି ଅବକାଶ ଚୌଧୁରୀ ଓ ମୁଖ୍ୟ ବକ୍ତା ଭାବେ ସହକାରୀ ଶ୍ରମ ଅଧିକାରୀ ବି. ହୃଷିକେଶ ରାଓ ଓ ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପୋଲେଇ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା, ବରିଷ୍ଠ ଆଇନଜୀବୀ ନିର୍ମଳ ଚନ୍ଦ୍ର ସାହୁ ଓ ଏସଆଇ ସିଦ୍ଧାର୍ଥ ଶଙ୍କର ଜେନା ପ୍ରମୁଖ ମଞ୍ଚସୀନ ଥିଲେ । ଏହି ଅବସରରେ ଅତିଥି ମାନେ ଶ୍ରମିକ ଦିବସର ଅଭ୍ୟୁଦୟ,ଶ୍ରମିକ ମାନଙ୍କ ଆଇନଗତ ଅଧିକାର, ଶ୍ରମ ବିଭାଗ ପକ୍ଷରୁ ପ୍ରଚଳିତ ଥିବା ବିଭିନ୍ନ ପ୍ରକାରର ସହାୟତା ଓ ଶ୍ରମିକ ମାନଙ୍କ ନ୍ୟାର୍ଯଦାବୀ ହାସଲ ନିମିତ୍ତ ସାମାଜିକ ସୁରକ୍ଷା ଓ ସରକାରୀ ସ୍ତରରେ ଉପଲବ୍ଧ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଉପରେ ଆଲୋଚନା ହୋଇଥିଲା । ପରେ ସ୍ଥାନୀୟ ସହରର ୩୧ ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ବିତରଣ କରାଯାଇ ଥିଲା । କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ପୌର ଯନ୍ତ୍ରୀ ମୁକେଶ ପ୍ରଧାନ, ଆଇନଜୀବୀ ଦ୍ୱିତିକୃଷ୍ଣ ସାବତ, ଶାନ୍ତନୁ ପୋଲେଇ, ନିରଞ୍ଜନ ସାହୁ, ବିଭୁ ପ୍ରସାଦ ପଣ୍ଡା, କାଉନସିଲର ବସନ୍ତ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ଦାଶ, ପ୍ରମୋଦ କୁମାର ସାହୁ,ଶକ୍ତି ଯନ୍ତ୍ରୀ ପ୍ରଭାସିନୀ ମଲ୍ଲିକ, ସିଓ ସ୍ନେହଲତା ମିଶ୍ର, ଇ. କିଶନ ପାତ୍ରଙ୍କ ସମେତ ପୌର କର୍ମଚାରୀ ଓ ନିର୍ମାଣ ଶ୍ରମିକ ମାନେ ଉପସ୍ଥିତ ଥିଲେ ।

### କଳମପୁର ବ୍ଲକରେ ମଧ୍ୟାହ୍ନ ଭୋଜନ ଚାଉଳ ହେରଫେର ଘଟଣା

# ସନ୍ଦେହରେ ବ୍ଲକ ଶିକ୍ଷା ଅଧିକାରୀ ଙ୍କ ଭୂମିକା

ଭବାନୀପାଟଣା/କଳମପୁର **୩/୫ (ନି.ପ୍ର):** କଥାରେ ଅଛି 'ଯାହା ବେନିୟମ ରେ କମେଇବ,ତାହାର ଭାଗ ଯଦି ଉପର ହାକିମ ଙ୍କ ଟେବୁଲ ତଳ ଦ୍ରଜ ରେ ଥୋଇ ପାରିଲ,ତାହାହେଲେ ଖଟୁଲି ସହ ଦେବତା ଖାଇଗଲେ ମଧ୍ୟ ପାପ ନାହିଁ' ।ଏହି କଥାଟିକୁ ଅକ୍ଷରେ ଅକ୍ଷରେ ଠିକ ପ୍ରମାଣିତ କରୁଛି କଳାହାଣ୍ଡି ଜ଼ିଲ୍ଲା,କଳମପୁର ବ୍ଲକ ଶିକ୍ଷା ବିଭାଗ ର କାର୍ଯ୍ୟକଳାପ କୁ ଦେଖିଲେ ।ଜିଲ୍ଲାର କଳମପୁର, ବଙ୍କାପଲା ସ୍ଥିତ କସ୍ତୁରବା ଗାନ୍ଧୀ ସରକାରୀ ଉଚ୍ଚ ପ୍ରାଥମିକ ଆବାସିକ ବାଳିକା ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଚାଉଳ ହେରଫେର୍ ଘଟଣା ଚାପି ହୋଇ ଯାଇଥିବା କଥାରେ,ଜ଼ିଲ୍ଲା ଉଠୁଛି ପଡୁଛି ।ଖୋଜୁରି ଗଛ ଯେମିତି ମୂଳ ରୁ ଚୁଳ ପାହାଚ ପାହାଚ ।ଠିକ ସେମିତି କଳାହାଣ୍ଡି ର ଶିକ୍ଷା ବ୍ୟବସ୍ଥା । ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ମିଳିମିଶି କଳମପୁର ବ୍ଲକ,କସ୍ତୁରବା ବାଳିକା ବିଦ୍ୟାଳୟ ଚାଉଳ ହେରଫେର ଘଟଣାକୁ ଚାପି ଦେଇଛନ୍ତି ।ଏଠାରେ ୧୯ କୁଇଣ୍ଟାଲ ମଧ୍ୟାହ୍ନ ଭୋଜନ ଚାଉଳ ହେରଫେର ହୋଇଥିବା ଖବର ଗଣମାଧ୍ୟମ ର ଶୀର୍ଷକ ରେ ଥିଲା । କିନ୍ତୁ କୌଣସି ପଦକ୍ଷେପ ନିଆଗଲା ନାହିଁ ଯାହାକୁ ନେଇ ପ୍ରଶ୍ନ ଉଠିଛି । ତେବେ କଳମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନାଏକ ଏ ବାବଦରେ କିଛି ଜାଣି ନ ଥିବା କହିଛନ୍ତି ।ଅନ୍ୟ ପକ୍ଷରେ ହିସାବରକ୍ଷକ,ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ,ଅଡିଟର କିନ୍ତୁ ଘଟଣାରେ ସତ୍ୟତା ଥିବା କହିଛନ୍ତି ।ବିଭାଗୀୟ ଅଧିକାରୀ କହିଛନ୍ତି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଓ ନୋଟିସ୍ ଦିଆଯାଇଛି ।ଏହାର ଉତ୍ତର ମଧ୍ୟ ସମ୍ପୃକ୍ତ ଶିକ୍ଷୟିତ୍ରୀ ଦେଇ ସାରିଥିବା କହିଛନ୍ତି ।ହେଲେ ବିଭାଗ ନା ଘଟଣାକୁ ସ୍ୱୀକାର କରୁଛି,ନା ଖଣ୍ଡନ କରୁଛି,ଯାହାଫଳରେ ଲୋକଲୋଚନ କୁ ସତ୍ୟାସତ୍ୟ ଆସି ପାରୁନାହିଁ ।ଅନ୍ୟପକ୍ଷରେ ସମ୍ପୃକ୍ତ ଶିକ୍ଷୟିତ୍ରୀ ବିଭାଗର ଭିତିରିଆ ଖବର ବାହାରକୁ କେମିତି ଗଲା,ଭିତର ଲୋକ ହିଁ ଏହା ଜଣାଇଛନ୍ତି ବୋଲି ବିଭାଗର ବିଭିନ୍ନ କର୍ମଚାରୀଙ୍କ ଉପରେ ଦୋଷାରୋପ କରୁଛନ୍ତି ।ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏଭଳି ସଙ୍ଗିନ ଅଭିଯୋଗ ପରେ ମଧ୍ୟ ବିଭାଗୀୟ ବ୍ଲକ ଶିକ୍ଷା ଅଧିକାରୀ ମଧୁସ୍ମିତା ନାଏକ ମୁହଁ ଖୋଲୁ ନ ଥିବାରୁ ଘଟଣାରେ ତାଙ୍କ ଭୂମିକାକୁ ନେଇ ସନ୍ଦେହ ଉପୁଜୁଛି ।ପୁଣି ଶୁଣିବାକୁ ମିଳୁଛି ୧୯ କୁଇଣ୍ଟାଲ ଚାଉଳ ନୁହେଁ ତାହାଠୁ ଢ଼େର ଅଧିକ ମାନେ ପ୍ରାୟ ୧୫୦୦ କୁଇଣ୍ଟାଲ ଚାଉଳ ହେରଫେର ହୋଇଛି । ବିଭାଗୀୟ ତଦନ୍ତ କହିବ ଦୁର୍ନୀତି ର ପରିମାଣ କେତେ ଏବଂ ଘଟଣାରେ ବ୍ଲକ ରୁ ଜ଼ିଲ୍ଲା ଯାଇଁ କିଏ କିଏ ଏହି ଦୁର୍ନୀତି ର ଲହୁଣୀ ଚାଖିଛନ୍ତି ।ହେଲେ ବର୍ତ୍ତମାନ ଯାଏଁ ତଦନ୍ତ ନ ହେବା ପଛର ଅସଲ କାରଣ କ'ଣ ହୋଇଥାଇପାରେ ତାହା ବୁଝା ପଡୁ ନାହିଁ ।ଏଥିପାଇଁ ବିଭାଗୀୟ ଅଧିକାରୀ ଙ୍କ ପାରିବାପଣିଆ ଆଡକୁ ଉଙ୍ଗୁଳି ଉଠିବା ସ୍ୱାଭାବିକ ।

## ବର – ଅଶ୍ୱସ୍ଥ ବୃକ୍ଷ ବିବାହ

ନିମାପଡା **୩/୫ (ନି.ପ୍ର):**ପୁରୀ ଜିଲ୍ଲା ନିମାପଡା ବ୍ଲକ ଭୋଦର ପଂଚାୟତ ଭୋଦର ( ନାଲ ବାଗ )ଗ୍ରାମରେ ଗ୍ରାମବାସୀ ଙ୍କ ଦ୍ୱାରା ବଟ ବୃକ୍ଷ ଓ ଅଶ୍ୱସ୍ଥ ବୃକ୍ଷ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ହିନ୍ଦୁ ପରମ୍ପରା ଅନୁସାରେ ଗ୍ରାମଦେବତୀ ଙ୍କ ପୂଜା ର୍ଚ୍ଚନା, ମଙ୍ଗଳ କୃତ୍ୟ, ଦିଅଁ ମଙ୍ଗୁଳା, ରୋଷଣୀ, ବନ୍ଦା ପନା କରାଯାଇଥିଲା ।ଉତ୍ସବ ରେ ଗଦାଧର ସେଠ୍ ଓ ଅହଲ୍ୟା ସେଠ୍ ଙ୍କ ଏକମାତ୍ର ପୁତ୍ର ଅଶ୍ୱସ୍ଥ ବୃକ୍ଷ ଏବଂ ନିରଞ୍ଜନ ବେହେରା ଓ ଦୀପାଞ୍ଜଳି ବେହେରା ଙ୍କ ଏକମାତ୍ର କନ୍ୟା ବଟ ବୃକ୍ଷ ଙ୍କ ସହିତ ବୈଦିକ ରୀତିରେ ବିବାହ ସମ୍ପନ୍ନ ହୋଇଥିଲା ।ପୁରୋହିତ ଲିଙ୍ଗରାଜ ମିଶ୍ର ଯଥା ରୀତି ନିତି ଅନୁସାରେ ବିବାହ କାର୍ଯ୍ୟ ସମାପନ କରିଥିଲେ ।ବର ପକ୍ଷ ର ବାଜା, ରୋଷଣୀ ଓ ଆତଶବାଜୀ ରେ ଗାଁ ଦାଣ୍ଡ କମ୍ପି ଉଠିଥିଲା.. ଗ୍ରାମର ମନମୋହନ ବାରିକ, ସବିତା ରାଣୀ ସିହ୍ନା, ସର୍ବେଶ୍ୱର ବାରିକ, ଶରତ ମହାରଣା ଚନ୍ଦ୍ରକାନ୍ତ ଦଳାଇ, ବାଉରୀ ବନ୍ଧୁ ଦାସ ପ୍ରମୁଖ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇ ବର କନ୍ୟା ପରିବାର କୁ ଆଶ୍ରିବାଦ କରିଥିଲେ ।

## ତାଲୁକ ଲିଗାଲ କମିଟି ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ

ନିମାପଡା **୩/୫ (ନି.ପ୍ର):** ସାରା ବିଶ୍ୱରେ ମେ ୧ ତାରିଖ କୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କରୁଥିବା ବେଳେ ନିମାପଡା ବ୍ଲକ ତୁଳସୀପୁର ପଞ୍ଚାୟତର ସରପଞ୍ଚ ମଞ୍ଜୁଶ୍ରୀ ଭୋଇ ଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ କାର୍ଯ୍ୟାଳୟ ପରିସର ମଧ୍ୟରେ ନିମାପଡା ର ତାଲୁକ ଲିଗାଲ କମିଟିପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଜର୍ଜ ତଥା ତାଲୁକ ଲିଗାଲ କମିଟି ର ଚ୍ୟାରମ୍ୟାନ ସୌମ୍ୟକ ପାତ୍ର ଓ ସମ୍ମାନିତ ଅତିଥି ଭାବେ ନିମାପଡା ସିଭିଲ ଜର୍ଜ ସିନିୟର ଡିଭିଜନ ର ସଙ୍ଘମିତ୍ରା ବିଶ୍ୱାଳ ,ନିମାପଡା ସିଭିଲ ଜର୍ଜ ଜିନିୟର ଡିଭିଜନ ର ସୌମ୍ୟା ରାଓ , ରିମାଣ୍ଡ ଆଇନିଜୀବୀ ତାଲୁକ ଲିଗାଲ କମିଟି ନିମାପଡା ମିହିର ରଞ୍ଜନ ମହାନ୍ତି ଯୋଗଦେଇ ଅନ୍ତର୍ଜାତୀୟ ଶ୍ରମିଶ ଦିବସ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ।ଏହି କାର୍ଯ୍ୟକ୍ରମ ରେ ଶ୍ରମିକ ଦିବସ ଉପରେ ବିଭିନ୍ନ ଦିଗପ୍ରତି ଦୃଷ୍ଟି ଦେଇ ଆଲୋଚନା କରିବା ସହିତ ଶ୍ରମିକ ଉପରେ ବିଭିନ୍ନ ପ୍ରକାର ଆଇନି ଉପରେ ସଚେତନତା କରିଥିଲେ । ଏହି ଅନ୍ତର୍ଜାତୀୟ ଶ୍ରମିକ ଦିବସ କାର୍ଯ୍ୟକ୍ରମରେ ଓୟେଲଫ୍ୟାର ଅର୍ଗାନେସନ ନିମାପଡା ସମସ୍ତ ସଭ୍ୟ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ରେ ଶେଷରେ ସମାଜସେବୀ ଅରକ୍ଷିତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୂର୍ବତନ ଆରଆଇ ଗୋପୀନାଥ ଭୋଳଙ୍କ ପ୍ରତିମୂର୍ତ୍ତି ଉଦଘାଟନ

ନିମାପଡା **୩/୫ (ନି.ପ୍ର):** ପୁରୀ ଜିଲ୍ଲା ନିମାପଡା ବ୍ଲକ ବାହାରଣା ପଞ୍ଚାୟତ ଖୁଲିସ ଗ୍ରାମର ପୂର୍ବତନ ଆର ଆଇ ସ୍ୱର୍ଗତ ଗୋପୀନାଥ ଭୋଳ ଙ୍କ ପ୍ରତିମୂର୍ତ୍ତି ଓ ନୂତନ ଗୃହକୁ କୁ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଫିତା କାଟି ଉଦଘାଟନ କରିଥିଲେ । ଏହି ଉଦଘାଟନ କାର୍ଯ୍ୟକ୍ରମ ସମୟରେ ପୂର୍ବତନ ନିମାପଡା ବ୍ଲକ ଅଧ୍ୟକ୍ଷ ତଥା ୧୯ ନଂ ଯୋନ ର ଜିଲାପରିଷଦ ପ୍ରଦୀପ ଖଟୋଇ ସହିତ ସ୍ୱର୍ଗତ ଶ୍ରୀ ଭୋଳଙ୍କ ପତ୍ନୀ ସୂର୍ଯ୍ୟ ମଣି ଭୋଳ , ପୁତ୍ର ବାହାରଣା ପଞ୍ଚାୟତ ର ପୂର୍ବତନ ଯୁବ ସଭାପତି ସରୋଜ କୁମାର ଭୋଳ ,ଝିଅ ଗୀତାଞ୍ଜଳି ଭୋଳ , ବାହାରଣା ପଞ୍ଚାୟତ ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସ୍ୱାଇଁ ,ପରେସ ଭୋଳ ,ପ୍ରଶାନ୍ତ କୁମାର ସାହୁ ସହିତ ଭୋଳ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ମଶାଣି ସଫେଇ କଲେ ଗ୍ରାମବାସୀ: ଶତାଧିକ ଲୋକେ ସାମିଲ

ବାଲିଗୁଡା **୩/୫ (ନି.ପ୍ର):** ମଣିଷର ଶେଷ ଠିକଣା ହେଉଛି ମଶାଣି । ତାକୁ ସଫା ସୁତୁରା ସହ ପରିବେଶ ସଫା ରଖିବା ନିଷ୍ପତି ଗ୍ରହଣ କରି ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଶାଣିକୁ ସଫେଇ କରିଛନ୍ତି ଗ୍ରାମବାସୀ । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଗ୍ରୀନବାଡି ପଞ୍ଚାୟତର ମଶାଣି ଭୁଇଁରେ । ପ୍ରକାଶ ଯେ, ଗ୍ରାମରେ କାହାର ମୃତ୍ୟୁ ଘଟେ ସେହି ସମୟରେ ହିଁ ମଶାଣିକୁ ମୃତ ଦେହ ସଂସ୍କାର କରିବାକୁ ଗ୍ରାମବାସୀ ପରିବାର, ବନ୍ଧୁବାନ୍ଧବ ଯାଇଥାନ୍ତି । କିନ୍ତୁ ଅନ୍ୟ ସମୟରେ ମଶାଣିକୁ ଯାତାୟାତ ପ୍ରାୟ ନ ଥାଏ ଫଳରେ ମଶାଣି ପରିତ୍ୟକ୍ତ ଅବସ୍ଥାକୁ ଆସିଯାଇଥାଏ । ବଡ଼ ବଡ଼ ଗଛ ଉଠିବା ସହ ଜଙ୍ଗଲ ସୃଷ୍ଟି ସହ ପରିବେଶ ଏକ ପ୍ରକାର ପରିତ୍ୟକ୍ତ ଅବସ୍ଥାରେ ରୁହେ । ଏହି ପରିସ୍ଥିତିକୁ ସୁଧାର ଆଣିବା ପାଇଁ ଗ୍ରାମରେ ପ୍ରସ୍ତୁତି ବୈଠକ କରାଯିବା ସହ ଶୁକ୍ରବାର ସଫେଇ କାର୍ଯ୍ୟ କରାଯାଇଛି ।

# ଗାଡ଼ିଆର ଭ୍ରମ ସୃଷ୍ଟି କରୁଛି ଜେ.ଡେଙ୍ଗାପଦର ଗ୍ରାମ୍ୟ ଉନ୍ନୟନ ରାସ୍ତା



ପୋଲସରା **୩/୫ (ନି.ପ୍ର):** ଗଞ୍ଜାମ ଜିଲ୍ଲାର ପୋଲସରା ବ୍ଲକର ୨୬ ଗୋଟି ପଞ୍ଚାୟତ ମଧ୍ୟରୁ ଜେ. ଡେଙ୍ଗାପଦର (ଜାଗିଲି ଡେଙ୍ଗାପଦର) ହେଉଛି ଗୋଟିଏ ପଞ୍ଚାୟତ । ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା ଠାରୁ ପ୍ରାୟ ପାଞ୍ଚ କିଲୋମିଟର ଦୂରତାରେ ଏହି ପଞ୍ଚାୟତ ଅବସ୍ଥିତି । ମୁଖ୍ୟ ସଡକ କଡରେ ଥିବା ମଥୁରା ଠାରୁ ଆରମ୍ଭ ହୋଇ ଡେଙ୍ଗାପଦର ଯାଏ ନିର୍ମାଣ ହୋଇଛି ଗ୍ରାମ୍ୟ ଉନ୍ନୟନ ରାସ୍ତା । ଦୀର୍ଘ ବର୍ଷ ହେଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ମରାମତି ଅଭାବରୁ ରାସ୍ତାରେ ଯାନ ବାହାନ ଯିବା ଦୂର କଥା ଚାଲି ଯିବା ମଧ୍ୟ କଷ୍ଟସାଧ ହୋଇପଡ଼ିଛି । ରାସ୍ତାର ଅବସ୍ଥା ବର୍ଷା ଦିନ କଥା ନକହିବା ଭଲ, ଖରା ଦିନର ଅଦିନିଆ ବର୍ଷାରେ ରାସ୍ତା ମଧ୍ୟରେ ସୃଷ୍ଟି ହୋଇଥିବା ଖାଲୁଅରେ ପାଣି ଜମି ଗାଡ଼ିଆର ଭ୍ରମ ସୃଷ୍ଟି ହେଉଛନ୍ତି । ରାସ୍ତାରେ ଥିବା ଚାରିଗୋଟି କଲଭର୍ଟର ଅବସ୍ଥା ଅତ୍ୟନ୍ତ ଦୟନୀୟ । ବ୍ରିଜ ତଳକୁ ଯାଇ ଦେଖିଲେ ଛାତାର ତଳ ଭାଗର ସିମେଣ୍ଟ ଝଡ଼ିଯିବା ସହ ଲୁହ ରଡ ଗୁଡ଼ିକ କଳଙ୍କି ଲାଗି ବିପଦ ପୂର୍ଣ୍ଣ ଅବସ୍ଥାରେ ରହିଅଛି । କେଉଁ ମୁହୂର୍ତ୍ତରେ ତାହା ଭୁଶୁଡ଼ି ଧନ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ଜଳ ଜଳ ଦେଖାଯାଉଛି । ପ୍ରତିଦିନ ଏହି ରାସ୍ତା ଉପରେ ଆଠ ଶହରୁ ଉର୍ଦ୍ଧ୍ୱ ପରିବାରର ବ୍ୟକ୍ତି ବୃନ୍ଦ କଲେଜକୁ ପାଠ ପଢ଼ି ଯିବାଆସିବା, ହସପିଟାଲକୁ ରୋଗୀ ଓ ଗର୍ଭବତୀ ମହିଳା ଯିବା ଆସିବା, ବେପାର ବଣିଜ ପାଇଁ ଯିବା ଆସିବା ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଯିବା ଆସିବା କରିଥାନ୍ତି । ରାସ୍ତା ଖରାପ ଯୋଗୁଁ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟିଥାଏ । ଜନସାଧାରଣ ମୁଖ୍ୟ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳ ପର୍ଯ୍ୟନ୍ତ ଦାବି ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ । ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କୁ ଜନସାଧାରଣ ଗୁହାରି ଜଣାଇଥିଲେ ମଧ୍ୟ ତାହା କେବଳ ପ୍ରତିଶୃତିରେ ରହିଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ହୋଇଥିବା ଯୋଗୁଁ ବିଧାୟକ ହାତ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରି ଖାଲ ଖମା ଗୁଡିକ ମରାମତି ହୋଇପାରନ୍ତା । ହେଲେ ତାହା ମଧ୍ୟ ସମ୍ଭବ ହୋଇପାରିନାହିଁ । ଏହି ରାସ୍ତା ଦୁରବସ୍ଥା ନେଇ ସର୍ବୋଚ୍ଚ ନ୍ୟାୟାଳୟର ଆଡଭୋକେଟ ତଥା ସାମାଜିକ କର୍ମୀ ସୁଶାନ୍ତ ମଲିକ, ଜାତୀୟ ମାନବାଧିକାର ଅଧ୍ୟକ୍ଷ ଓ ମେମ୍ବର ବୃନ୍ଦ ନୂଆଦିଲ୍ଲୀ ଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କରିବା ସହ ତାହା ଗ୍ରହଣ ହୋଇଥିବା ଜଣାପଡିଛି ।

## ଟ୍ରକ ଟ୍ୟାଙ୍କର ଧକ୍କା, ୨ ଚାଳକ ଗୁରୁତର

ପାଟଣା **୩/୫ (ନି.ପ୍ର):**ପାଟଣା ବ୍ଲକ ଅଞ୍ଚଳ ୪୯ ନଂ ଜାତୀୟ ରାଜପଥ ର ଡାବରଚୁଆ ନିକଟରେ ଶୁକ୍ରବାର ସକାଳ ସାଢ଼େ ୭ ଟା ସମୟରେ ଗୋଟିଏ କେମିକାଲ ବୋଝେଇ ଟ୍ୟାଙ୍କର ଟ୍ରକ କୁ ଧକ୍କା ଦେଇ ରାସ୍ତାରୁ ୫୦ ଫୁଟ ତଳକୁ ଚାଲିଯାଇଥିଲା । ଦୁର୍ଘଟଣା ରେ ୨ ଗାଡ଼ି ର ଚାଳକ ଗୁରୁତର ହୋଇଛନ୍ତି । ଟ୍ରକ ଚାଳକ ହରିଚନ୍ଦନପୁର ଥାନା ଧଗୋଠ ଗ୍ରାମ ର ବଳରାମ ମୁଣ୍ଡା ଙ୍କୁ ପ୍ରଥମେ କେନ୍ଦୁଝର ଓ ପରେ କଟକ ବଡ ଡାକ୍ତରଖାନା କୁ ସ୍ଥାନାନ୍ତର କରାଯାଇଛି । ଟ୍ୟାଙ୍କର ଚାଳକ ପଶ୍ଚିମ ବଙ୍ଗର ଶିବୁ ଦାସ ଓ ଜଣେ ସହାୟକ ଗୁରୁତର ହୋଇ କେନ୍ଦୁଝର ରେ ଚିକିତ୍ସାଧୀନ ଅଛନ୍ତି । ରଙ୍ଗ ରୁଟ ରେ ଆସି ଟ୍ୟାଙ୍କର ଟି ଟ୍ରକ କୁ ଧକ୍କା ଦେଇଥିଲା । ଗାଡ଼ି ରେ ଚାପି ହୋଇ ରହିଥିବା ଚାଳକ ଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ । ତୁରୁମୁଙ୍ଗା ପୁଲିସ ଦୁର୍ଘଟଣାର ତଦନ୍ତ କରିଛି ।

# ଜୀବନି ସାହିତ୍ୟକୁ ନେଇ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି ହୋଇପାରିବ ଚଲାପଥ ପକ୍ଷରୁ ଡାକ୍ତର ଶରତ ଚନ୍ଦ୍ର ମିଶ୍ରଙ୍କର ସଂଘର୍ଷ ଓ ସଫଳତା ପୁସ୍ତକର ଉନ୍ମୋଚନ ଉତ୍ସବ



ଭୁବନେଶ୍ୱର; ଜୀବନି ସାହିତ୍ୟକୁ ନେଇ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି ହୋଇପାରିବ, ଭାଷା, ସାହିତ୍ୟ ଓ ସଂସ୍କୃତି, ସାମାଜିକ ଓ ରାଜନୈତିକ ବ୍ୟକ୍ତିମାନଙ୍କ ଜୀବନର ଆଧାର ହୋଇଥାଏ। ରାଜନୀତି, ଭାଷା, ସାହିତ୍ୟ ଓ ସଂସ୍କୃତି ବ୍ୟକ୍ତିର ନୁହେଁ ଜନ ସମୂହର ବୋଲି ଚଲାପଥର ୫୧ତମ ହୀରକ ଜୟନ୍ତୀ ପ୍ରାରମ୍ଭ ବର୍ଷ ପାଳନ ଅବସରରେ ଡାକ୍ତର ଶରତ ଚନ୍ଦ୍ର ମିଶ୍ରଙ୍କ ସାରସ୍ୱତ ସୃଷ୍ଟି ସଂଘର୍ଷ ଓ ସଫଳତା ପୁସ୍ତକର ଉନ୍ମୋଚନ ଉତ୍ସବକୁ ଉଦ୍‌ଘାଟନ କରି ଓଡ଼ିଶାର ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଜ୍ଞ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ପ□ାନନ କାନୁନଗୋ କହିଲେ ଯେ ଜୀବନର ଅନୁଭବକୁ ନେଇ ବାସ୍ତବ ସାହିତ୍ୟ ସୃଷ୍ଟି ହୋଇଥାଏ । ରାଜନୈତିକ ଓ ସାମାଜିକ ଚିନ୍ତା ଓ ଚେତନାକୁ ନେଇ ସୃଷ୍ଟି ହେଉଥିବା ଜୀବନି ସାହିତ୍ୟ ହେଉଛି ନିଛକ ସତ୍ୟର ପ୍ରତିଫଳନ । ସାହିତ୍ୟିକମାନେ ସେମାନଙ୍କର କଲମ ମୁନରେ ରାଜନୈତିକ ଦୃଶ୍ୟପଟ୍ଟକୁ ମଧ୍ୟ ବଦଳାଇ ଦେଇପାରିବେ । ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ତଥା ନିର୍ଭୟ ସମ୍ବାଦ ପତ୍ରର ସମ୍ପାଦକ ନବୀନ ଦାସ କହିଲେ ଯେ ଶାସନ ଓ ପ୍ରଶାସନ କ୍ଷେତ୍ରରେ ଦେଖା ଦେଉଥିବା ବିଶୃଙ୍ଖଳାକୁ ସମ୍ବାଦପତ୍ର ମାନେ ଏକ ସକରାତ୍ମକ ଢଙ୍ଗରେ ଉପସ୍ଥାପିତ କରି ସମାଜର କଲ୍ୟାଣ ଲାଗି କାର୍ଯ୍ୟ କରିବା ଉଚିତ । ସାରସ୍ୱତ ସାଧକମାନଙ୍କର ଚଲାପଥ କୁସୁମିତ ନହେଲେ ସାହିତ୍ୟ, ସଂସ୍କୃତି ଓ ପ୍ରଗତୀର ନନ୍ଦୀଘୋଷ ଅଟକି ଯିବ। ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ତଥା ଓଡ଼ିଶା ସାମ୍ବାଦିକ ୟୁନିୟନର ସଭାପତି ପ୍ରସନ୍ନ ମହାନ୍ତି କହିଲେ ଯେ କଳା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ଓ ଉନ୍ନତି ଲାଗି ସରକାରଙ୍କର ଯେତିକି ଭୂମିକା ରହିଛି ସମ୍ବାଦ ପତ୍ର ମାନଙ୍କର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଜୀବନି ସାହିତ୍ୟ ପୁସ୍ତକ ଜନ ଜୀବନର ଚିନ୍ତା ଓ ଚେତନାକୁ ପ୍ରଭାବିତ କରିଥାଏ। ଭାଷା ଓ ସାହିତ୍ୟ ଶାସନ ଓ ପ୍ରଶାସନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଇଥାଏ। ଡାକ୍ତର ଶରତ ଚନ୍ଦ୍ର ମିଶ୍ରଙ୍କ ଲିଖିତ ପୁସ୍ତକ ସଂଘର୍ଷ ଓ ସଫଳତାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଚଲାପଥର ପ୍ରତିଷ୍ଠାତା ହଳଧର ଧୀର ଚଲାପଥର ୫୧ ବର୍ଷର ଦୀର୍ଘ ଯାତ୍ରାପଥର କାହାଣୀ ବର୍ଣ୍ଣନା କରିଥିଲେ। ଏହି ଉତ୍ସବରେ ସଂଘର୍ଷ ଓ ସଫଳତା ପୁସ୍ତକର ଲେଖକ ଡାକ୍ତର ଶରତ ଚନ୍ଦ୍ର ମିଶ୍ର ତାଙ୍କ ଜୀବନର ଦୀର୍ଘ ଯାତ୍ରାପଥର ସ୍ମୃତି ଓ ଅନୁଭୂତିକୁ ନେଇ ତାଙ୍କର ଏହି ଆତ୍ମ ଜୀବନି ସାହିତ୍ୟ ପୁସ୍ତକ ଜନ ଜୀବନରେ ପାଠକମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା ପ୍ରକାଶ କରିଥିଲେ । ଏହି ଉତ୍ସବରେ ଚଲାପଥର ସଭାପତି ବିଜୟଲକ୍ଷ୍ମୀ ମହାନ୍ତିପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ପଣ୍ଡା, ଚଲାପଥର ଉପସଭାପତି ତଥା ସ୍ମୃତିଲିପିର ସମ୍ପାଦକ ଭୁବନ ମୋହନ ମହାନ୍ତି, ପ୍ରଫେସର ଗୀତାଶ୍ରୀ ପ୍ରିୟମ୍ବଦା, ଯୋଗେନ୍ଦ୍ର କୁମାର ନାୟକ, ସାହିତ୍ୟିକା ଗିରୀଜା ମଞ୍ଜରୀ ପାଢ଼ୀ, ବୀଣାପାଣି ଚୌଧୁରୀ, ଅଧ୍ୟାପିକା ଗୀତାଞ୍ଜଳୀ ଦଳେଇ, ମଧୁସ୍ମିତା ଶା ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ଅତୀତ ଓ ବ□ିବାନର ସ୍ଥିତି ଓ ପ୍ରଗତି ଉପରେ ଆଲୋଚନା କରିଥିଲେ । ଉତ୍ସବରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଶତାଧିକ କବି ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ । ସାରସ୍ୱତ ପ୍ରତିଭା ସଲୀଳା ମହାନ୍ତି, ତରୁଣବାଳା ମହାପାତ୍ର, ବିଜୟ କୁମାର ଦାସ, ନଟବର ସାହାଣୀ, ବିକାଶ ରଂଜନ ଦାସ, ବୀଣାପାଣି ଚୌଧୁରୀ ପ୍ରମୁଖଙ୍କୁ ଚଲାପଥ ସମ୍ମାନ ପ୍ରଦାନ କରାଯାଇଥିଲା ।

# ସମ୍ବିଧାନ ବଞ୍ଚାଅ ଅଭିଯାନ ପାଇଁ କଂଗ୍ରେସ ଦଳର ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର : ଅଖିଳ ଭାରତକଂଗ୍ରେସକମିଟିର ପରିବର୍ଦ୍ଧିତକାର୍ଯ୍ୟକାରୀକମିଟିବୈଠକରନିଷ୍ପତ୍ତି ଅନୁଯାୟୀ ଦେଶବ୍ୟାପିକଂଗ୍ରେସ ଦଳ ତରଫରୁ ୪୦ ଦିନିଆ "ସମ୍ବିଧାନ ବଞ୍ଚାଅ ଅଭିଯାନ" କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାପାଇଁ ଅଖିଳ ଭାରତକଂଗ୍ରେସକମିଟି ପକ୍ଷରୁ ନିର୍ଦ୍ଦେଶ ଆସିଅଛି। ଏହିକ୍ରମରେଓଡ଼ିଶା ପ୍ରଦେଶ କଂଗ୍ରେସକମିଟି ଆପଣମାନଙ୍କ ଉପସ୍ଥିତିରେରାଜ୍ୟସ୍ତରୀୟସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମ ଗତ ୨୮ ତାରିଖ ଦିନ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ମଇ ୩ ତାରିଖଠାରୁ ୧୦ ତାରିଖମଧ୍ୟରେଜିଲ୍ଲାସ୍ତରୀୟ"ସମ୍ବିଧାନ ବଞ୍ଚାଅ ରାଲି" ଏବଂମଇ ୧୧ ତାରିଖଠାରୁମଇ ୧୭ ତାରିଖମଧ୍ୟରେବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ "ସମ୍ବିଧାନ ବଞ୍ଚାଅ ରାଲି" ଏବଂମଇ ୨୦ ତାରିଖଠାରୁମଇ ୩୦ ତାରିଖ ପର୍ଯ୍ୟନ୍ତ "ଘରକୁ ଘର ସଚେତନତାକାର୍ଯ୍ୟକ୍ରମ" ଅନୁଷ୍ଠିତ କରାଇବାକୁ ଅଖିଳ ଭାରତକଂଗ୍ରେସକମିଟିର ନିର୍ଦ୍ଦେଶରହିଅଛି।ଜିଲ୍ଲାସ୍ତରୀୟସମ୍ବିଧାନ ବଞ୍ଚାଅ ରାଲି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡ଼ିକୁସଫଳକରିବାପାଇଁ ପିସିସିସଭାପତିଶ୍ରୀଯୁକ୍ତଭକ୍ତ ଚରଣ ଦାସ ୫୮ ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତିକରିଛନ୍ତି।ଅନୁଗୁଳ ପାଇଁ ପୂର୍ବତନ ବିଧାୟକସୁବର୍ଣ୍ଣ ନାୟକ ଓ ଲଲାଟେନ୍ଦୁ ଦାସ, ବାଲେଶ୍ୱର ପାଇଁ ପୂର୍ବତନ ମହିଳା ଅଧ୍ୟକ୍ଷ ବନ୍ଦିତା ପରିଡ଼ା ଓ ପଦ୍ମାକରଗୁରୁ, ବରଗଡ଼ ପାଇଁ ପୂର୍ବତନ ବିଧାୟକଜାକବ ପ୍ରଧାନ ଓ ଫାରକୁ ମହମ୍ମଦ, ଭଦ୍ରକ ପାଇଁ ପୂର୍ବତନ ବିଧାୟକ ଦେବୀ ପ୍ରସାଦ ଚାନ୍ଦ ଓ ମାଗୁଣିଜେନା, ଭୁବନେଶ୍ୱର ପାଇଁ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ଓ ଜାନକୀବଲ୍ଲଭ ପଟ୍ଟନାୟକ, ବଲାଙ୍ଗୀର ପାଇଁବିଜୟାନନ୍ଦ ଚାଉଳିଆ, ବୌଦ୍ଧ ପାଇଁ ନକୁଳ ନାୟକ, କଟକ ନଗର ପାଇଁଲଲାଟେନ୍ଦୁମହାପାତ୍ର ଓ ମନୋଜବିଶ୍ୱାଳ, କଟକ ଗ୍ରାମ୍ୟ ପାଇଁଲଲାଟେନ୍ଦୁମହାପାତ୍ର ଓ ହିମାଂଶୁଲେଙ୍କା, ଦେଓଗଡ଼ ପାଇଁ ପୂର୍ବତନ ବିଧାୟକଶ୍ୟାମ ଚରଣ ହାଂସଦା ଓ ସଂଗ୍ରାମ ଦାସ, ଢେଙ୍କାନାଳ ପାଇଁଚିନ୍ମୟ ପ୍ରସାଦ ଦାସ ଓ ଅଭିଳାଷ ମାଣିଆ, ଗଞ୍ଜାମ ପୂର୍ବ ପାଇଁ ପ୍ରଦୀପ କୁମାର ଦାସ, ଗଞ୍ଜାମ ପଶ୍ଚିମ ପାଇଁ ପୂର୍ବତନ ବିଧାୟକ ଅର୍ନ୍ତଜ୍ୟାମି ବେହେରା ଓ ବିଜୟକୁମାର ପ୍ରଧାନ, ଗଜପତି ପାଇଁ ପୂର୍ବତନ ବିଧାୟକ ଡ. ତ୍ରିନାଥ ବେହେରା, ଜଗତସିଂହପୁର ପାଇଁରାଜକିଶୋରବାରିକ ଓ ସିର୍ଦ୍ଧାଥ ମହାନ୍ତି, ଯାଜପୁର ପାଇଁସୁର୍ଦଶନ ଦାସ ଓ ଆଲୋକ ମିଶ୍ର, ଝାରସୁଗୁଡ଼ା ପାଇଁସିଦ୍ଧାର୍ଥ ସ୍ୱରୂପ ଦାଶ, କଳାହାଣ୍ଡି ପାଇଁମନୋରଞ୍ଜନ ତ୍ରିପାଠୀ ଓ ଅଜିତ ଦାସ, କନ୍ଧମାଳ ପାଇଁହଳଧର ସେଠୀ, କେନ୍ଦ୍ରାପଡ଼ା ପାଇଁ ପଞ୍ଚାନନ ମଣ୍ଡଳ ଓ ସାନ୍ତାୟନ ମିଶ୍ର, କେନ୍ଦୁଝର ପାଇଁ ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ, ଖୋର୍ଦ୍ଧା ପାଇଁ ପୂର୍ବତନ ବିଧାୟକସୁଜୀତ ପାଢ଼ୀ ଓ ବାଙ୍କନିଧି ବେହେରା, କୋରାପୁଟ ପାଇଁ ପୂର୍ବତନ ବିଧାୟକ ନିମାଇଁସରକାର, ମୟୁରଭଞ୍ଜ ପାଇଁ ପୂର୍ବତନ ସାଂସଦ ଯଶୋବନ୍ତ ଲାଗୁରି, ମୟୁରଭଞ୍ଜ ପଶ୍ଚିମ ପାଇଁ ନଳନୀମହାନ୍ତି, ମାଲକାନଗିରି ପାଇଁ ଦ୍ୱାରିକାମହାପାତ୍ର ଓ ଲିପିକାମାଝୀ, ନବରଙ୍ଗପୁର ପାଇଁ ପୂର୍ବତନ ବିଧାୟକବଳଭଦ୍ର ମାଝୀ ଓ ପୁରୁଷୋତମ ଗୁପ୍ତା, ନୂଆପଡ଼ା ପାଇଁମୂରଲୀଧର ନାୟକ, ନୟାଗଡ଼ ପାଇଁୟାସିର ନଓ୍ୱାଜ, ପୁରୀ ପାଇଁମନୋରଞ୍ଜନ ଦାଶ ଓ ମନୋରଞ୍ଜନ ପଟ୍ଟନାୟକ, ରାୟଗଡ଼ା ପାଇଁ ଦ୍ରୌପଦୀ ମାଝୀ ଓ ପ୍ରଦୀପ ମହାପାତ୍ର, ରାଉରକେଲା ପାଇଁରାଜୁଷଡ଼ଙ୍ଗୀ ଓ ଏମଡି ଇମଦାଜ, ସମ୍ବଲପୁର ପାଇଁସନ୍ତୋଷସିଂସାଲୁଜା ଓ ସତ୍ୟନାରାୟଣ ଦେବତା, ସୁବର୍ଣ୍ଣପୁର ପାଇଁଗଣେଶସାହୁ ଓ ଆକବର ଖାନ, ସୁନ୍ଦରଗଡ଼ ପାଇଁମାନସମଲ୍ଲିକ ଓ ରଞ୍ଜନ ସେଠୀ ପ୍ରମୁଖ ପର୍ଯ୍ୟବେକ୍ଷକଭାବେ ନିଯୁକ୍ତହୋଇଛନ୍ତିବୋଲି ପିସିସିକାର୍ଯ୍ୟାଳୟସୂତ୍ରରୁ ପ୍ରକାଶ।

# ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି" ସହ ସହବନ୍ଧିତ ବିଭିନ୍ନ କର୍ମଚାରୀ ସଂଗଠନ ତରଫରୁ କ୍ୟାଣ୍ଡେଲ୍ ଶୋଭାଯାତ୍ରା




ଭୁବନେଶ୍ୱର, : ଜାମ୍ମୁ-କାଶ୍ମୀର ପହେଲଗାମରେ ଗତ ୨୨ ତାରିଖରେ ଆତଙ୍କବାଦୀ ଆକ୍ରମଣରେ ୨୭ଜଣ ପ୍ରାଣ ହରାଇଛନ୍ତି । ଆତଙ୍କବାଦୀମାନେ ନିରୀହ ଜନସାଧାରଣଙ୍କୁ ବର୍ବୋରଚିତ ଭାବରେ ଗୁଳି କରିବା ପୂର୍ବରୁ "ହିନ୍ଦୁ ନା ମୁସଲିମ୍" ପଚାରି ହିନ୍ଦୁମାନଙ୍କୁ ଗୁଳି କରିଥିଲେ । ମୃତ ୨୭ଜଣଙ୍କ ମଧ୍ୟରୁ ବାଲେଶ୍ୱରର ପ୍ରଶାନ୍ତ ଶତପଥି ଆତଙ୍କବାଦୀଙ୍କ ଗୁଳିର ଶିକାର ହୋଇ ପ୍ରାଣ ହରାଇଛନ୍ତି । ଏଭଳି ଅଭାବନୀୟ ଲୋମହର୍ଷଣକାରୀ ଦୁଃଖଦ ଘଟଣାକୁ ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ମାଷ୍ଟର କ୍ୟା□ନ୍ ଛକରେ ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରା କରି ମୃତ୍ୟୁବରଣ କରିଥିବା ପରିବାରର ମଙ୍ଗଳ କାମନା କରିବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ କୃଷ୍ଣ ନାୟକ, ଆଶିଷ ନନ୍ଦ, ଗଗନ ଭଞ୍ଜ, ସୁଧାଂଶୁ ପତି, କମଳା ଦାସ, ନିରଞ୍ଜନ ବାହିନୀପତି, ଅରୁଣ ପରିଡ଼ା ପ୍ରମୁଖ ବହୁ କର୍ମଚାରୀ ନେତା ସାମିଲ୍ ହୋଇଥିେ ।

# 'ମୋଦୀ ହମ ତୁହ୍ମାରା ସାଥ ହୈ'ଗର୍ଜ୍ଜିଲେ ମହିଳା ମଣ୍ଡଳ



ଟାଟାନଗର : ଜାମ୍ମୁ କାଶ୍ମୀର ପହଲଗାଓଁଠାରେ ଗତ ମଙ୍ଗଳବାର ଘଟିଥିବା ବର୍ବୋରଚିତ ଆକ୍ରମଣରେ ୨୬ଜଣ ପର୍ଯ୍ୟଟକଙ୍କୁ ଯେପରି ଭାବରେ ଧର୍ମଭିତ୍ତିକ ଆକ୍ରମଣ କରାଯାଇ ନୃଶଂସଭାବରେ ହତ୍ୟା କରାଗଲା, ତାହାରି ଆକ୍ରୋଶରେ ଭାରତର ପ୍ରତ୍ୟେକ ନାରୀମାନଙ୍କ ଭିତରେ ସତେ ଯେମିତି ନିଆଁ ଲାଗିଯାଇଛି, ଏଭଳି ଏକ ଦୃଶ୍ୟ ଦେଖାଦେଇଛି ଟାଟାନଗରର ନର୍ମଦା କଲୋନୀରେ। ଶୈଶବ ଇଣ୍ଡିଆ ଫାଉଣ୍ଡେସନ ତରଫରୁ ଟାଟା ନଗରରେ ରହୁଥିଭା ଭାରତର ବିଭିନ୍ନ ପ୍ରାନ୍ତରର ମହିଳାମାନେ ମୋହମବତୀ ଜଳାଇ ଶ୍ରଦ୍ଧାଞ୍ଜଳି ଦେଲେ, ଆଉ ଗର୍ଜ୍ଜିଲେ,ମୋଦୀ ହମ ତୁହ୍ମାରା ସାଥ ହୈ। ଦେଶ ଭକ୍ତିର ବିଭିନ୍ନ ପ୍ଲକାର୍ଡ ଧରି ୨ ମିନିଟ ନୀରବ ପ୍ରାର୍ଥନା କଲେ।ଏଥିରେ ସାମିଲ ଥିଲେ ଶୈଶବ ଇଣ୍ଡିଆ ଫାଉଣ୍ଡେସନର ମହା ସଚିବ ବୀଣାପାଣୀ ଜୟସିଂ, ସୁଦେଷ୍ଣା ଦେ,ଅବିରା ଚକ୍ରବର୍ତ୍ତୀ, ଶ୍ୱେତା ସିଂହ,ସୁଧା ଚଞ୍ଚଳ,ଆଶାପ୍ରକାଶ, ଟୁମ୍ପା ଗୋରାଇ,ଶାଳିନୀ ପସାଦ,ପ୍ରୀଥା ଦେ,ସେଲି କରମକାର,ନନ୍ଦୀତା ମଣ୍ଡଳ, ସୁଲଗ୍ନା ମଣ୍ଡଳ ପ୍ରମୁଖ ବହୁ ଆଗଧାଡ଼ିର ସଚେତନ ମହିଳାମାନେ। ଏ ଦୃଶ୍ୟ ଅତ୍ୟନ୍ତ ଭାବ ବିହ୍ୱଳ କରିଥିଲା ଏବଂ ଏହାର ପ୍ରଭାବ ସାରା ଟାଟାନଗରରେ ଗୁଞ୍ଜି ଉଠିଥିଲା।

# ପାରଳା ଗଜପତିଙ୍କ ଜନ୍ମ ଦିବସ ପାଳନ




ପାରଳା ମହାରାଜ କୃଷ୍ଣଚ୍ନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜନ୍ମ ଦିବସ ଉପଲକ୍ଷେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ସ୍ଥାନୀୟ ଏ.ଜି. ଛକ ନିକଟସ୍ଥ ଉକ୍ତ ବିଶିଷ୍ଟ ବରପୁତ୍ରଙ୍କ ପ୍ରତିର୍ମୂରେ ମାଲ୍ୟାର୍ପଣ ଏବଂ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମିଳନୀ କେନ୍ଦ୍ରୀୟ କମିଟିର ସାଧାରଣ ସମ୍ପାଦକ ଡ଼ା. ରାଧାନାଥ ପ୍ରହରାଜ ପୌରହିତ୍ୟ କରିଥିବା ବେଳେ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ତଥା ଜନସାଧାରଣ ଯୋଗ ଦେଇ ମହାରାଜାଙ୍କ ଗୁଣାବଳୀର ପ୍ରଶଂସା କରିଥିଲେ। ଏହି କ୍ରମରେ କୁହାଯାଇଥିଲା ଯେ, ମହାରାଜ ତାଙ୍କ ରାଜ୍ୟ ଅଂଚଳକୁ ଓଡ଼ିଶା ରାଜ୍ୟ ଅନ୍ତର୍ଭୁକ୍ତ କରିବା ପାଇଁ ବାରମ୍ବାର ଲଂଣ୍ଡନସ୍ଥ ଗୋଲ୍‌ଟେବୁଲ୍ ବୈଠକରେ ଯୋଗ ଦେଇଥିଲେ। ଏପରିକି ସେ ଏହି ଉଦ୍ଦେଶ୍ୟରେ ନିଜ ମା'ଙ୍କ ଗଳାର ହୀରାହାର ଲର୍ଡ଼ ମାଉ ବ୍ୟାଟେନ୍‌ଙ୍କ ସ୍ତ୍ରୀଙ୍କୁ ଉପହାର ଦେଇଥିଲେ ଯାହା ତାଙ୍କ ତ୍ୟାଗର ଏକ ବଳିଷ୍ଠ ନିଦର୍ଶନ ଅଟେ। ସେ ନିଜେ ଜଣେ ପ୍ରଜାବତ୍ସଳ ରାଜା ଭାବରେ ପ୍ରଜାମାନଙ୍କର ଉନ୍ନତି ପାଇଁ କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ ପ୍ରଭୃତି ଦିଗରେ ଗୁରୁତ୍ୱ ଦେଇଥିବା ବିଷୟରେ ବକ୍ତାମାନେ ମତପୋଷଣ କରିଥିଲେ। ତାଙ୍କପରି ଜଣେ ଜାତିପ୍ରେମି ରାଜାଙ୍କର ଅଧିକ, ପ୍ରଚାର ପ୍ରସାର କରାଯିବା ଆବଶ୍ୟକତା ଦୃଷ୍ଟିରୁ ସରକାର ଏଥିପ୍ରତି ଅଧିକ ଯତ୍ନବାନ ହେବାକୁ ମଧ୍ୟ ଦାବି ପ୍ରକାଶ ପାଇଥିଲା। ଏଥିପାଇଁ ଏହି ବିଶିଷ୍ଟ ବରପୁତ୍ରଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ତାଙ୍କ ରାଜବାଟୀର ରକ୍ଷଣାବେକ୍ଷଣ କରାଯିବା ପାଇଁ ଦୃଢ଼ ସ୍ୱର ଉତ୍ତୋଳନ ହୋଇଥିଲା। ଆଜି ଉପରୋକ୍ତ କାର୍ଯ୍ୟକ୍ରମରେ ସମ୍ମିଳନୀର ସଦସ୍ୟମାନଙ୍କ ସମେତ ଅନ୍ୟମାନଙ୍କ ମଧ୍ୟରେ ଡ଼ା. ବାନାମ୍ବର ପରିଡ଼ା, ତ୍ରିନାଥ ସାମନ୍ତରାୟ, ପଠାଣି ଜେନା, ମନ୍ମଥ ସାମନ୍ତରାୟ, ଭରତ କୁମାର ଜେନା, ବିର୍ ନାରାୟଣ ଦାଶ, ଯୁଗଳ କିଶୋର ନାୟକ, ବିର୍ ନାରାୟଣ ସାମନ୍ତରାୟ, ଗିରିଜା ଶଙ୍କର ମହାପାତ୍ର, ସବ୍ୟସାଚ୍ୀ ସାମନ୍ତରାୟ, ବୈରାଗୀ ସେଠୀ, କେଶବ ପାଇଲ ଓ ବିକାଶ ବେହେରା ପ୍ରମୁଖ ଯୋଗ ଦେଇଥିବା ବେଳେ ଇଂ. ଜିତେନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# କୃଷ୍ଣ ଚନ୍ଦ୍ର ଗଜପତି ସ୍ମୃତି ପରିଷଦ ଏବଂ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନ ତରଫରୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ସମାରୋହ



ବ୍ରହ୍ମପୁର, : ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ପ୍ରଥମ ପ୍ରଧାନ ମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ୧୩୪ତମ ଜୟନ୍ତୀ ଉତ୍ସବ ସ୍ଥାନୀୟ ଇଂଜିନିୟରିଂ ସ୍କୁଲ ଛକସ୍ଥିତ ରେଭେନ୍ୟୁ ଡାକବଙ୍ଗଳା ଠାରେ ସ୍ମୃତି ପରିଷଦ ଏବଂ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜୟନ୍ତୀ ସମାରୋହରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ରଜନୀତି ସମୀକ୍ଷକ ଜୟନ୍ତ କୁମାର ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ କୃଷ୍ଣଚନ୍ଦ୍ର ଚନ୍ଦ୍ର ଗଜପତିଙ୍କ ସ୍ୱତନ୍ତ୍ର ଓଡ଼ିଶା ଗଠନ ଏବଂ ଓଡିଆ ଭାଷା ସୁରକ୍ଷାରେ ଅବଦାନ ବିଷୟ ଉପରେ ବକ୍ତବ୍ୟ ରଖିଥିଲେ। ସ୍ମୃତି ପରିଷଦର ସଭାପତି ତଥା ସଂସ୍କୃତି ଗବେଷକ ଡଃ ବାୟାମନୁ ଚର୍ଚ୍ଚିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଏହି ଉତ୍ସବରେ ମୁଖ୍ୟ ବକ୍ତା ରୂପେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ରାଜନୀତି ବିଜ୍ଞାନର ପ୍ରଫେସର ସୁସାହିତ୍ୟିକ ଡଃ ବିଷ୍ଣୁ ଚରଣ ଚୌଧୁରୀ ଯୋଗଦେଇ ଅନ୍ୟ ରାଜ୍ୟରେ ଲୋକ ମାନଙ୍କ ଭାଷା ପ୍ରୀତି ଏବଂ ଓଡ଼ିଶାବାସୀଙ୍କ ଭାଷା ପ୍ରୀତି ଉପରେ ସମାଲୋଚନା କରିଥିଲେ। ଖଣ୍ଡ ବିଖଣ୍ଡିତ ଓଡିଶାର ଏକତ୍ରି କରଣରେ ମହାରାଜାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ନେତୃତ୍ୱ ଅଭାବ ସମୟରେ ମହାରାଜାଙ୍କ ସ୍ୱାଭିମାନ ଭରା ନେତୃତ୍ୱ ଯୋଗୁଁଭାଷା ଭି□ିରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଘୋଷିତ ହେଲା। ତାଙ୍କର ଉତ୍ସର୍ଗୀକୃତ ଜୀବନ, ମୂଲ୍ୟ ଭି□ିକ ରାଜନୀତି, ନାରୀ ଶିକ୍ଷା ଏବଂ ସଂସ୍କୃତ ଶିକ୍ଷାର ପ୍ରସାର ଉପରେ ତାଙ୍କର ଅବଦାନ ସ୍ମରଣ କରିଥିଲେ।

ସମ୍ମାନିତ ବକ୍ତା ରୂପେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଆ□ଳିକ ଉପ ନିର୍ଦ୍ଦେଶକ ବିଶିଷ୍ଟ ସାହିତ୍ୟିକ ଡଃ କୁଳମଣି ଓଝା ଯୋଗଦେଇ ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ପୂଣ୍ୟଶ୍ଳୋକ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ଏବଂ ଓଡିଆ ଭାଷା ସୁରକ୍ଷାରେ ତାଙ୍କର ବଳିଷ୍ଠ ଯୁକ୍ତି ଉପରେ ମତ ପ୍ରଦାନ କରିଥିଲେ। ବର୍ଷିଆନ୍ କବି ବାଗ୍ମି କୃଷ୍ଣଚନ୍ଦ୍ର ତ୍ରିପାଠୀ ମଧ୍ୟ ଯୋଗଦେଇ ଉଦବୋଧନ ଦେଇଥିଲେ। ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନର ସାଧାରଣ ସମ୍ପାଦକ କାମରାଜୁ ମହାରଣା ଅତିଥିମାନଙ୍କୁ ଆହ୍ୱାନ କରିଥିବା ବେଳେ ନବୀନର ସଂପାଦକ ତଥା ବରିଷ୍ଠ ସାମ୍ବାଦିକ ରବି ରଥ ସ୍ୱାଗତ ଭାଷଣ ଦେଇ ଉତ୍ସବର ବିବରଣୀ ପ୍ରଦାନ କରିଥିଲେ। ଏହି ଉତ୍ସବକୁ ନବୀନ ସାହିତ୍ୟ ପ୍ରତିଷ୍ଠାନର ସଂପାଦକ ସୁଶାନ୍ତ କର, ସାମ୍ବାଦିକ ରଂଜନ କୁମାର ସାହୁ, ପବିତ୍ର କୁମାର ସାହୁଙ୍କ ସମେତ ଗଂଜାମ ବିକାଶ ପରିଷଦର ସଭାପତି ରାଜେନ୍ଦ୍ର କୁମାର ପଣ୍ଡା, ଅବନୀ ଗୟା, ଶିକ୍ଷକ ନେତା ଶ୍ୟାମସୁନ୍ଦର ଖାଡ଼ଙ୍ଗା, ଶିକ୍ଷକ ମହାସଂଘ ସଂପାଦକ ଅଶୋକ କୁମାର ଦଳାଇ, ଜ୍ୟୋସ୍ନା ରାଣୀ ଦେବୀ, ପ୍ରମୋଦ କୁମାର ପଣ୍ଡା,ଡଃ ଶଙ୍କର ମାଝୀ,ଡଃ ସୁବ୍ରତ କୁମାର ସାହୁ, କାହ୍ନୁଚରଣ ପଣ୍ଡା, ଅଳକା ସାହୁ, ମାନସ ରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଶେଷରେ ପରିଷଦର ସମ୍ପାଦକ

# ଖୋର୍ଦ୍ଧାରୋଡ ଆରପିଏଫଙ୍କ ରେଳ ଷ୍ଟେସନରେ ଫ୍ଲାଗ ମାର୍ଚ୍ଚ





ଜଟଣୀ:- ସ୍ଥାନୀୟ ପୂର୍ବତଟ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଅଧିନରେ ଥିବା ବିଭିନ୍ନ ରେଳଷ୍ଟେସନ ମାନଙ୍କରେ ଶନିବାର ରେଳପଥ ସୁରକ୍ଷା ବଳ (ଆରପିଏଫ)ଙ୍କ ଦ୍ୱାରା ଫ୍ଲାଗ୍(ପତାକା) ମାର୍ଚ୍ଚ କରିଛନ୍ତି। ରେଳମଣ୍ଡଳ ମୁଖ୍ୟାଳୟ ଅଧିନ ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧାରୋଡ୍, କଟକ, ଭଦ୍ରକ, ଯାଜପୁର କେଉଁଝର ରୋଡ୍ ଷ୍ଟେସନ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣରୁ ଆରପିଏଫ ଜବାନମାନଙ୍କ ଦ୍ୱାରା ରେଳଯାତ୍ରୀଙ୍କ ନିରାପଦ ସହ ନିର୍ଭୟ ସୃଷ୍ଟି କରିବା ସ ?ହ ଅସାମାଜିକଙ୍କ ପାଇଁ ସତର୍କ ଘଣ୍ଟି ବଜାଇବା ସଦୃଶ ବୋଲି ଜଣେ ଜବାନ ମତବ୍ୟକ୍ତ କରିଛନ୍ତି। ଏହି ଫ୍ଲାଗ୍ ମାର୍ଚ୍ଚ ଷ୍ଟେସନରେ ଯେକୌଣସି ପ୍ରକାରର ଅପ୍ରୀତିକର ଉପାଦାନଙ୍କୁ ଜବତ ଓ ଅସାମାଜିକଙ୍କୁ ଗିରଫ କରିବା, ଯାତ୍ରୀମାନଙ୍କୁ ନିରାପଦ ସୃଷ୍ଟି କରି ଅସୁବିଧାମୁକ୍ତ ଯାତ୍ରା ପ୍ରଦାନ କରିବାରେ ରେଳପଥ ସୁରକ୍ଷା ବଳଙ୍କ ସଜାଗ ରହିବାର ଅଭିବ୍ୟକ୍ତିକୁ ସୂଚିତ କରିଥାଏ ବୋଲି ରେଳ ପ୍ରଶାସନ ତରଫରୁ ଜଣାଯାଇଛି। ରେଳଯାତ୍ରା ସମୟରେ ସମ୍ପୃକ୍ତ ଆରପିଏଫ୍ ଅଧିକାରୀ, ନିରୀକ୍ଷକ ଏବଂ କର୍ମଚାରୀମାନଙ୍କ ଦ୍ୱାରା ପତାକା ମାର୍ଚ୍ଚ କରାଯାଇଛି।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ